ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୫ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 15 September 2024
Vol.No. 35 ■ No.248 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ମୁଣ୍ଡ ନୁଆଁଇଲେ ମମତା

## ଜୁନିୟର୍ ଡାକ୍ତରଙ୍କୁ ଭେଟିଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ




କୋଲକାତା, ୧୪/୯ (ନି.ପ୍ର): କୋଲକାତା ଅଭୟାକାଣ୍ଡକୁ ନେଇ ଧାରଣାରେ ଥିବା ଜୁନିୟର୍ ଡାକ୍ତରଙ୍କୁ ଯାଇ ଭେଟିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଶେଷରେ ୩୫ ଦିନ ପରେ ମୁଣ୍ଡ ନୁଆଁଇଲେ ମମତା। କୋଲକାତା ଅଭୟାକାଣ୍ଡକୁ ନେଇ ଧାରଣାରେ ଥିବା ଜୁନିୟର୍ ଡାକ୍ତରଙ୍କୁ ଯାଇ ଭେଟିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ପ୍ରଥମ ଥର ପାଇଁ ସର୍ବସାଧାରଣରେ ଆଜି ଜୁନିୟର୍ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। ସ୍ୱାସ୍ଥ୍ୟ ଭବନ ବାହାରେ ଗଲା ୫ ଦିନ ଧରି ଖରା, ବର୍ଷାରେ ଧାରଣାରେ, ବିକ୍ଷୋଭ କରୁଥିବା ଡାକ୍ତରଙ୍କୁ ଆଜି ଭେଟି କାର୍ଯ୍ୟରେ ଯୋଗ ଦେବାକୁ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଅଭୟାଙ୍କୁ ନ୍ୟାୟ ଦେବାକୁ ସେ ପ୍ରତିଶ୍ରୁତିବଦ୍ଧ। ସିବିଆଇ ନିକଟରେ ସେ ଜୋରଦାର ଦାବି କରିଛନ୍ତି, ଅଭିଯୁକ୍ତକୁ ଫାଶୀ ଦେବାକୁ। ତେଣୁ ତାଙ୍କୁ ଆଉ କିଛି ସମୟ ଦିଆଯାଉ, ତଦନ୍ତ ସମ୍ପୂର୍ଣ୍ଣ ହେବ ବୋଲି ସେ ଡାକ୍ତରଙ୍କୁ ଆଶ୍ୱାସନା ଦେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ନିବେଦନ ପରେ ବି ଜୁନିୟର୍ ଡାକ୍ତର ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଗତକାଲି ଘଟଣାକୁ ନେଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଜୁନିୟର୍ ଡାକ୍ତର ସଂଘ। ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କୁ ମାମଲାରେ ହସ୍ତକ୍ଷେପ ପାଇଁ ନିବେଦନ କରିଥିଲେ । ପଶ୍ଚିମବଙ୍ଗ ସରକାରଙ୍କ ଉପରୁ ଭରସା ହରାଇଛନ୍ତି ଜୁନିୟର୍ ଡାକ୍ତର ସଂଘ । ତେଣୁ ସିଧାସଳଖ ମାମଲାରେ ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ହସ୍ତକ୍ଷେପ କରିବାକୁ ନିବେଦନ ଜଣାଇଥିଲେ ଡାକ୍ତର ।

# 'ସୁଭଦ୍ରା' ପାଇଁ ମଙ୍ଗଳବାର ଭୁବନେଶ୍ୱରରେ ସ୍କୁଲ୍, କଲେଜ ଛୁଟି



ଭୁବନେଶ୍ୱର, ୧୪/୯ (ନି.ପ୍ର): ରାଜ୍ୟରେ କ୍ଷମତାସୀନ ବିଜେପି ସରକାରର ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ଉପଲକ୍ଷେ ଆସନ୍ତା ୧୭ତାରିଖ ମଙ୍ଗଳବାର ଦିନ ୨ଟା ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ ଅଫିସ୍, ମାଜିଷ୍ଟ୍ରେଟ୍ କୋର୍ଟ ଛୁଟି ରହିବ । ତେବେ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ଶିକ୍ଷାନୁଷ୍ଠାନ ମଙ୍ଗଳବାର ସମ୍ପୂର୍ଣ୍ଣ ଛୁଟି ରହିବ । ଆଜି ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ ସୂଚନା ଦିଆଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ▶▶ପୃଷ୍ଠା ୭

# ବନ୍ଧା ହେଲେ ବିଜେପି ବିଧାୟକ: କଣ୍ଟ୍ରାକ୍ଟରଙ୍କୁ ଦେଇଥିଲେ ଧମକ

ନୂଆଦିଲ୍ଲୀ, ୧୪/୯ : କର୍ଣ୍ଣାଟକାର ବିଜେପି ବିଧାୟକ ମୁନିରତ୍ନଙ୍କୁ ଗିରଫ କରିଛି ପୁଲିସ୍। ସେ ଜଣେ କଣ୍ଟ୍ରାକ୍ଟରଙ୍କୁ ହତ୍ୟା ଧମକ ଦେଇଥିଲେ। ଏଥିସହ ତାଙ୍କୁ ଜାତିଗତ ଆକ୍ଷେପ କରିଥିଲେ। ଏଥିପାଇଁ ଆଜି ତାଙ୍କୁ କୋଲାର ଠାରୁ ଗିରଫ କରାଯାଇଛି । କଣ୍ଟ୍ରାକ୍ଟର ଚେଲଭାରାଜୁଙ୍କ ଅଭିଯୋଗକ୍ରମରେ ମୁନିରତ୍ନଙ୍କ ନାଁରେ ଦୁଇଟି ଏଫଆଇଆର ରୁଜୁ ହୋଇଥିଲା। ବେଙ୍ଗାଲୁରୁର ରାଜେଶ୍ୱରୀ ନଗରରୁ ବିଜୟୀ ହୋଇଥିବା ମୁନିରତ୍ନଙ୍କ ବିରୋଧରେ ସେ ଧମକ ଓ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ। ଏହାପରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ତାଙ୍କ ନାଁରେ ମାମଲା ହୋଇଥିଲା। ପ୍ରଥମ ମାମଲା ହତ୍ୟା ଧମକକୁ ନେଇ ରୁଜୁ ହୋଇଥିଲା। ଏଥିରେ ମୁନିରତ୍ନଙ୍କ ସହ ୪ ଜଣଙ୍କ ନାଁ ରହିଥିଲା। ଅଭିଯୁକ୍ତମାନେ ହେଲେ – ମୁନିରତ୍ନ, ତାଙ୍କ ସହଯୋଗୀ ଭିଜି କୁମାର, ତାଙ୍କ ସୁରକ୍ଷା ଅଧିକାରୀ ଅଭିଷେକ ଓ ଆଉ ଜଣେ ବସନ୍ତ କୁମାର। ଦ୍ୱିତୀୟ ମାମଲାଟି ଜାତିଗତ ଆକ୍ଷେପକୁ ନେଇ ମୁନିରତ୍ନଙ୍କ ବିରୋଧରେ ରୁଜୁ କରାଯାଇଥିଲା। ▶▶ପୃଷ୍ଠା ୭

# ଆଜି ପ୍ରବଳରୁ ଅତିପ୍ରବଳ ବର୍ଷିବ: ତିନି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ



ଭୁବନେଶ୍ୱର, ୧୪/୯ (ନି.ପ୍ର): ବାଂଲାଦେଶ ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ରାଜ୍ୟରେ କିଛି ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ସକାଳ ସାଢ଼େ ଆଠଟା ପର୍ଯ୍ୟନ୍ତ ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର କିଛି ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ତଥା ସ୍ଥାନେ ସ୍ଥାନେ ଅତି ଭୀଷଣ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ତିନି ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଏହି ସମୟ ମଧ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଦେବଗଡ଼, ସୁନ୍ଦରଗଡ଼, ଜଗତସିଂହପୁର, କଟକ, ନୟାଗଡ଼, ବୌଦ୍ଧ, ସମ୍ବଲପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଞ୍ଜାମ, ▶▶ପୃଷ୍ଠା ୭

# ସୀମାରେ ଏନକାଉଣ୍ଟର: ୨ ଯବାନ ଶହୀଦ, ୩ ଆତଙ୍କୀ ନିପାତ

ନୂଆଦିଲ୍ଲୀ, ୧୪/୯ : ଜମ୍ମୁ କଶ୍ମୀର ବାରମୁଲ୍ଲାରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ୩ ଜଣ ଆତଙ୍କବାଦୀ ନିପାତ ହୋଇ ଥିବାବେଳେ ଦୁଇ ଜଣ ଯବାନ ଶହୀଦ ହୋଇଛନ୍ତି। ଖବର ଅନୁସାରେ ଉତ୍ତର କଶ୍ମୀର ଜିଲ୍ଲାର ପଟ୍ଟାନ ଅଞ୍ଚଳରେ ଆତଙ୍କବାଦୀ ଲୁଚିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିବା ପରେ ଜମ୍ମୁ କଶ୍ମୀର ପୁଲିସ ଏବଂ ଭାରତୀୟ ସେନା ମିଳିତ ଅପରେସନ ଆରମ୍ଭ କରିଥିଲା। ତଲାସୀ ସମୟରେ ଆତଙ୍କବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରେ ଗୁଳିବିନିମୟ କରିଥିଲେ। ସୁରକ୍ଷାକର୍ମୀ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷରୁ ଗୁଳିବିନିମୟ ଚାଲିଥିଲା। ଏଥିରେ ତିନି ଜଣ ଆତଙ୍କୀ ନିପାତ ହୋଇଛନ୍ତି। ସେହିପରି ସୁରକ୍ଷାକର୍ମୀ ମଧ୍ୟ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣ ଶହୀଦ ହୋଇଥିବା କୁହାଯାଉଛି। ଆତଙ୍କବାଦୀଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଗତକାଲି ରାତିରେ ଏହି ଅପରେସନ ହୋଇଥିଲା। ଏବେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି। ଅନ୍ୟପଟେ ଗତକାଲି ମଧ୍ୟ କଠୁଆ ଅଞ୍ଚଳରେ ଏନକାଉଣ୍ଟର ହୋଇଥିଲା। ସେନାର ରାଇଜିଂ ଷ୍ଟାର କର୍ପସ ୟୁନିଟର ସୈନ୍ୟମାନେ ଦୁଇ ଜଣ ଆତଙ୍କବାଦୀଙ୍କୁ ସଫା କରିଥିଲେ। କିଛି ଦିନ ହେବ ଜମ୍ମୁ କଶ୍ମୀରରେ ଆତଙ୍କୀ ହମଲା ବୃଦ୍ଧି ପାଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଜନତା ମଇଦାନରେ ସମୀକ୍ଷା

ଭୁବନେଶ୍ୱର, ୧୪/୯ (ନି.ପ୍ର): ଆଗାମୀ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପାଇଁ ଜନତା ମଇଦାନରେ ସୁରକ୍ଷା ଓ ଅନ୍ୟ ବ୍ୟବସ୍ଥାକୁ ନେଇ ସମୀକ୍ଷା କରାଯାଇଛି । ଗୃହ ସଚିବ ସତ୍ୟବ୍ରତ ସାହୁ, ମହିଳା ଓ ଶିଶୁ କଲ୍ୟାଣ ସଚିବ ଶୁଭା ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ପୋଲିସ କମିଶନର ସଂଜୀବ ପଣ୍ଡା, ଡିସିପି ପ୍ରତୀକ ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି । ଏସ ପି ଜି ଅଧିକାରୀ ମଧ ପହଂଚି ସଚିବ ମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପ୍ରସ୍ତୁତି ନେଇ ଆଲୋଚନା କରୁଛନ୍ତି । ଆସନ୍ତା ୧୭ ରେ ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତରେ ଆସୁଛନ୍ତି। ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ।

# ନିଜ ଜନ୍ମ କଲା ମାଆକୁ ହତ୍ୟା କଲା ସଇତାନ ପୁଅ

କଟକ, ୧୪/୯ (ନି.ପ୍ର): କଟକ ମହାନଦୀବିହାରରେ ଚଞ୍ଚଲ୍ୟ । ନିଜ ଜନ୍ମ କଲା ମାଆକୁ ହତ୍ୟା କଲା ସଇତାନ ପୁଅ। ମାଆକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କଲା ପୁଅ। ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଘରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ଖବର ପାଇ ଚାଉଳିଆଗଞ୍ଜ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ୨ ପୁଅ ଥିବା ବେଳେ ବଡ ପୁଅକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି।

# ୧୭ରେ ଗଡ଼ିବ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଟ୍ରେନ୍: ମୋଦି କରିବେ ଶୁଭାରମ୍ଭ



ଭୁବନେଶ୍ୱର, ୧୪/୯ (ନି.ପ୍ର): ଆସନ୍ତା ୧୭ ତାରିଖରେ ଗଡ଼ିବ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଟ୍ରେନର ଶୁଭାରମ୍ଭ କରିବେ। ତେବେ ଏହି ଟ୍ରେନ ଓଡ଼ିଶାର ଖରିଆର ରୋଡ, କଣ୍ଟାବାଞ୍ଜି, ଟିଟିଲାଗଡ଼, କେସିଙ୍ଗା ଓ ରାୟଗଡ଼ାରେ ରହି କରି ବିଶାଖାପାଟଣାରେ ପହଞ୍ଚିବ। ଏହା ପୂର୍ବରୁ ସମ୍ବଲପୁର ଡିଆରଏମ ତୁଷାରକାନ୍ତ ପାଣ୍ଡେ ଟିଟିଲାଗଡ଼ ରେଳ ଷ୍ଟେସନରେ ପହଞ୍ଚି ସମୀକ୍ଷା କରିଛନ୍ତି। ଏହି ଟ୍ରେନ ଗଡ଼ିବା ଦ୍ୱାରା ବିଶେଷ କରି ପଶ୍ଚିମ ଓଡ଼ିଶାର ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ାର ଲୋକେ ସୁବିଧା ପାଇବେ। ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ ଦକ୍ଷିଣ ଓଡ଼ିଶାର ରାୟଗଡ଼ାରେ ରହଣି କରିବ। ସୂଚନାଯୋଗ୍ୟ, ନିଜ ଜନ୍ମଦିନରେ ଅର୍ଥାତ୍ ଆସନ୍ତା ୧୭ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ରାଜ୍ୟର ବିଜେପି ସରକାରଙ୍କ 'ସୁଭଦ୍ରା' ଯୋଜନା ସହ ବିଭିନ୍ନ ସରକାରୀ ଯୋଜନା ଓ ପ୍ରକଳ୍ପର ଶୁଭାରମ୍ଭ କରିବେ। ଏହାସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ର ୧୦ଲକ୍ଷ ହିତାଧିକାରୀଙ୍କୁ 'ଘର ମଞ୍ଜୁରୀ ପତ୍ର', ୨୬ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଂଟନ ସହ 'ଆବାସ+ ୨୦୨୪'ର ଆପ୍ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

# ୧୮ରେ ରତ୍ନଭଣ୍ଡାର ନିରୀକ୍ଷଣ କରିବେ ଏଏସ୍ଆଇ: ଅପରାହ୍ନ ୧ଟାରୁ ସାଧାରଣ ଦର୍ଶନ ବନ୍ଦ



ପୁରୀ, ୧୪/୯ (ନି.ପ୍ର): ଆସନ୍ତା ୧୮ ତାରିଖରେ ଏଏସ୍ଆଇ ଶ୍ରୀମନ୍ଦିର ରତ୍ନଭଣ୍ଡାରର ନିରୀକ୍ଷଣ କରିବାକୁ ଥିବା ବେଳେ ଏଥିଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ସେହିଦିନ ଯେଭଳି ଶ୍ରୀଜିଉଙ୍କ ନୀତିକାନ୍ତି ବା ସେବାପୂଜାରେ ବ୍ୟାଘାତ ନହେବ ସେଥିଲାଗି ବିଶେଷ ନୀତି ନିର୍ଘଣ୍ଟ କରାଯାଇଛି। ସେପ୍ଟେମ୍ବର ୧୮ ତାରିଖ ବୁଧବାର ଦିନ ପାଇଁ ହୋଇଥିବା ବିଶେଷ ନୀତି ନିର୍ଘଣ୍ଟ ଅନୁସାରେ ଦିନ ଗୋଟାଏଠାରୁ ନିରୀକ୍ଷଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ତେବେ ମହାପ୍ରସାଦ କିଣିବାକୁ ଇଚ୍ଛୁକ ଥିବା ଭକ୍ତ ସିଂହଦ୍ୱାର ଦେଇ ବାଇଶି ପାହାଚରେ ପ୍ରବେଶ କରି ଆନନ୍ଦ ବଜାରରୁ ମହାପ୍ରସାଦ କିଣିପାରିବେ। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ଏଏସଆଇ ରତ୍ନଭଣ୍ଡାର ନୀରିକ୍ଷଣ କରିବେ। ପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମୋଦିତ ଝଙଚ ଅନୁସାରେ ବାହାର ଓ ଭିତର ରତ୍ନଭଣ୍ଡାରରୁ ସମସ୍ତ ଅଳଙ୍କାର ଅସ୍ଥାୟୀ ଷ୍ଟ୍ରଙ୍ଗ୍ ରୁମକୁ ସ୍ଥାନାନ୍ତରଣ କରାଯାଇଛି। ଏଥିସହ ଖାଲି ଆଲମିରା ▶▶ପୃଷ୍ଠା ୭

# 'ସୁଭଦ୍ରା' ଆବେଦନ ପାଇଁ ଟଙ୍କା ନେଇ ବନ୍ଧା ହେଲା




ବଲାଙ୍ଗିର, ୧୪/୯ (ନି.ପ୍ର): 'ସୁଭଦ୍ରା' ଫର୍ମ ପୂରଣ ପାଇଁ ମହିଳାଙ୍କଠାରୁ ଟଙ୍କା ନେବା ମହଙ୍ଗା ପଡ଼ିଛି। ଗିରଫ ହୋଇଛି ଉଝଉର ଜଣେ କର୍ମଚାରୀ। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଥାନା ପୁଲିସ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। 'ସୁଭଦ୍ର' ଯୋଜନ ଫର୍ମ ଆବେଦନ ସମ୍ପୂର୍ଣ୍ଣ ମାଗଣା ରହିଛି। ଏହା ସତ୍ତ୍ୱେ ଟିଟିଲାଗଡ ମନିଗାଁରେ ଥିବା ଜନସେବା କେନ୍ଦ୍ରର କର୍ମଚାରୀ ଆକାଶ ସାହୁ ସୁଭଦ୍ରା ଯୋଜନା ଫର୍ମ ଆବେଦନ ପାଇଁ ଜଣାକୁ ୧୩୦ ଟଙ୍କା ଲେଖାଏଁ ନେଉଥିଲେ। ଏନେଇ ଟିଟିଲାଗଡ଼ ବିଡିଓ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରି ଆକାଶକୁ ଗିରଫ କରିଥିଲା। 'ସୁଭଦ୍ରା' ଯୋଜନା ଫର୍ମ ପୂରଣ ପାଇଁ ସେ ଟଙ୍କା ନେଉଥିବା ପୁଲିସ୍ ପାଖରେ ସ୍ୱୀକାର କରିଛି। ଏନେଇ ସୂଚନା ଦେଇଛନ୍ତି ଟିଟିଲାଗଡ ଏସଡିପିଓ ଅଙ୍କିତା କୁମ୍ଭାର। ଏସ୍ଡିପିଓଙ୍କ କହିବା ଅନୁସାରେ ପ୍ରାଥମିକ ତଦନ୍ତରୁ ଆକାଶ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏବେ ମଧ ଘଟଣାର ତଦନ୍ତ ଚାଲିଛି। ▶▶ପୃଷ୍ଠା ୭

# ବିଜେଡିର ପିଛା ଛାଡୁନି ଗୋଷ୍ଠୀ କନ୍ଦଳ: ସଂଗଠନ ସଜାଡ଼ିବାକୁ ଦଳପତିଙ୍କ ଘନ ଘନ ଉଦ୍ୟମ



ଭୁବନେଶ୍ୱର, ୧୪/୯ (ନି.ପ୍ର): ତୀବ୍ର ହେଉଛି ଜଗତସିଂହପୁର ବିଜେଡି କନ୍ଦଳ । ଗୋଟିଏ ଗୋଷ୍ଠୀର କର୍ମୀ ସମ୍ମିଳନୀର କାଉଣ୍ଟରରେ ଅପର ଗୋଷ୍ଠୀର ପ୍ରେସମିଟ୍ । ଢୋଲ-ମୂଷା ଆରୋପ ପ୍ରତ୍ୟାରୋପ । ପୂର୍ବତନ ବିଧାୟକ ସମ୍ବିତ ରାଉତରାୟଙ୍କ ବିରୋଧରେ ମେଳି ବାନ୍ଧି ପ୍ରବଳ ବିରୋଧ ଜାରି ରଖିଛନ୍ତି ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ । ଦୁଇଦିନ ତଳେ ସାଙ୍ଗଠନିକ ବୈଠକ ଡାକି ସମ୍ବିତଙ୍କ ବିରୋଧରେ ସ୍ୱରକୁ ଶାଣିତ କରିଛନ୍ତି ବସନ୍ତ । କହିଛନ୍ତି- ସମ୍ବିତ ନିଜେ ବାପି ସର୍ଖେଲଙ୍କ ପରି ବଡ଼ ମୂଷାକୁ ଦଳକୁ ଆଣି ଢୋଲ ଫଟାଇ ଏବେ ଢୋଲ ଭିତରେ ମୂଷା ଉପାଖ୍ୟାନ ଶୁଣାଉଛନ୍ତି । ଏଭଳି ସ୍ଥିତିରେ ବଢୁଥିବା କନ୍ଦଳରେ ବ୍ରେକ୍ ଦେବାକୁ କାଲି ସୁପ୍ରିମୋ ନବୀନ ଜିଲ୍ଲାର ବଡ଼ ବଡ଼ ନେତାଙ୍କୁ ଡାକି ବୈଠକ କରିଥିଲେ, ▶▶ପୃଷ୍ଠା ୭

# ବର୍ଷାରେ ବେହାଲ୍ ଆଗ୍ରା: ତାଜମହଲ ମୁଖ୍ୟ ଗମ୍ବୁଜରୁ ଗଳୁଛି ପାଣି



ନୂଆଦିଲ୍ଲୀ, ୧୪/୯ : ବିଶ୍ୱପ୍ରସିଦ୍ଧ ତାଜମହଲ ମୁଖ୍ୟ ଗମ୍ବୁଜରୁ ଗଳୁଛି ପାଣି। ଲଗାଣ ବର୍ଷା ଯୋଗୁ ଗମ୍ବୁଜରୁ ପାଣି ଗଳୁଥିବା ଜଣାପଡିଛି। ସେହିପରି ପ୍ରବଳ ବର୍ଷା ଯୋଗୁ ତାଜମହଲ ଚତୁଃପାର୍ଶ୍ୱ ମଧ ଜଳାର୍ଣ୍ଣବ ହୋଇଯାଇଛି। ପ୍ରବଳ ବର୍ଷାରେ ବେହାଲ୍ ଅନେକ ରାଜ୍ୟ। ଉତ୍ତରପ୍ରଦେଶର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିଛି। ଗତ ତିନି ଦିନ ଧରି ଆଗ୍ରାରେ ଲଗାତାର ବର୍ଷା ଜାରି ରହିଛି । ପରିସ୍ଥିତି ଏପରି ହୋଇଛି ଯେ ବିଶ୍ୱପ୍ରସିଦ୍ଧ ତାଜମହଲ ମୁଖ୍ୟ ଗମ୍ବୁଜରୁ ଗଳୁଛି ପାଣି। ଲଗାଣ ବର୍ଷା ଯୋଗୁ ଗମ୍ବୁଜରୁ ପାଣି ଗଳୁଥିବା ଜଣାପଡିଛି। ସେହିପରି ପ୍ରବଳ ବର୍ଷା ଯୋଗୁ ତାଜମହଲ ଚତୁଃପାର୍ଶ୍ୱ ମଧ ଜଳାର୍ଣ୍ଣବ ହୋଇଯାଇଛି। ଶାହାଜାହାନଙ୍କ କବରରେ ମଧ ପାଣି ପଶିଥିବା କୁହାଯାଉଛି। ଏହା ଜଣାପଡ଼ିବା ପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଇଝଓ ପକ୍ଷରୁ ନିରୀକ୍ଷଣ ଆରମ୍ଭ ହୋଇଛି। ତେବେ ଏଥି ଯୋଗୁ କିଛି କ୍ଷତି ହୋଇନାହିଁ ବୋଲି ଇଝଓ ପକ୍ଷରୁ କୁହାଯାଇଛି। କେଉଁ ସ୍ଥାନରୁ ପାଣି ଗଳୁଛି ତାହାର ଅନୁଧ୍ୟାନ କରାଯାଉଥିବା ସୁପରିଣ୍ଟେଣ୍ଡିଂ ଆର୍କେଲୋଜିଷ୍ଟ ରାଜକୁମାର ପଟେଲ କହିଛନ୍ତି। ମୁଖ୍ୟ ସମାଧି ସୌଧ ଭିତରେ ଆର୍ଦ୍ରତା ରହିଥିବା ଜଣାପଡ଼ିଛି। ଗମ୍ବୁଜରେ ସୂକ୍ଷ୍ମ ଫାଟ ଯୋଗୁ ପାଣି ଗଳୁଥିବା ସନ୍ଦେହ କରାଯାଉଛି। ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ଆର୍କିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ ଏଏସ୍ଆଇ ଆଗ୍ରା ଡିଭିଜନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଡ୍ରୋନ୍ କ୍ୟାମେରା ମାଧ୍ୟମରେ ଆମେ ମୁଖ୍ୟ ଗମ୍ବୁଜ ଯାଞ୍ଚ କରିଛୁ। ଗୁରୁବାର ୨୦ ସେକେଣ୍ଡର ଏକ ଭିଡିଓ ଇଣ୍ଟରନେଟରେ ଭାଇରାଲ ହୋଇଛି ଯେଉଁଥିରେ ▶▶ପୃଷ୍ଠା ୭

# ସୁଭଦ୍ରା ଯୋଜନାର ଆବେଦନ ପ୍ରକ୍ରିୟାକୁ ତଦାରଖ ନିମନ୍ତେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ

ଭବାନୀପାଟଣା, ୧୪/୦୯ (ନି.ପ୍ର):ସରକାରଙ୍କ ଯୁଗାନ୍ତକାରୀ ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲ୍ଲାସାରା ଆବେଦନ ପ୍ରକ୍ରିୟା ଚାଲୁରହିଛି । ଜିଲ୍ଲାର ୨୧ବର୍ଷରୁ ଉର୍ଦ୍ଧ ୬୦ ବର୍ଷରୁ କମ ବୟସ୍କ ମହିଳା ଯାହାଙ୍କ ବାର୍ଷିକ ପାରିବାରିକ ଆୟ ୨ ଲକ୍ଷ ୫୦ ହଜାରରୁ କମ ହୋଇଥିବ, ସେମାନେ ଆବେଦନ କରିବା ପାଇଁ ଉତ୍ସାହିତ କରାଯାଉଛି । ଜିଲ୍ଲାପାଳ ଶ୍ରୀ ପାଣ୍ଡ୍ୱାର ସଚିନ ପ୍ରକାଶଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟପନ୍ଥା ହାତକୁ ନିଆଯାଉଛି । ଏନେଇ ଅନଲାଇନରେ ଆବେଦନ ପ୍ରକ୍ରିୟାକୁ ତଦାରଖ କରିବା ନିମନ୍ତେ ଜିଲ୍ଲାପାଳ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନଙ୍କୁ ବିଭିନ୍ନ ବ୍ଲକ ଗୁଡିକର ନୋଡାଲ ଅଫିସର ଭାବେ ଦାୟିତ୍ୱ ବଂଟନ କରିଛନ୍ତି । ଅତିରକ୍ତ ଜିଲ୍ଲାପାଳ ( ସାଧାରଣ ) ତନ୍ମୟ ଦରୱାନ ଜିଲ୍ଲାର କେସିଙ୍ଗା ବ୍ଲକକୁ ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ସେହିପରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତ୍ରିଲୋଚନ ପାତ୍ର ଭବାନୀପାଟଣା ବ୍ଲକ, ଉପ ଜିଲ୍ଲାପାଳ ଧର୍ମଗତ ଧୀମାନ ଚକ୍ମା ଧର୍ମଗଡ଼, ଗୋଲାମୁଣ୍ଡା ବ୍ଲକ, ଉପ ଜିଲ୍ଲାପାଳ ଭବାନୀପାଟଣା ଜୟଦେବ ଦାସ ଦାସ କାର୍ଲାମୁଣ୍ଡା ବ୍ଲକ। ସେହିପରି, ପିଡି ଡୁଡା ଜୁନାଗଡ଼, କଳମପୁର ବ୍ଲକ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଥୁଆମୂଳ ରାମପୁର ବ୍ଲକ, ଡି ପି ସି,ମିଶନ ଶକ୍ତି ଲାଞ୍ଜିଗଡ଼ ବ୍ଲକ,ଡି ପି ଏମ୍, ଓ ଏଲ୍ ଏମ, ଜୟପାଟଣା ବ୍ଲକ,ଡି ଏସ୍ ଡବ୍ଲ୍ୟୁ ଓ ଏବଂ ଡି ପି ସି ମମତା କୋକସରା ବ୍ଲକ ନୋଡାଲ ଅଫିସର ଭାବେ ତଦାରଖ ପାଇଁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାର ସମସ୍ତ ୨୩୬୩ ଅଙ୍ଗନବାଡ଼ି କେନ୍ଦ୍ରରେ ସୁଭଦ୍ରା ଯୋଜନା ପାଇଁ ଆବେଦନ ଫର୍ମ ମିଳୁଥିବା ବେଳେ, ମୋଟ ୧୫୬୨ ଜନସେବା କେନ୍ଦ୍ର, ୧୩୯ଟି ମୋ ସେବା କେନ୍ଦ୍ରରେ ଜିଲ୍ଲାର ମହିଳା ମାନେ ଆବେଦନ କରୁଛନ୍ତି କ୍ଷ ସୂଚନା ଥାଉକି, ଯୋଗ୍ୟ ମହିଳା ମାନଙ୍କୁ ପାଂଚ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ । ପ୍ରତ୍ୟେକ ବର୍ଷ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏଁ ଦିଆଯିବ । ଜିଲ୍ଲାରେ ସୁଭଦ୍ରା ଯୋଜନା ସମ୍ପର୍କରେ ବ୍ୟାପକ ଜନ ସଚେତନତା ପାଇଁ ସାତ ଗୋଟି ସଚେତନତାରଥ ଜିଲ୍ଲାର ବିଭିନ୍ନ ବ୍ଲକରେ ଗତ ୭ ତାରିଖରୁ ଆରମ୍ଭ କରି ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବ୍ୟାପକ ପ୍ରସାର ପ୍ରଚାର ସହ ସମସ୍ତଙ୍କୁ ସଚେତନତା ବାର୍ତ୍ତା ଦେଉଛନ୍ତି, ଲିଫଲେଟ, ବେନର, ୱାଲ୍ ପେଂଟିଙ୍ଗ, ହୋର୍ଡିଂ ମାଧ୍ୟମରେ ମଧ୍ୟ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନତା ବାର୍ତ୍ତା ସୂଚନା ଦିଆଯାଉଛି। ସୁଭଦ୍ରା ଯୋଜନା ଆବେଦନକାରୀଙ୍କ ଫର୍ମ ଗ୍ରହଣ କରୁଥିବା କେନ୍ଦ୍ର ଗୁଡିକ ଜିଲ୍ଲାପାଳ ଶ୍ରୀ ପାଣ୍ଡ୍ୱାର ସଚିନ ପ୍ରକାଶ ପରିଦର୍ଶନ କରି ଏହାର ସୁଚାରୁରୂପେ ପରିଚାଳନା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖବର ସଂଗ୍ରହ ବେଳକୁ ଜିଲ୍ଲାର ୧୯୧୫୨୨ ରୁ ଅଧିକ ଆବେଦନକାରୀ ଏଥି ନିମନ୍ତେ ଆବେଦନ କରିସାରିଥିବା ବିଭାଗୀୟ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି ।

## ଦେଶୀ ମଦ ଚାଲାଣ ବେଳେ ଚଢାଉ: ୨ ଗିରଫ

ଜୟପୁର, ୧୪/୦୯ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଆବକାରି ବିଭାଗ ଚଢ଼ାଉ କରି ୨ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ କଳାଗୁଡାର ବିପିନ ହିଆଲ ଓ ଅନ୍ତା ଗ୍ରାମର ଦେବ ହରିଜନ । ଅବକାରି ବିଭାଗ ସୁଚନା ଅନୁଯାଇ ଏକ ନିମ୍ବର ବିହିନ ବାଇକରେ ଦେଶି ମଦ ଚାଲାଣ ହେଉଥିବା ବେଳେ ଉମୁରି ନିକଟରେ ଜୟପୁର ଅବକାରି ନିରିକ୍ଷକ କାଯ୍ୟାଳୟ ତରଫରୁ ଚଢାଉ କରାଯାଇଛି । ଚଢାଉ କରି ୬୦ ଲିଟର ଦେଶି ମଦ ଓ ବାଇକ କୁ ଜବତ କରାଯାଇଥିବା ବିଷୟ ଜୟପୁର ଅବକାରି ନିରିକ୍ଷକ ଶଶି କାନ୍ତ ଦତ ସୁଚନା ଦେଇଛନ୍ତି । ସେହିପରି ଅନ୍ତା ରାସ୍ତାରେ ଚଢାଉ କରି ଦେବ ହରିଜନ କୁ ଗିରଫ କରି ୩୬ ଲିଟର ଦେଶି ମଦ ଜବତ କରି ଥିବା ବିଷୟ ଜୟପୁର ଅବକାରି ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

# ଓସିଏ ଜାରି ଲିଷ୍ଟରେ କୋରାପୁଟ ଜିଲ୍ଲା ବାଦ୍ ଘଟଣା: ସୁବାଷ ଓ ରବି ମୁହାଁମୁହିଁ

ଜୟପୁର, ୧୪/୦୯ (ନି.ପ୍ର): କୋରାପୁଟ ଜିଲ୍ଲା ଓସିଏ ତରଫରୁ ଆୟୋଜିତ ହେବାକୁ ଥିବା ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଂଟରେ କୋରାପୁଟ ଜିଲ୍ଲାକୁ ବାଦ୍ ଦିଆଯାଇଥିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ କରିବା ସହ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି କୋରାପୁଟ ଜିଲ୍ଲାର ଜଣେ ଦକ୍ଷ ତଥା ଜଣାଶୁଣା କ୍ରିକେଟ ଖେଳାଳୀ ସୁବାଷ ରାଉତ। ଆଜି ସୁବାଷ ତାଙ୍କ ଏସ୍ ଆର୍ ମୋହଲ ରେ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ଓସିଏ ତରଫରୁ ଆୟୋଜିତ ହେବାକୁ ଥିବା ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଂଟର ତାଲିକାରେ କୋରାପୁଟ ଜିଲ୍ଲାର ନାମ ନାହିଁ।ଯାହା କି କୋରାପୁଟ ଜିଲ୍ଲାର ଖେଳାଳିଙ୍କ ମନରେ ଏହା ଜାଣିଲା ପରେ ଶକ୍ତ ଆଘାତ ଲାଗିଛି। ଜିଲ୍ଲାରେ ଚାଲିଛି ମନମୁଖୀ କାର୍ଯ୍ୟ ବୋଲି ସେ କହିଛନ୍ତି। ଦୀର୍ଘ ୨୫ ରୁ ୩୦ ବର୍ଷ ହେବ ୨ ରୁ ୩ ଜଣ ବ୍ୟକ୍ତି ଜିଲ୍ଲାର ସମସ୍ତ ଖେଳର ଦାୟିତ୍ୱ ବହନ କରୁଛନ୍ତି। କିନ୍ତୁ ବତମାନ ଜିଲ୍ଲାର କୌଣସି ଆସୋସିଏସନ୍ ଅଛି କି ନାହିଁ ଆମେ ଜାଣି ନାହୁଁ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରାଉତ କହିଛନ୍ତି। ବର୍ଷେ ପୂର୍ବେ କୋରାପୁଟ ଜିଲ୍ଲାପାଳ ଜିଲ୍ଲା ଆସୋସିଏସନ୍ ଭାଙ୍ଗି ଦେଇଥିବା ଆମେ ଶୁଣିବାକୁ ପାଇଥିଲୁ, କିନ୍ତୁ ଏବେ କିଏ କିଛି ନାହିଁ ତେବେ ଏହି ଆୟୋଜନ ଗୁଡ଼ିକ କରୁଛି କିଏ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି ଗତ ୨୫ ରୁ ୩୦ ବର୍ଷ ଧରି ଜିଲ୍ଲା ପ୍ରଶାସନକୁ ମଧ୍ୟ ଭୁଆଁ ବୁଲାଇ ରଖାଯାଇଛି ବୋଲି ସେ ତାଙ୍କ ସାମ୍ବାଦିକ ସମ୍ମିଳନୀରେ ମତ ବ୍ୟକ୍ତ କରିଛନ୍ତି। କିଏ ଜିଲ୍ଲାର ସଭାପତି ହେବେ କିଏ ସମ୍ପାଦକ ହେବେ ତାହା କେବଳ ଏହି ୨ରୁ ୩ ଜଣ ହିଁ ନିଷ୍ପତି କରିଥାନ୍ତି ବୋଲି ନାମ ନ ନେଇ ଅଭିଯୋଗ ଆଣିଛନ୍ତି ଶ୍ରୀ ସୁବାସ ରାଉତ। ଖେଳକୁ ନେଇ ଏହି ଦୁଇ ରୁ ତିନି ଜଣ ବ୍ୟକ୍ତି ମାନ୍ୟବର ହାଇକୋର୍ଟ ଏବଂ ଜିଲ୍ଲା କୋର୍ଟରେ କେସ୍ କରୁଥିବା ସେ କହିଛନ୍ତି। କାହାକୁ ପାୱାର ଦେଲେ ହେବ ନାହିଁ ଜିଲ୍ଲାରେ ନୂତନ ଆଥେଲେଟିକ୍ ଆସୋସିଏସନ୍ କରାଯାଉ ଏବଂ ଜିଲ୍ଲା ପ୍ରଶାସନ ଏହାର ଦାୟିତ୍ୱରେ ରହିଲେ ତଦାରଖ କରିପାରିବେ ବୋଲି ସେ କହିଛନ୍ତି। କୋରାପୁଟ ଜିଲ୍ଲା ଓସିଏ ତରଫରୁ ଆୟୋଜିତ ହେବାକୁ ଥିବା ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ବାଦ୍ ପଡିବା ଘଟଣା ଜିଲ୍ଲା କ୍ରୀଡ଼ା ଅଧିକାରୀ ଜାଣି ନଥିବା ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସୁବାସ ରାଉତ କହିଛନ୍ତି। ଆସନ୍ତା ଦିନରେ ଜୟପୁର ଉପଜିଲ୍ଲାପାଳଙ୍କୁ ମଧ୍ୟ ଜୟପୁର ଖେଳାଳି ମାନେ ଦେଖା କରିବାକୁ ସେ କହିଛନ୍ତି। ସେପଟେ ଦୀର୍ଘ ବର୍ଷ ଧରି ଖେଳାଳୀ ମାନେ ମ୍ୟାଟ୍ ପିଚ୍ ରେ ଅଭ୍ୟାସ ସହ ମ୍ୟାଚ୍ ଖେଳୁଛନ୍ତି, ଜୟପୁର ଭଳି ସହରରେ ଆଜି ପର୍ଯ୍ୟନ୍ତ ଏକ ଟର୍ପ ପିଚ୍ ହୋଇପାରିଲା ନାହିଁ ବୋଲି କୋରାପୁଟ ଜିଲ୍ଲାର ଜଣାଶୁଣା କ୍ରିକେଟର ବାପି ପରିଡା ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଆଜି ପର୍ଯ୍ୟନ୍ତ କେତେ ଖେଳାଳି ବାହାରିଲେ, ଏବଂ କେତେ ଜଣ ଖେଳାଳି ରଞ୍ଜିଟ୍ରୋଫି ଖେଳିଲେ ବୋଲି ଶ୍ରୀ ରାଉତ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗିରି କ୍ରିଷ୍ଣା, କିଶୋର ରାଉତ, ଶଙ୍କର ରାଉତ,ଶିବ, ସନ୍ୟାସୀ, ପ୍ରମୁଖ ଉପସ୍ଥିତ ରହିଥିଲେ।ଏହାକୁ ନେଇ ଦୀର୍ଘ ବର୍ଷ ଧରି ଦାୟିତ୍ୱରେ ଥିବା ଓଡ଼ିଶା ଆଥେଲେଟିକ୍ ଆସୋସିଏସନ୍ ଯୁଗ୍ମ ସମ୍ପାଦକ ରବି ନାୟକ ଜବାବ ଦେଇଛନ୍ତି ଯେ ଆସନ୍ତା ୨୨ ତାରିଖ ପରେ ଖେଳ ସୂଚୀ ବାହାରିବ, କୋରାପୁଟ ଜିଲ୍ଲା( ଏଫ୍) କ୍ୟାଟୋଗ୍ୟାରିରେ ଆସିବ ବୋଲି। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ର ୬ ଟି ଗ୍ରୁପ୍ ରହିଛି, କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଆମେ ଶେଷ ପର୍ଯ୍ୟାୟରେ ତଥା ପରମୂହୁର୍ତ୍ତରେ କରିବାକୁ ଅନୁରୋଧ କରିଥିଲୁ ବୋଲି ଶ୍ରୀଯୁକ୍ତ ରବି ନାୟକ କହିଛନ୍ତି। ଆସନ୍ତା ସେପଟ୍ମେର ୧୬ ରୁ ୧୮ ତାରିଖରେ ସୁନାବେଡା ହେଚଏଲ୍ ଠାରେ ଚୟନ ପ୍ରକିୟା ରହିଛି, ଯେଉଁ ୧୬ ଜଣ ଚୟନ ହେବେ ସେମାନେ ୨୨ ତାରିଖ ପରେ ଏଂଟାୟର୍ ସ୍କୁଲ ଚୟନ ମ୍ୟାଚରେ ଭାଗ ନେବେ ବୋଲି ରବି ନାୟକ ସୂଚନା ଦେଇଛନ୍ତି।ଓସିଏ ତରଫରୁ ପ୍ରତିନିଧି ଆସି ନିଜେ ଉପସ୍ଥିତ ରହି ଖେଳାଳି ଚୟନ କରିବା ନେଇ ସେ ସୂଚନା ଦେଇଛନ୍ତି। ଓସିଏ ଡ୍ର ଲିଷ୍ଟ୍ ରେ ୩୦ ଜିଲ୍ଲାର ଆସୋସିଏସନ୍ ଏବଂ ୧୬ ବର୍ଷରୁ କମ୍ ଏବଂ ଏଂଟର ସ୍କୁଲର ଟୁର୍ଣ୍ଣାମେଂଟ ହେବାକୁ ଯାଉଛି ବୋଲି ଶ୍ରୀ ରବି ନାୟକ ସୂଚନା ଦେଇଛନ୍ତି। ଏଭଳି କିଛି ବ୍ୟକ୍ତି ବିଭ୍ରାନ୍ତିକର ସୂଚନା ଦେଇଥିବା ଶ୍ରୀ ନାୟକ କହିଛନ୍ତି। କୌଣସି ଖେଳାଳି ବିଭ୍ରାନ୍ତରେ ନପଡି ସମସ୍ତେ ଆସି ଚୟନ ପକ୍ରିୟାରେ ଭାଗ ନେବାକୁ ଶ୍ରୀ ରବି ନାୟକ ଖେଳାଳିମାନଙ୍କୁ ଅନୁରୋଧ କରିଛନ୍ତି।

# ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବିକୁ ନେଇ ଅବିଭକ୍ତ କୋରାପୁଟ ଜିଲ୍ଲା ଦେଶିଆଚଂଳ ମୁକ୍ତି ମୋର୍ଚ୍ଚାର ପ୍ରସ୍ତୁତି ବୈଠକ

ଜୟପୁର,୧୩ ସେପଟ୍ମେର (ହି.ସ.)- ଜିଲ୍ଲା ଭିତିକ ନିଯୁକ୍ତି ଦାବିକୁ ନେଇ ଚେଇଁଲେ ଅବିଭକ୍ତ କୋରାପୁଟ ଜିଲ୍ଲାର ଦେଶିଆଚଂଳ ମୁକ୍ତି ମୋର୍ଚ୍ଚା। ଅବିଭକ୍ତ କୋରାପୁଟ ଜିଲ୍ଲା ଭଳି ଏକ ଆଦିବାସୀ ଅଧୁଷିତ ଜିଲ୍ଲାର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ନ ମିଳିବାରୁ ଦୀର୍ଘ ବର୍ଷ ଧରି ସରକାରଙ୍କ ପାଖରେ ଦାବି କରାଯାଉଛି। ବିଭିନ୍ନ ସମୟରେ ଓଡ଼ିଶା ବିଧାନସଭାରେ ସ୍ଥାନୀୟ ବିଧାୟକ ମାନେ ମଧ୍ୟ ଦାବୀ କରି ଆସୁଛନ୍ତି। କିନ୍ତୁ ଆଜି ଯାଏଁ କୌଣସି ପ୍ରକାର ସୁଫଳ ମିଳିପାରି ନାହିଁ। ଏହାକୁ ନେଇ ଅନେକ ଥର ଅବିଭକ୍ତ କୋରାପୁଟ ଜିଲ୍ଲା ମଧ୍ୟ ବନ୍ଦ ଡାକରା ଦିଆଯାଇଥିଲା ।ମାତ୍ର କୌଣସି ପ୍ରଭାବ ପଡିଲା ନାହିଁ। କଂଗ୍ରେସ ଅମଳରେ ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀଙ୍କୁ ଛଟିଆ ପିଅନ୍ ଚାକିରି ମଧ୍ୟ ମିଳିପାରୁ ଥିଲା। କିନ୍ତୁ ଦୀର୍ଘ ୨୫ ବର୍ଷ ଶାସନ ଗାଦିରେ ନବିନ ପଟ୍ଟନାୟକ ସରକାର ରାଜୁତି କରିବା ସତ୍ୱେ ମଧ୍ୟ ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଚାକିରୀ ଖଣ୍ଡେ ଦେଇପାରିଲେ ନାହିଁ। ବର୍ତମାନ ଏବେ ରାଜ୍ୟରେ ନୂଆ ସରକାର ଶାସନ ଗାଦିରେ ଅଛନ୍ତି। ତେବେ ବର୍ତମାନ ମୋହନ ମାଝୀଙ୍କ ସରକାର ତଥା ରାଜ୍ୟରେ ବିଜେପି ସରକାର ଚାଲିଛି। ତେଣୁ ସ୍ଥାନୀୟ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ଦାବିକୁ ନେଇ ପୁଣିଥରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏକ ପ୍ରକାର ଜିଲ୍ଲା ଭିତିକ ନିଯୁକ୍ତିକୁ ନେଇ ବଡ ଧରଣର ଆନ୍ଦୋଳନ ହେବାକୁ ଯାଉଛି।ସେ ନେଇ ମଧ୍ୟ ସଙ୍କେତ ଦେଖାଯାଉଛି। ଆଜି କୋରାପୁଟ ଜିଲ୍ଲା ତଥା ଅବିଭକ୍ତ କୋରାପୁଟ ଜିଲ୍ଲା ଭିତିକ ନିଯୁକ୍ତିକୁ ନେଇ କୋରାପୁଟ ଜିଲ୍ଲା ସ୍ଥିତ ସ୍ଥାନୀୟ ଟ୍ରାଇବେଲ୍ ମ୍ୟୁଜିୟମ୍ ଠାରେ ଆଜି ଅବିଭକ୍ତ କୋରାପୁଟ ଜିଲ୍ଲା ଦେଶିଆଚଂଳ ମୁକ୍ତି ମୋର୍ଚ୍ଚା ଏବଂ କୋରାପୁଟ ଜିଲ୍ଲାର ବିଭିନ୍ନ ସଂଗଠନର କର୍ମକର୍ତା ଏବଂ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ସରକାର ଜିଲ୍ଲା ଭିତିକ ନିଯୁକ୍ତି ଦେଉ ନାହାନ୍ତି। ଯାହା ଫଳରେ ଶିକ୍ଷିତ ଯୁବକ , ଯୁବତୀ ମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ବାଧ ହୋଇ ଯାଉଛନ୍ତି। ତେଣୁ ସରକାର ତୁରନ୍ତ ଜିଲ୍ଲା ଭିତିକ ନିଯୁକ୍ତି ଦିଅନ୍ତୁ ବୋଲି ଏହି ବୈଠକରେ ଦାବି କରାଯାଇଛି। ଜିଲ୍ଲାର ଯୁବପିଢି ମାନଙ୍କ ଭବିଷ୍ୟେତ ଅନ୍ଧାର ହେବାକୁ ଯାଉଛି। ତେଣୁ ସରକାର ତୁରନ୍ତ ଏହା ପ୍ରତି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଉକ୍ତ ବୈଠକରେ କୁହାଯାଇଛି ।ଯଦି ରାଜ୍ୟ ସରକାର ତୁରନ୍ତ ଏହାର ସମାଧାନ ନ କଲେ ଏବଂ ଜିଲ୍ଲା ଭିତିକ ନିଯୁକ୍ତି ନ ଦେଲେ ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲ୍ଲାକୁ ବନ୍ଦ ଡାକରା ସହିତ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି ।ମୁକ୍ତି ଗରିବରୁ,ମୁକ୍ତି ଅନ୍ୟାୟରୁ, ମୁକ୍ତି ଭେଦଭାବରୁ, ମୁକ୍ତି ମାନସିକ ଗୁଲାମରୁ ଆମକୁ ହକ୍ ଦରକାର ବୋଲି ଦେଶିଆଚଂଳ ମୁକ୍ତି ମୋର୍ଚ୍ଚା ଅବିଭକ୍ତ କୋରାପୁଟ ଜିଲ୍ଲା ତରଫରୁ କୁହାଯାଇଛି। ଆମ ଅଂଚଳର ଯୁବପିଢି ମାନେ ପାଠ ପଢି ମଧ୍ୟ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ବେଳେ ଅନ୍ୟ ଜିଲ୍ଲାର ପିଲା ଆମ ଜିଲ୍ଲାରେ ନିଯୁକ୍ତି ପାଉଛି। ଏହାକୁ ଆଗାମୀ ଦିନରେ ବିଲକୁଲ ବରଦାସ୍ତ କରାଯିବ ନାହିଁ ବୋଲି ଆଜିର ଏହି ବୈଠକରେ ନିଷ୍ପତି ନିଆଯାଇଛି। ଏବଂ ଆଗାମୀ ଦିନରେ କ'ଣ ପଦକ୍ଷେପ ଗ୍ରହଣ ନିଆଯିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଆଜିର ଏହି ବୈଠକରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସମ୍ମାନୀୟ ବ୍ୟକ୍ତି ସହ ଅବିଭକ୍ତ କୋରାପୁଟ ଜିଲ୍ଲାର ଦେଶିଆଚଂଳ ମୁକ୍ତି ମୋର୍ଚ୍ଚାର ନିର୍ଦ୍ଦେଶକ ତଥା ମୁଖ୍ୟ ପରାମର୍ଶ ଦାତା ପ୍ରଦୀପ୍ତ ଟାକ୍ରୀ, ଅବିଭକ୍ତ କୋରାପୁଟ ଜିଲ୍ଲାର ଦେଶିଆଚଂଳ ମୁକ୍ତି ମୋର୍ଚ୍ଚାର ସଭାପତି ଲଳିତ ନାରାୟଣ ମାଡକାମୀ, କୋରାପୁଟ ଜିଲ୍ଲାର ସଭାପତି ପପୁ ଭତ୍ରା, ସମାଜ ସେବୀ ଶ୍ରୀଯୁକ୍ତ ପ୍ରବୀର ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟର ନବମ ପ୍ରତିଷ୍ଠା ଉତ୍ସବ ପାଳିତ

ମାଲକାନଗିରି, ୧୪/୦୯ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମ ଂଚାୟତର ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଏହାର ନବମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ମହେଶ୍ୱର ସାହୁ ସଭାପତିତ୍ୱ କରିଥିଲାବେଳେ ,ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର କୋୟା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କୁଡୁମୁଲୁଗୁମ୍ମା ତହସିଲଦାର ଟିକୁନୁ ପୁଟ୍ଟା ମୁଖ୍ୟ ଅତିଥି ଓ କୁଡୁମୁଲୁଗୁମ୍ମା ସରଂଚ ମଙ୍ଗଳା ମାଢୀ ଓ ବରିଷ୍ଠ ଅଧାପକ ପୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଜଗନ୍ନାଥ ଠାକୁରଙ୍କ ତୈଳଚିତ୍ରରେ ଧୂ ଦୀପ ଦେଇ ୂଜାର୍ଚ୍ଚନା କରାଯାଇଥିଲା । ପରେ ପରେ ସମବେତ କଣ୍ଠରେ ଛାତ୍ରଛାତ୍ରୀ ମାନେ ଆଦର୍ଶ ବିଦ୍ୟାଳୟର ସଙ୍ଗୀତ ଗାନ କରାଯାଇଥିଲା । ପ୍ରଥମେ ବିଦ୍ୟାଳୟର ଅଧକ୍ଷ ଶ୍ରୀ ସାହୁ ବାର୍ଷିକ ବିବରଣୀ ପଠନ ଓ ସାମୟିକ ସମସ୍ୟା ଉପସ୍ଥାନା କରିବା ସହ ଏହାର ନିରାକରଣ ନିମିତ୍ତ ଅନୁରୋଧ କରିଥିଲେ । ମୁଖ୍ୟ ବକ୍ତା ଶ୍ରୀ ୁଟ୍ଟା ଛାତ୍ରଛାତ୍ରୀ ମାନଙ୍କୁ ଆହୁରି କଠିନ ଅଧ୍ୟବସାୟ କରିବା ସହ ଉତ୍ତମ ଚରିତ୍ର ଗଠନ ନିମନ୍ତେ ଆହ୍ୱାନ କରିଥିଲେ । ଅପରାହ୍ନ ତିନିଟା ସମୟରେ କାର୍ଯ୍ୟକ୍ରମର ଉଦଯାନୀ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା ଓ ଏହି ସମୟରେ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ ଓ ଡାବଉଇନ୍ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ନାଚଗୀତର ଭରପୁର ଆନନ୍ଦ ଉଠାଇଥିଲେ । ସର୍ବଶେଷରେ ବିଦ୍ୟାଳୟ ଆନୁକୁଲ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀମାନେ ସମ୍ପୁର୍ଣ୍ଣ ଭାବରେ ସହଯୋଗ କରି ଆଜିର ଏହି ପ୍ରତିଷ୍ଠା ଉତ୍ସବକୁ ସଫଳତାର ସହ ଆୟୋଜିତ କରିଥିଲେ ।

# କନ୍ଧମାଳ ଜିଲ୍ଲା ମିଡିଆ ଫୋରମ୍ର ବାର୍ଷିକ ମହୋତ୍ସବ ଧୁମଧାମ୍ରେ ପାଳିତ

କନ୍ଧମାଳ, ୧୪/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲାର ଅଗ୍ରଣୀ ପଞ୍ଜୀକୃତ ଅନୁଷ୍ଠାନ କନ୍ଧମାଳ ଜିଲ୍ଲା ମିଡିଆ ଫୋରମର ୧୦ ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ମହୋତ୍ସବ ସଭାପତି ଡଃ ସୂର୍ଯ୍ୟ ନାରାୟଣ ବେହେରାଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି । ସଭାପତି ଶ୍ରୀ ବେହେରା ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ସୋମ୍ୟ ରଞ୍ଜନ ପଟ୍ଟନାୟକ ଯୋଗ ଦେଇ କହିଲେ ଯେ ଆହ୍ୱାନକୁ ଆମେ ସହଜରେ ଗ୍ରହଣ କରିବା ପାଇଁ ରାଜି ନାହୁଁ । ସେହିପରି ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦ ଶୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇ କହିଥିଲେ ଯେ, କନ୍ଧମାଳ ଜିଲ୍ଲା ହେଉଛି ଓଡିଶାର କେନ୍ଦ୍ରବିନ୍ଦୁ ଯେପର୍ଯ୍ୟନ୍ତ କନ୍ଧମାଳର ବିକାଶ ନ ହୋଇଛି ସେ ପର୍ଯ୍ୟନ୍ତ ଓଡ଼ିଶାର ବିକାଶ ହୋଇ ନାହିଁ ବୋଲି ଭାବିବାକୁ ହେବ । ମୁଖ୍ୟବକ୍ତା ଭାବେ ଅଧାପକ ବିଶ୍ୱରଞ୍ଜନ ଯୋଗଦେଇ କହିଲେ ଯେ, ବାସୀ ଖବରର ସମ୍ବାଦ ଶେଷ, ସଜ ଖବରର ଯୁଗ ଆରମ୍ଭ ଅର୍ଥାତ ବର୍ତମାନ ଯୁଗ ହେଉଛି ଡିଜିଟାଲ ଯୁଗ ଅଳ୍ପ ସମୟ ମଧ୍ୟରେ ସମଗ୍ର ଜଗତର ବିସ୍ତାରିତ କରିଥାଏ ଖବର । ଗଣମାଧ୍ୟମ ହେଉଛି ଶାସକ ଓ ଶାସିତ ମଧ୍ୟରେ ସେତୁ । ସେହିପରି ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେଇ ସାମ୍ବାଦିକ ମାନେ ଇଛୁକ ଓ ସତ୍ୟ ଉପରେ ଆଧାରିତ ଖବର କୁ ସମ୍ବାଦ ପତ୍ରରେ ସ୍ଥାନ ଦେବା ପାଇଁ । ଏଥି ସହିତ ସାମ୍ବାଦିକ ମାନେ ସାମ୍ବାଦିକ ପରିଚୟ ପତ୍ରକୁ ଏଟିଏମ କାର୍ଡ ପରି ବ୍ୟବହାର ନକରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ମହମ୍ମଦ୍ ନାଜି ରକତାର, ମହାଦେବ ସାହୁ, ରବି ଦାସଙ୍କ ସହ ସମସ୍ତ ସାମ୍ବାଦିକ ସଂଘର ସଭାପତି ଓ ସମ୍ପାଦକଙ୍କୁ ମଧ୍ୟ ଫୋରମ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଶିବ ବିଶ୍ୱାଳ ଫୋରମର ବାର୍ଷିକ ବିବରଣୀ ପାଠ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମିଡିଆ ଫୋରମର ଉପଦେଷ୍ଟା ଗୋପାଳ କୃଷ୍ଣ ପଟ୍ଟନାୟକ, ଅଜିତ ମହାରଣା, ତ୍ରିନାଥ ସାହୁ, ପ୍ରତିଷ୍ଠାତା ରାଧା ମୋହନ ମହାପାତ୍ର, କର୍ମକର୍ତା ଶିବାନନ୍ଦ ପଟ୍ଟନାୟକ, ସୁନୀଲ ପଟ୍ଟନାୟକ, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସୁନୀଲ ବିଶ୍ୱାଳ, ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ,କୋଷାଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା, ସହ ସମ୍ପାଦକ ଶିବ ପ୍ରସାଦ ନାୟକ, ଆଇନ ଉପଦେଷ୍ଟା ସତ୍ୟ ନାରାୟଣ ବେହେରା, ଫିଲି ମୋହନ ନାୟକ, ନାରାୟଣ ସାହୁଙ୍କ ସମେତ ଶତାଧିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ନାଳରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା, ୧୪/୦୯ (ନି.ପ୍ର): ଖୋର୍ଦ୍ଧା,ନାଳରେ ଭାସୁଥିବା ଅଚିହ୍ନା ମୃତଦେହକୁ ଶୁକ୍ରବାର ଜଟଣୀ ପୋଲିସ ଜବତ କରିଛି ।ମୃତ ବ୍ୟକ୍ତିଙ୍କ ପରିଚୟ ଏବଂ ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଜଟଣୀ ଥାନା ଅନ୍ତର୍ଗତ ଷଣ୍ଡପୁର ନିକଟ ଜଗନ୍ନାଥ ବିହାର ଅଞ୍ଚଳରେ । ସୂଚନା ମୁତାବକ, ଜଗନ୍ନାଥ ବିହାର ଅଂଚଳର ଏକ ନାଳରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଭାସୁଥିବାର ଦେଖିବାକୁ ପାଇଥିଲେ ସ୍ଥାନୀୟଲୋକେ । ଏହା ଦେଖି ପୋଲିସକୁ ଖବର ଦେଇଥିଲେ ସ୍ଥାନୀୟଲୋକେ । ଖବର ପାଇ ଘଟଣାସ୍ଥଳରେ ପହଂଚି ନାଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏପରିକି ମୃତକଙ୍କ ପରିଚୟ ଏବଂ ମୃତ୍ୟୁର କାରଣ ଖୋଜି ତଦନ୍ତ ଆରମ୍ଭ କରିଛି ପୋଲିସ । ତେବେ ଦୁଇ ଦିନ ହେବ ବ୍ୟକ୍ତିଙ୍କ ମୃତଦେହ ନାଳରେ ପଡ଼ି ରହିଥିବାର ପୋଲିସ ଅନୁମାନ କରୁଛି ।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ପଞ୍ଜିକରଣ ଶିବିର

ଜୟପୁର, ୧୪/୦୯ (ନି.ପ୍ର): ଶ୍ରମ ବିଭାଗ ଜୟପୁର, କୋରାପୁଟଙ୍କ ଅଓନୁକୁଲ୍ୟରେ ନୂତନ ନିର୍ମାଣଧୀନ ଚିକିତ୍ସାଳୟ କୋଠାରେ ନିର୍ମାଣ ଶ୍ରମିକ ପଞ୍ଜିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଏଥିରେ ଶ୍ରୀ ବୃନ୍ଦାବନ ସେଠୀ, ଜିଲ୍ଲା ଶ୍ରମ ଅଧିକାରୀ ଜୟପୁର, ସହକାରୀ ଶ୍ରମ ଅଧିକାରୀ ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ , କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ଜୟପୁରର କର୍ମଚାରୀ ମାନେ ଯୋଗଦେଇ ସରକାରଙ୍କ ତରଫରୁ ଶ୍ରମିକଙ୍କୁ ଯୋଗାଇଦିଆଯାଉଥିବା ବିଭିନ୍ନ ପ୍ରକାରର ସହାୟତା ସମ୍ପର୍କରେ ଅବଗତ କରାଇଥିଲେ, ଯେଉଁମାନେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜିକରଣ କରିନାହାନ୍ତି ସେମାନଙ୍କୁ ଯଥା ଶୀଘ୍ର ପଞ୍ଜିକରଣ କରି ସରକାରଙ୍କ ତରଫରୁ ମିଳୁଥିବା ସହାୟତା ସବୁ ପାଇବାକୁ ପ୍ରବର୍ତାଇଥିଲେ ଏବଂ ଏହି କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ୨୦ ଜଣ ପଞ୍ଜିକରଣ କରି ନଥିବା ନିର୍ମାଣ ଶ୍ରମିକଙ୍କୁ ଯଥା ଶୀଘ୍ର ପଞ୍ଜିକରଣ ପାଇଁ ପ୍ରବର୍ତାଇଥିଲେ।

# ଦୁଇ ମୋବାଇଲ ଲୁଟେରା କୋର୍ଟ ଚାଲାଣ

ଚମ୍ପୁଆ, ୧୪/୦୯ (ନି.ପ୍ର): ମୋବାଇଲ ଲୁଟ ଅଭିଯୋଗରେ ଚମ୍ପୁଆ ପୋଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ମୋବାଇଲ ଓ ଲୁଟରେ ବ୍ୟବହୃତ ଏକ ବାଇକକୁ ଜବତ କରିଛି । ମିଳିଥିବା ସୂଚନା ଅନୁସାରେ, ଚମ୍ପୁଆ ବଜାର ନିକଟରେ ଥିବା ଜେ ସି ଜ୍ୱେଲେରୀ ନିକଟରୁ ଏକ ମୋବାଇଲ ଲୁଟ୍ ହୋଇଥିବା ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଥଲା। ଏହି ଘଟଣାର ଛାନଭିନ କରି ଚଂପୁଆ ପୋଲିସ ଦୁଇ ଜଣ ଯୁବକଙ୍କୁ ଗିରଫ କରିବା ସହ ଚମ୍ପୁଆ ଥାନା କେସ ନଂ ୨୪୭/୨୪ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଦୁଇ ଯୁବକ ହେଲେ ଚଂପୁଆ ଥାନା କରଞ୍ଜିଆ ଗ୍ରାମର ତପନ କୁମାର ମହାନ୍ତ (୨୭) ଓ ଝାଡଖଣ୍ଡ ରାଜ୍ୟ ଜଗନ୍ନାଥପୁର ଥାନା ବର୍ଲା ଗ୍ରାମର କମଳାକାନ୍ତ ମହାନ୍ତ (୨୯) । ସେମାନଙ୍କ ନିକଟରୁ ଲୁଟରେ ବ୍ୟବହୃତ ସିବିଜେଡ ବାଇକ୍ (ଗାଡି ନଂ ଜେଏଚ ୦୬ ଏଫ୍ ୫୧୮୬) କୁ ଜବତ କରିବା ସହ ଲୁଟ୍ ହୋଇଥିବା ମୋବାଇଲକୁ ଉଦ୍ଧାର କରିଥିବା ନେଇ ଚମ୍ପୁଆ ଥାନା ଅଧିକାରୀ ଅବିନାଶ ପରିଡ଼ା ସୂଚନା ଦେଇଛନ୍ତି ।

## ଦୂରାରୋଗ ପୀଡ଼ିତାଙ୍କୁ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟ ତରଫରୁ ସହାୟତା

କେନ୍ଦ୍ରାପଡ଼ା, ୧୪/୦୯ (ନି.ପ୍ର): କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟ ତରଫରୁ ଜଣେ ଦୂରା ରୋଗ ପିଡୀତାଙ୍କୁ ସହାୟତା ପ୍ରଦାନ କରାଯାଇଛି । ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗପାଳ (ଗଣାବାଗ) ଗ୍ରାମର ଦାଲି କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ଗୁରୁଚରଣ ସାହୁଙ୍କ ପିଠି ଉପରେ ଏକ ବସ୍ତା ପଡି ଯିବାରୁ ତାଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ଯାହା ଫଳରେ ଦୀର୍ଘ ବର୍ଷ ହେଲା ସେ ଘରେ ଅସହାୟ ଅବସ୍ଥାରେ ପଡି ରହିଛନ୍ତି। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇ ପଡିଛି। ସେ ଦୁସ୍ଥ ଅବସ୍ଥାରେ ଥିବା ଖବର ପାଇ କେନ୍ଦ୍ରାପଡା କ୍ରେଡିଟ କୋ-ଅପରେଟିଭ ସୋସାଇଟର ସଭାପତି ପ୍ରମାଦେ କୁମାର ସାହୁ , ନିର୍ଦ୍ଦେଶକ ଦିଲିପ କୁମାର ପାତ୍ର, ଯାଜପୁର ଶାଖା ପରିଚାଳକ ତପନ କୁମାର ମହାନ୍ତି ପ୍ରମୁଖ ଅସହାୟ ପରିବାରଙ୍କ ଘରେ ପହଁଚି ତାଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରବା ସହିତ ଜ୍ଞାନଦେବୀ ଗୁଜୁରାଣ ମେଣ୍ଟ ଯୋଜନାରେ ପ୍ରତି ମାସରେ ୧ ହଜାର ଟଙ୍କା ଆର୍ଥିକ ସହାୟତା ପାଇଁ ପ୍ରତିଶୃତି ଦେଇଛନ୍ତି । ଏହି ସହାୟତା ପ୍ରଦାନ ସମୟରେ ଏଜେଣ୍ଟ ବିଜୟ କୁମାର ସାହୁ, ୱାର୍ଡ ସଭ୍ୟ ସୁରେଶ ପ୍ରତିହାରୀ ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ

ଖୋର୍ଦ୍ଧା, ୧୪/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଓ ଓଡିଶା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ ) ମିଳିତ ଆନୁକୂଲ୍ୟରେ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ସହଯୋଗରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପେନସନ ଅଦାଲତରେ ଏ. ଜି କାର୍ଯ୍ୟାଳୟର ଉପ ମହାଲେଖାକାର (ପେନସନଓ ଭବିଷ୍ୟନିଧି) ସଞ୍ଜୟ କୁମାର,ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ସତ୍ୟ ରଞ୍ଜନ ସାହୁ, ଡେପୁଟି କଲେକ୍ଟର, ଦେବବ୍ରତ କର ,ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଏହି ଅଦାଲତରେ ବରିଷ୍ଠ ଲେଖାଧିକାରୀ ସାରଦା ପ୍ରସନ୍ନ ମହାପାତ୍ର, କଲ୍ୟାଣ ପଣ୍ଡା ଯୋଗଦେଇ ପେନସନ ଓ ଭବିଷ୍ୟନିଧି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିଥିଲେ । ଉପ ମହାଲେଖାକାର ସଞ୍ଜୟ କୁମାର ଉପସ୍ଥିତ ଥିବା ପେନସନ ମଞ୍ଜୁରକର୍ତ୍ତା ଓ ଡିଡିଓ ମାନେ ଠିକ ସମୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଅବସର କାଳୀନ ଦେୟ କାଗଜପତ୍ର ଠିକ ସମୟରେ ମହାଲେଖାକାର କାର୍ଯ୍ୟାଳୟକୁ ପଠାଉନଥିବାରୁ ସେମାନେ ଠିକ ସମୟରେ ସେମାନଙ୍କର ପ୍ରାପ୍ୟ ପାଇପାରୁ ନାହାନ୍ତି । ଅବସର ପରେ ସେମାନଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡେ । ତେଣୁ ମାନବୀୟ ଦୃଷ୍ଟି କୋଣରୁ ସେମାନଙ୍କର ଦୂରାବସ୍ଥାର ସୁଧାର ଆଣିବା ପାଇଁ ଅବସରର ଦୁଇ ମାସ ପୂର୍ବରୁ ଏଜି କାର୍ଯ୍ୟାଳୟକୁ ପଠାଇବା ଉଚିତ । ଫଳରେ ଅବସର ଦିନ ସେମାନଙ୍କର ଅବସରକାଳୀନ ପ୍ରାପ୍ୟ ପାଇପାରିବେ । ସରକାର ପେନସନ ଆବେଦନ ପତ୍ର ସରଳିକରଣ କରିବାକୁ ଅନୁରୋଧ କରିଥିଲେ । ନିର୍ଦ୍ଦେଶକ ଶ୍ରୀ ସାହୁ ପେନସନ ମଞ୍ଜୁରକର୍ତ୍ତାମାନେ ଅବସର ପୂର୍ବରୁ ଯେପରି ଅବସର କାଗଜପତ୍ର ଯେପରି ମହାଲେଖାକାର କାର୍ଯ୍ୟାଳୟରେ ପହଂଚେ ସେଥିପାଇଁ ପଦକ୍ଷେପ ନେବାକୁ ସେମାନଙ୍କୁ ଅନୁରୋଧ କରିଥିଲେ । ବିଭିନ୍ନ ବିଭାଗର ପେନସନ ମଞ୍ଜୁର କର୍ତ୍ତାମାନେ ଠିକ ସମୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ପେନସନ କାଗଜ ଠିକ ସମୟରେ ଏ. ଜି କାର୍ଯ୍ୟାଳୟକୁ ପଠାଉନଥିବାରୁ ପେନସନ ମଞ୍ଜୁରୀ ବିଳମ୍ବିତ ହେଉଥିବାରୁ ନିର୍ଦ୍ଦେଶକ ଶ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଖୋର୍ଦ୍ଧା ଜିଲ୍ଲାରେ ପେନସନ ଓ ଗ୍ରାଚୁଇଟି ମଂଜୁର ହୋଇ ନ ଥିବା ଅବସରପ୍ରାପ୍ତ କର୍ମଚାରୀ ମାନଙ୍କର ପେନସନ କାଗଜ ପତ୍ର ସେପଟ୍ମେର ଶେଷ ସୁଦ୍ଧା ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ । କର୍ମଚାରୀମାନେ ସେମାନଙ୍କର ପେନସନ, ଭବିଷ୍ୟନିଧି ପ୍ରାପ୍ୟ ଯେପରି ଠିକ ସମୟରେ ପାଇପାରିବେ ତା ଉପରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବର୍ତମାନ ସମୟ ବଦଳି ଯାଇଛି ଅବସରକାଳୀନ ପ୍ରାପ୍ୟ ପାଇବା ପାଇଁ ଆଉ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁନାହିଁ । ଏଜି କାର୍ଯ୍ୟାଳୟ ଦୁଇ ମାସ ପୂର୍ବରୁ ଯାଇଥିବା ପେନସନ ଆବେଦନ ପତ୍ର ବିଚାରକୁ ନେଇ ଅବସର ପୂର୍ବରୁ ପେନସନ ଓ ଜିପିଏଫ ପ୍ରଦାନ କରୁଥିବାରୁ ପ୍ରଶଂସା କରିଥିଲେ । ଡେପୁଟି କଲେକ୍ଟର ଶ୍ରୀ କର ଏ. ଜି କାର୍ଯ୍ୟାଳୟ ପକ୍ଷରୁ ପେନସନର ମାନଙ୍କ ପେନସନ ର ଅବସରକାଳୀନ ପ୍ରାପ୍ୟ ଫଇସଲା ପାଇଁ ଏହିଭଳି କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଧନ୍ୟବାଦ ଦେଇଥିଲେ । ବରିଷ୍ଠ ଲେଖାଧିକାରୀ ଶ୍ରୀ ମହାପାତ୍ର ଓ ଅଶୋକ କୁମାର ପାତ୍ର ପେନସନ ଓ ଜିପିଏଫ ଆବେଦନ ପତ୍ର ପଠାଉଥିବା ବେଳେ ଯେଉଁ ଭୁଲ କରନ୍ତି ତାର ସଂଶୋଧନ କିପରି କରାଯାଇ ପାରିବ ପିପିଟି ମାଧ୍ୟମରେ ବୁଝାଇଥିଲେ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୧୫ ସେପ୍ଟେମ୍ବର ୨୦୨୪

email : rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା

**ଭାଗ-୬୭**

(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ତୁମେ ପତିପତ୍ନୀ ନାରିକେଳ ସହ ଘୃତ ଯଜ୍ଞରେ ଅର୍ପଣ କର । ଆଶ୍ଚର୍ଯ୍ୟ ମୁଁ, ଆଶ୍ଚର୍ଯ୍ୟ ମୋ ପ୍ରଭୁ । ରାବଣ ଏ କ'ଣ କହୁଛି । ଏହା କ'ଣ ଆମ ମନର କାମନା ? ନିଜ ମୃତ୍ୟୁକୁ ନିଜେ ରାବଣ ଆବାହନ କରୁଛି କେମିତି ? ପୂର୍ଣ୍ଣାହୂତି ସରିଲା । ରାବଣ ଯଜ୍ଞ କାର୍ଯ୍ୟ ଶେଷ ଓ ସେତୁବନ୍ଧ ପ୍ରତିଷ୍ଠା ଶେଷ ହେଲା ବୋଲି ଘୋଷଣା କରିଦେଲେ ।

ଯଜ୍ଞ ସ୍ଥଳରୁ ରାବଣ ଉଠନ୍ତେ ମୋ ସ୍ୱାମୀ ଆସନ ତ୍ୟାଗକରି ଉଠିଲେ ମୁଁ ମଧ୍ୟ ଉଠିଲି । ଲକ୍ଷ୍ମଣଙ୍କୁ ଅନାଇ ପ୍ରଭୁ ମୋର କହିଥିଲେ, ଲକ୍ଷ୍ମଣ ପୁରୋହିତଙ୍କ ଭୋଜନର ଆୟୋଜନ କର ।

ତାଙ୍କ କଥା ଶୁଣି ରାବଣ କହିଥିଲେ, ରାମଚନ୍ଦ୍ର ! ଆଜ ଦିନ ଯାକ ମୋର ଉପବାସ । ଏବେ ସୂର୍ଯ୍ୟାସ୍ତ ହେବ । ସୂର୍ଯ୍ୟାସ୍ତ ପରେ ମୁଁ ଆଜି ଅନ୍ନଗ୍ରହଣ କରିବି ନାହିଁ । କେବଳ ତୁମ ହସ୍ତରୁ ଗୋଟାଏ ଫଳ ଆଉ ଗଣ୍ଡୁଷେ ଜଳ ମୁଁ ଗ୍ରହଣ କରିବି । ଏହାହିଁ ହେବ ଆଜକ ପାଇଁ ମୋର ଭୋଜନ । ଯଦି ପାରୁଛ ମୋ ହସ୍ତକୁ ଫଳଟିଏ, ଜଳ ଗଣ୍ଡୁଷେ ଦାନ କର । ତୁମେ ସ୍ୱାମୀ ସ୍ତ୍ରୀ ମିଶି ମୋ ହସ୍ତକୁ ତାହା ଟୋଳି ଦେବ । ଅନ୍ୟ କାହାରି ହସ୍ତରୁ ମୁଁ ତାହା ଗ୍ରହଣ କରିବି ନାହିଁ । ତାଙ୍କ କଥା ମାନି ଆମେ ଦୁଇଜଣ ଅଞ୍ଜଳିବଦ୍ଧ କରି ତାଙ୍କ ହସ୍ତକୁ ଫଳଟିଏ ଦେଲୁ । ରାବଣ ତାହା ମହା ଆନନ୍ଦରେ ଗ୍ରହଣ କରନ୍ତେ, ଜଳ ଗଣ୍ଡୁଷେ ତାଙ୍କ ହସ୍ତକୁ ଟୋଳି ଦେଇଥିଲୁ । ଜଳସେଚକ ପାନ କରି ରାବଣ କହିଥିଲେ, ବ୍ରାହ୍ମଣ ଜନ୍ମ ମୋର ଆଜି ସାର୍ଥକ ହୋଇଗଲା । ଋଷିଶ୍ରେଷ୍ଠ ବିଶ୍ରବା ପୁତ୍ର ମୁଁ । ଆଜି ପର୍ଯ୍ୟନ୍ତ କାହାରି ଯଜ୍ଞ କାର୍ଯ୍ୟ ମୁଁ କରି ନଥିଲି କିମ୍ବା କାହାରି ହସ୍ତରୁ ଏଭଳି ଆତ୍ମସନ୍ତୋଷ ଭୋଜନ ମୁଁ ଗ୍ରହଣ କରିନଥିଲି । ବ୍ରାହ୍ମଣ ଜନ୍ମର ସମସ୍ତ ପୁଣ୍ୟ ମୁଁ ଆଜି ପାଇଯାଇଛି । ଯଜମାନ ମହୋଦୟ, ତୁମର କାର୍ଯ୍ୟ ନିର୍ବିଘ୍ନରେ ମୁଁ ଶେଷ କରିଛି । ଏବେ ମୋତେ ଦକ୍ଷିଣା ଦେଇ ସନ୍ତୁଷ୍ଟ କର ।

ରାବଣର କଥା ଶୁଣି ମୋ ସ୍ୱାମୀ ତାଙ୍କ ବନ୍ଧୁ ସୁଗ୍ରୀବ ଦେଇଥିବା ସ୍ୱର୍ଣ୍ଣମୁଦ୍ରା ସହ କିଛି ଉପଢୌକନ ଆଣି ଦେବାକୁ ପ୍ରସ୍ତୁତ ହୁଅନ୍ତେ, ସେ ସବୁକୁ ଦେଖି ରାବଣ ହସିହସି କହିଥିଲେ, "ଅଯୋଧ୍ୟାର ରାଜପୁତ୍ର ରାମଚନ୍ଦ୍ର ଆଜି ବନବାସୀ। ଜଣେ ବନବାସୀ ଏତେ ସ୍ୱର୍ଣ୍ଣମୁଦ୍ରା ପାଇଲେ କେଉଁଠୁ ? ନଜାଣି ମୁଁ ଏହା ଗ୍ରହଣ କରିବି କେମିତି ?"

ତାଙ୍କ କଥା ଶୁଣି ମୋ ସ୍ୱାମୀ କହିଥିଲେ, ପୁରୋହିତ ମହାଶୟ । ଏ ସ୍ୱର୍ଣ୍ଣମୁଦ୍ରା ଅଯୋଧ୍ୟାର ନୁହେଁ । ଏହାକୁ ମୋର ବନ୍ଧୁ କିଷ୍କିନ୍ଧ୍ୟା ରାଜନ ସୁଗ୍ରୀବ ଦେଇଛନ୍ତି । ଆପଣ ସନ୍ତୁଷ୍ଟ ଚିତ୍ତରେ ଏହା ଗ୍ରହଣ କରନ୍ତୁ ।

ମୋ ସ୍ୱାମୀଙ୍କ କଥା ଶୁଣି ଲଙ୍କେଶ ହସିହସି କହିଥିଲେ, ରାମଚନ୍ଦ୍ର ସ୍ୱର୍ଣ୍ଣଲଙ୍କାର ଅଧୀଶ୍ୱର ରାବଣଙ୍କୁ ତୁମେ କ'ଣ ସ୍ୱର୍ଣ୍ଣମୁଦ୍ରା ଦେଇ ସନ୍ତୁଷ୍ଟ କରିପାରିବ ? ଯେ ରାଜ୍ୟର ମାଟିରେ ସୁନା ଫଳେ, ଯେଉଁ ରାଜ୍ୟର ପ୍ରଜାମାନେ ସ୍ୱର୍ଣ୍ଣ ପଲଙ୍କରେ ନିଦ୍ରା ଯାଆନ୍ତି, ସେ ଦେଶର ରାଜାଙ୍କୁ ତୁମେ ସ୍ୱର୍ଣ୍ଣମୁଦ୍ରା ଦକ୍ଷିଣା ସ୍ୱରୂପ ପ୍ରଦାନ କରିବ ?

ତାଙ୍କ କଥା ଶୁଣି ମୋ ସ୍ୱାମୀ ଅତ୍ୟନ୍ତ ଦୁଃଖିତ ହୋଇ କହିଥିଲେ, ଏ ଅରଣ୍ୟବାସ କାଳରେ ମୁଁ ଆପଣଙ୍କୁ କି ଦକ୍ଷିଣା ଦେଇ ସନ୍ତୁଷ୍ଟ କରିବି ମହାଶୟ ।

ତୁମେ ଯଦି ପ୍ରକୃତରେ ପୁରୋହିତଙ୍କୁ ଯଜ୍ଞକର୍ମର ଦକ୍ଷିଣା ଦେବାପାଇଁ ଇଚ୍ଛୁକ, ତାହାଲେ ମୁଁ ମୋ ମନ ମୁତାବକ ଦକ୍ଷିଣା ମାଗିନେବି ।

ଆପଣଙ୍କ ମନକୁ ଛୁଇଁଲା ଭଳି ଦକ୍ଷିଣା ଦେବାର କ୍ଷମତା ଏ ବନବାସୀ ରାମର ନାହିଁ ପୁରୋହିତ ଦେବ ।

ମୁଁ ତୁମକୁ ଧନ, ରତ୍ନ, ଗୋପ, ଲକ୍ଷ୍ମୀ କିଛି ମାଗିବି ନାହିଁ ଶ୍ରୀରାମ । ମୁଁ ଯାହା ମାଗିବି ତୁମେ ତାହା ଅତି ସହଜରେ ଦାନ କରିଦେଇ ପାରିବ ।

ତେବେ ଆପଣ ମାଗନ୍ତୁ ପୁରୋହିତ ଦେବ, ମୁଁ ତାହା ଦେବାକୁ ଚେଷ୍ଟା କରିବି ।

ନାଁ ଶ୍ରୀରାମ । ମୁଁ ସେମିତି ଦକ୍ଷିଣା ମାଗିବି ନାହିଁ । ତୁମେ ଯଦି ଦକ୍ଷିଣା ଦେବା ପାଇଁ ସତ୍ୟବଦ୍ଧ ହେବ, ତେବେ ମୁଁ ଦକ୍ଷିଣା ମାଗିବି ।

ସତ୍ୟକଥା ଶୁଣି ମୁଁ ଚମକି ଉଠିଥିଲି ପ୍ରୀତିଦା । ମୋ ସ୍ୱାମୀଙ୍କୁ ସତ୍ୟ କରାଇ ରାବଣ କ'ଣ ମାଗିନେବ ? ସତ୍ୟ କରାଇ ଯଦି ମୋ ସ୍ୱାମୀଙ୍କ ଠାରୁ ମୋତେ ମାଗିନିଅନ୍ତି ?

ମୋ ଭଳି ଲକ୍ଷ୍ମଣ ହନୁମାନ ମଧ୍ୟ ଚମକି ଉଠିଥିଲେ । ସେମାନେ ମଧ୍ୟ ଆଶଙ୍କା କରିଥିଲେ ରାବଣ ପ୍ରଭୁ ରାମଚନ୍ଦ୍ରଙ୍କୁ ସତ୍ୟ ପାଶରେ ଆବଦ୍ଧ କରାଇ ତାଙ୍କଠାରୁ ସୀତାଙ୍କୁ ମାଗିନେବ । ସତ୍ୟସନ୍ଧ ରାମଚନ୍ଦ୍ର କେବେବି ମନା କରିପାରିବେ ନାହିଁ ।

ସମସ୍ତଙ୍କ ଆଶଙ୍କାକୁ ଦୃଢ଼ କରାଇ ମୋ ସ୍ୱାମୀ କହିଥିଲେ, ଲଙ୍କପତି ମୁଁ ନିଶ୍ଚିତ ଭାବରେ ସତ୍ୟ କରିବି, ଆପଣ ଯାହା ମାଗିବେ ତାହା ମୁଁ ପ୍ରଦାନ କରିବି ।

ତେବେ ତୁମର ଏ ସାନଭାଇ, ତୁମ ବନ୍ଧୁ, ହନୁମାନ ତଥା ଏ ବାନରସେନାଙ୍କୁ ଏଠାରୁ ଦୂରେଇଦିଅ । ଏମାନଙ୍କ ସମ୍ମୁଖରେ ମୁଁ ଦକ୍ଷିଣା ମାଗିବି ନାହିଁ କି ଗ୍ରହଣ କରିବି ନାହିଁ ।

ରାବଣର କଥାମାନି ମୋ ସ୍ୱାମୀ ସମସ୍ତଙ୍କୁ ଇଂଗିତ ଦେଲେ ସେ ସ୍ଥାନରୁ ଦୂରେଇଯିବା ପାଇଁ। ଲକ୍ଷ୍ମଣ ହନୁମାନ ତଥା ଅନ୍ୟମାନଙ୍କର ସେ ସ୍ଥାନରୁ ଯିବାପାଇଁ ଇଚ୍ଛା ନଥିଲେ ବି, ମୋ ସ୍ୱାମୀ ସେମାନଙ୍କୁ ବାରମ୍ବାର ଇଂଗିତ କରନ୍ତେ ସେମାନେ ଅଶ୍ରୁ ଛଳଛଳ ନୟନରେ ସେ ସ୍ଥାନରୁ ବିଦାୟ ନେଇଥିଲେ । ସେମାନଙ୍କ ମୁଖମଣ୍ଡଳ କହି ଦେଉଥିଲା ତାଙ୍କର ସମସ୍ତ ପ୍ରସ୍ତୁତି ବ୍ୟର୍ଥ ହେବ ।

ରାବଣ ପ୍ରଭୁ ରାମଚନ୍ଦ୍ରଙ୍କୁ ସତ୍ୟ କରାଇ ସୀତାଙ୍କୁ ମାଗିନେବ । ଯୁଦ୍ଧ ଆଉ ହେବନାହିଁ କି ସ୍ୱର୍ଣ୍ଣଲଙ୍କା ଧ୍ୱଂସ ହୋଇ ରାବଣ ମରିବ ନାହିଁ ।

ବାନରସେନା, ଲକ୍ଷ୍ମଣ, ହନୁମାନ ସେ ସ୍ଥାନରୁ ଚାଲିଯିବା ପରେ ମୋ ସ୍ୱାମୀ କହିଥିଲେ, ପୁରୋହିତ ଦେବ, ଏବେ ମୁଁ ସତ୍ୟ କରିବି । ଆପଣ କ'ଣ ମାଗିବେ ମାଗନ୍ତୁ ।

ତାଙ୍କ କଥା ଶୁଣି ରାବଣ କହିଥିଲେ, ହେ ପ୍ରଭୁ ରାମଚନ୍ଦ୍ର ମୁଁ ଜାଣେ, ଆଜି ମୁଁ ଯାହା ମାଗିବି ତୁମେ ତାହା ଦେବ । କିନ୍ତୁ ମୁଁ ଦାନ ମାଗିବା ପୂର୍ବରୁ ଧର୍ମଦେବତା, ଅସ୍ତାଚଳଗାମୀ ଏହି ସୂର୍ଯ୍ୟଦେବ, ସପ୍ତସାଗର, ଆକାଶ, ପୃଥିବୀ ନଭମଣ୍ଡଳରେ ଥିବା ଦେବତା ମଣ୍ଡଳୀ ସମସ୍ତଙ୍କୁ ଜଣାଇ ଦେଇ ଯିବାକୁ ଚାହେଁ, ରାବଣ ଯେଉଁ ଦକ୍ଷିଣା ମାଗିବ ତୁମେ ତାହା ଅକୁଣ୍ଠ ଚିତ୍ତରେ ଦେବ । ତେଣୁ ତୁମେ ଶଂଖରେ ଜଳ ଧାରଣ କରି ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ପୃଥିବୀ ଦେବତା ମଣ୍ଡଳୀ ସଭିଙ୍କ ନାମରେ ତ୍ରିବାର ସତ୍ୟ କରି କୁହ ପୁରୋହିତ ରାବଣ ଯେଉଁ ଦକ୍ଷିଣା ମାଗିବେ ତୁମେ ତାହା ବିନାଦ୍ୱିଧାରେ ଦାନ କରିବ ।

ରାବଣର ଏ ପ୍ରକାର ସତ୍ୟ କଥା ଶୁଣି ଚକିତ ହୋଇ ଯାଇଥିଲି ମୁଁ । ମୋ ସ୍ୱାମୀ ମଧ୍ୟ ବିଚଳିତ ହୋଇ ପଡ଼ିଥିଲେ । ତଥାପି ସେ ଧୈର୍ଯ୍ୟହରା ନହୋଇ ଶଂଖରେ ଜଳଧାରଣ କରି ଅସ୍ତଗାମୀ ସୂର୍ଯ୍ୟ ଦେବତାଙ୍କୁ ଅନାଇ କହିଥିଲେ "ହେ ତେଜବନ୍ତ ଦିବାକର, ହେ ସପ୍ତ ସମୁଦ୍ର, ହେ ଅନନ୍ତ ଆକାଶ, ହେ ମାତା ଧରିତ୍ରୀ, ହେ ନଭମଣ୍ଡଳରେ ଥିବା ଦେବମଣ୍ଡଳୀ, ହେ ଧର୍ମଦେବତା, ଆପଣ ମାନଙ୍କ ନାମରେ ତ୍ରିବାର ଶପଥ ନେଇ ଅଯୋଧ୍ୟାର ରାଜା ଦଶରଥ ପୁତ୍ର ଦାଶରଥୀ ରାମଚନ୍ଦ୍ର ଘୋଷଣା କରୁଛିକି, ମୋର ବନ୍ଧ ପ୍ରତିଷ୍ଠା, ତଥା ଯଜ୍ଞ କାର୍ଯ୍ୟ ସମାପନ କରିଥିବା ପୁରୋହିତ ଶ୍ରେଷ୍ଠ ରାବଣ ଆଜି ଯେଉଁ ଦକ୍ଷିଣା ମୋତେ ମାଗିବେ, ମୁଁ ତାହା ଅକୁଣ୍ଠଚିତ୍ତରେ, ମୁକ୍ତ ହସ୍ତରେ ଦାନ କରିବି ।"

(କ୍ରମଶଃ)


♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


## ତୀର୍ଯ୍ୟକ୍...

# ଦିବ୍ୟାଙ୍ଗଙ୍କୁ ଦଇବ ସାହା

### ସୁବ୍ରତ ପଟ୍ଟନାୟକ



ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଲାଗି ରହିଛି ସ୍ୱତନ୍ତ୍ର ସରକାରୀ ଯୋଜନା । ଚାକିରି, ବ୍ୟବସାୟ, ଚାଷବାସ, ପାଠପଢ଼ା, ଖେଳକୁଦ ଆଦିରେ ସେମାନଙ୍କୁ ମିଳୁଛି ବିଶେଷ ସୁବିଧା ସୁଯୋଗ । ରାସନଠୁ ଆରମ୍ଭ କରି ପେନ୍‌ସନ୍ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଦିବ୍ୟାଙ୍ଗଙ୍କୁ ଗ୍ରୀନ୍ ସିଗ୍‌ନାଲ୍ । ଖାନାଠୁ ଡାକ୍ତରଖାନା ସବୁଠି ସେମାନଙ୍କୁ ସେବା ନମ୍ବର ୱାନ୍ । ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଲାଗି ସରକାର ଏଭଳି ସୁବିଧା ସୁଯୋଗ ଖଞ୍ଜି ଥିବାରୁ, ଆମେ ପ୍ରଶାସନକୁ ସାଧୁବାଦ ଜଣାଉଛୁ ।

ମାତ୍ର, ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ସାରା ଓଡ଼ିଶାରେ ଦିବ୍ୟାଙ୍ଗ ବ୍ୟକ୍ତି କିଭଳି ଦୁର୍ଦ୍ଦଶା ଭୋଗୁଛନ୍ତି, ତା'ର ଏକ ଚିତ୍ର ଦେଖିବାକୁ ମିଳିଛି । ଛୋଟ ଉଦାହରଣଟିଏ ପେଶ୍ କରୁଛୁ । କେନ୍ଦୁଝର ଜିଲ୍ଲା ଓରାଳି ଗ୍ରାମରେ ପ୍ରାଣକୃଷ୍ଣ (ପାଣୁଆ) ଭୋଇ ଓ ବାମନ (ମିଟି) ଯେନା ଦିବ୍ୟାଙ୍ଗ । ପ୍ରାୟ ବାର ଚଉଦ ବର୍ଷ ଧରି ସେମାନେ ଅଚଳ, ପଙ୍ଗୁ । ଗୋଡ଼ ଯୋଡ଼ିକ କାଠି ପରି ସରୁ। ସେଥିରେ ଜୀବନ ନାହିଁ । ଦୁହେଁ ବରିଷ୍ଠ ନାଗରିକ ଓ ବିପିଏଲ୍ ଗୋଷ୍ଠୀ । ଜଣେ ଅନଗ୍ରସର, ଆର ଜଣକ ହରିଜନ । ଗରିବ, କାଙ୍ଗାଳ । ମୁଣ୍ଡ ଗୁଞ୍ଜିବାକୁ ଦଦରା ଚାଳଘର । ପାଣୁଆ, ମିଟି ଭଳି ପଙ୍ଗୁ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଅଣ୍ଟା ଭିଡ଼ିଲେ ସରକାର । ହାଟଡିହି ବ୍ଲକ ପରିସରରେ ଆୟୋଜନ ହେଲା ସଭା । ସଜାଗଲା ତୋରଣ । ବାଜିଲା ବାଜା । ଫୁଟିଲା ବାଣ । ଧୂମଧାମରେ ହେଲା ଭୋଜିଭାତ । କେନ୍ଦୁଝର ଡିଷ୍ଟ୍ରିକ୍ଟ ମିନେରାଲ ଫାଉଣ୍ଡେସନ ବା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ସେମାନଙ୍କୁ ମାଗଣାରେ ଯୋଗାଇ ଦିଆଗଲା ଚାରିଚକିଆ ବ୍ୟାଟେରୀ ଚାଳିତ ସାଇକେଲ। ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧି ଉଠାଇଲେ ଫଟୋ । ଖବରକାଗଜରେ ହେଲା ସରକାରଙ୍କର ଗୁଣ କୀର୍ତ୍ତନ । ଦିବ୍ୟାଙ୍ଗଙ୍କୁ କରାଗଲା ରାଜକୀୟ ଚର୍ଚ୍ଚା । ବିଧାୟକ, ବ୍ଲକ୍ ଅଧ୍ୟକ୍ଷ, ବିଡିଓ, ତହସିଲଦାର ପ୍ରମୁଖ ଫୁଲତୋଡ଼ା ଦେଇ ସେମାନଙ୍କୁ ସ୍ୱାଗତ କଲେ । ସତକଥା, ଏଭଳି ସ୍ୱାଗତ ସମ୍ବର୍ଦ୍ଧନା ସେମାନଙ୍କୁ ଜୀବନରେ କେବେ ବି ମିଳି ନଥିଲା ।

ମାଗଣାରେ ବ୍ୟାଟେରୀ ଚାଳିତ ସାଇକେଲ ପାଇ ସେମାନଙ୍କର କେତେ ଆନନ୍ଦ ! ସେମାନେ ଭାବିଥିଲେ, ଏଣିକି ସେମାନଙ୍କର ଦୁଃଖ ଦୂର ହେଲା । ସାଇକେଲରେ ବସି ସେମାନେ ବିଭିନ୍ନ ଗାଁ, ହାଟ ବଜାରକୁ ଯାଇ ପାରିବେ । ଆଉ ପର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । ସାହି ପଡ଼ିଶାଙ୍କ ସହିତ ହୋଇ ପାରିବେ ଦୁଃଖ ସୁଖ । ମାତ୍ର ଫଳ ହେଲା ଓଲଟା । ପ୍ରାୟ ଛଅ ସାତ ମାସ ସାଇକେଲ ଗଡ଼ିଲା ଠିକଠାକ୍ । ତା' ପରଠୁ ପୁରା ଠପ୍ । କେତେବେଳେ ଚାର୍ଜର ଖରାପ ତ କେତେବେଳେ ବ୍ୟାଟେରୀ ଖରାପ । ଖୋଲା ବଜାରରେ ମିଳିଲା ନାହିଁ ସାଇକେଲର ଟାୟାର କିମ୍ବା ଟ୍ୟୁବ୍ । ନିରୁପାୟ ହୋଇ ଦିବ୍ୟାଙ୍ଗ ବ୍ୟକ୍ତି ଧାଇଁଲେ ବ୍ଲକ୍ କାର୍ଯ୍ୟାଳୟକୁ । ଜନ ପ୍ରତିନିଧି ଓ ହାକିମଙ୍କୁ ଗୁହାରି କଲେ । ଉତ୍ତର ମିଳିଲା- ବ୍ଲକ୍ ସାଇକେଲ କିମ୍ବା ଯନ୍ତ୍ରାଂଶ ଷ୍ଟକ ନଥାଏ। କେନ୍ଦୁଝର ସଦର ମହକୁମାରେ ସେସବୁ ମିଳିପାରେ । ଦରଖାସ୍ତ ଦେଲେ ତାହା ମିଳିବ । ଦିବ୍ୟାଙ୍ଗ ବ୍ୟକ୍ତି ଦରଖାସ୍ତ ଦେଇ ଅପେକ୍ଷା କଲେ ମାସ ମାସ। ପ୍ରତିଶ୍ରୁତି ପାଲଟିଲା ପାଣିର ଗାର । ସାଇକେଲ ଯନ୍ତ୍ରାଂଶର ଚିହ୍ନ ବର୍ଣ୍ଣ ମିଳିଲା ନାହିଁ । ପାଣୁଆ ଓ ମିଟି ଭଳି କେନ୍ଦୁଝର ଜିଲ୍ଲାର ହଜାର ହଜାର ଦିବ୍ୟାଙ୍ଗଙ୍କର ସମାନ ଦୁର୍ଦ୍ଦଶା । ଘୋଡ଼ା ଛଅ ଟଙ୍କାକୁ ଦାନା ନଅ । ସାଇକେଲ ବ୍ୟାଟେରୀ, ଟାୟାର, ଟ୍ୟୁବ୍ ଆଦି ସାତ ସପନ । ଯେଉଁ କମ୍ପାନୀ ସାଇକେଲ ଯୋଗାଇଛି, ତା' ନିକଟରେ ରହିଛି ପାର୍ଟସ୍ । ମାତ୍ର ସେ କେବଳ ସରକାରଙ୍କୁ ଯୋଗାଇଛି । ହିତାଧିକାରୀଙ୍କୁ ନୁହଁ । ବାହାର ବଜାରରେ ଖୋଜିଲେ ସେସବୁ ମିଳିବ କୁଆଡୁ ?

ଖଣିଜ ସମ୍ପଦରେ ଭରପୁର କେନ୍ଦୁଝର । ସାରା ଓଡ଼ିଶାରେ ଯେତିକି ଖଣିଜ ସମ୍ପଦ ରହିଛି, ତା'ର ଅଶୀ ପ୍ରତିଶତ ରହିଛି କେନ୍ଦୁଝରରେ। ରୟାଲଟି ବାବଦରେ ସରକାରଙ୍କୁ ମିଳିଛି କୋଟି କୋଟି ଟଙ୍କା । ଜିଲ୍ଲାର ବିକାଶ ଦିଗରେ ଏହି ଅର୍ଥ ବିନିଯୋଗ ହେବା ମୂଳ ଉଦ୍ଦେଶ୍ୟ । କେନ୍ଦୁଝର ଜିଲ୍ଲାର ହଜାର ହଜାର ପଙ୍ଗୁ ବ୍ୟକ୍ତିଙ୍କ ସାଇକେଲ ଅଚଳ । ବିଡିଓ କହୁଛନ୍ତି- ଜିଲ୍ଲାପାଳଙ୍କୁ ଦେଖାକର । ସାଇକେଲ ମିଳିବ। ହାଟଡିହି ବ୍ଲକରୁ କେନ୍ଦୁଝର ସଦର ମହକୁମା ଶହେ କିଲୋମିଟର । ଦିବ୍ୟାଙ୍ଗ ବ୍ୟକ୍ତି ସେଠାକୁ ଯିବେ କିପରି ? ଗଲେ ବି ଜିଲ୍ଲାପାଳଙ୍କୁ କଣ ସହଜରେ ଭେଟି କାମ ହାସଲ କରି ପାରିବେ ? ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ, ଏସପିଙ୍କର ଜନ ଶୁଣାଣି ବୈଠକ ହୁଏ । ସେଇଠି କଟକ ବାଲିଯାତ୍ରାଠୁ ଅଧିକ ଭିଡ଼ । ଦିବ୍ୟାଙ୍ଗ ପୁରୁଷ ଓ ମହିଳା ବୈଠକ ଘରକୁ ପଶିବା କାଠିକର ପାଠ ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି ମୋହନ ମାଝୀ । କେନ୍ଦୁଝର ଜିଲ୍ଲାର କୃତୀ ସନ୍ତାନ । କେନ୍ଦୁଝରବାସୀଙ୍କ ସବୁଠୁ ବଡ଼ ଆଶା ଭରସା । ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ହାତରେ ରହିଛି ଦିବ୍ୟାଙ୍ଗ କଲ୍ୟାଣ ବିଭାଗ । କେବଳ କେନ୍ଦୁଝର ଜିଲ୍ଲା ନୁହେଁ, ଅନ୍ୟ ଅଞ୍ଚଳରେ ବି ଦିବ୍ୟାଙ୍ଗଙ୍କର ସମାନ ଦୁଃଖ ଓ ଦୁର୍ଦ୍ଦଶା । ମୋହନ ଓ ନିତ୍ୟାନନ୍ଦ ଚାହିଁଲେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାହାଯ୍ୟ କରି ପାରନ୍ତେ । ପୁରୁଣା ସାଇକେଲକୁ ଫେରସ୍ତ ନେଇ ପ୍ରତିବର୍ଷ ନୂଆ ବ୍ୟାଟେରୀ ଚାଳିତ ସାଇକେଲ ଯୋଗାଇ ପାରନ୍ତେ। ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଓଠରେ ହସ ଫୁଟାଇ ପାରନ୍ତେ । ମୋନେ ଚାହିଁଲେ କଣ ଏହି ଛୋଟିଆ କାମଟି ବଳାଇ ଯାଆନ୍ତା ? ଦିବ୍ୟାଙ୍ଗଙ୍କ ପାଇଁ ଏହି ସ୍ତମ୍ଭ ଜରିଆରେ ଆମେ ପୁଣିଥରେ ହାତଯୋଡ଼ି ଗୁହାରି କରୁଛୁ । ବିଚାର କରିବା ଦାୟିତ୍ୱ ସେମାନଙ୍କର । ଦେଖାଯାଉ, କଣ ହେଉଛି । ଆଜି ଏତିକି । ଜୟ ଜଗନ୍ନାଥ ।


♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪


## କବିତା...

## ॥ ଜାଣିବାର ଅଭିଳାଷ ॥

### ରତ୍ନାକର ରାଉତ



ଅନେକ କବିତା ଲେଖିବାର ଥିଲା
ଲେଖି ମୁଁ ପାରିନି କିଛି
ଅନେକ କାହାଣୀ କହିବାର ଥିଲା
କହି ମୁଁ ପାରିନି କିଛି
ଭଲ ଜୀବନଟେ ବଂଚିବାର ଥିଲା
ପାରିଲି ନାହିଁ ମୁଁ ବଂଚି
ମିଛ ଦୁନିଆରେ ସତ ମୁଁ ଖୋଜିଲି ନାହିଁ
ସଂସାର ହାଟରେ ସ୍ୱାର୍ଥ ସଉଦା
କରିକରି ମୁହିଁ ଜୀବନଟା ଦେଲି ସାରି
ଦିନ ବାହୁଡ଼ିଲେ ସଂଜ ଆସୁଆସୁ
ତମସା ଘେରରେ ଜୀବନ ମୋ ଖାଲିଖାଲି।

ରାତି ପାହିଗଲେ ସୂରୁଜ ଉଇଁଲେ
ଆଗକୁ ଲମ୍ବିଛି ମରୁମରୀଚିକା
ଖରାରେ ଜଳୁଛି ପଥ
ଧୂ ଧୂ ମରୁବାଲି
ଖାଲିବାଲି ଖାଲିବାଲି।

ବେଳ ଥାଉଁଥାଉଁ ଜାଣିଲି ନାହିଁ ମୁଁ
କେଉଁ ମଂଜିର ମୁଁ ଗଛ
କୁଆଡ଼େ ଲମ୍ବିଛି ସେ ଗଛର ଚେର
କେଉଁଠି ଅଛି ତା ମୂଳ

କେଉଁଠୁ ହୋଇଛି ଆରମ୍ଭ ତାହାର
କେଉଁଠାରେ ହେବ ଶେଷ
ସାରା ଜୀବନଟା ବିତିଗଲା ମୋର
ମେଣ୍ଟଉ ମେଣ୍ଟଉ ଶୋଷ।

ସରିଗଲା କାଳ
ବୁଡ଼ଲାଣି ବେଳ
ରହିଗଲା ଅବସୋସ
ଏହି ଜନମରେ ନ ହୋଇଲା ନାହିଁ
ଆର ଜନମକୁ ଗଣ୍ଠିଧନ ହୋଇ
ଥାଉ ମୋର ଏହି
ଜାଣିବାର ଅଭିଳାଷ।


♥ ପ୍ଲଟ ନମ୍ବର -୭୬୭(ପାର୍ଟ)
ଜୟଦୁର୍ଗା ନଗର, ଭୁବନେଶ୍ୱର
ପିନ୍-୭୫୧୦୦୬


## ॥ ଅନ୍ୟ ଏକ ବିବର୍ତ୍ତନ ॥

### ଜ୍ଞାନେନ୍ଦ୍ର କୁମାର ପଣ୍ଡା



॥ ୧ ॥
କେବେ ନିରେଖି ଦେଖିଛ
ନିଜ ଗୋଡ଼ରେ ପିନ୍ଧିଥିବା ଜୋତାକୁ ?
ଜଣେ ମା'ର ଆୟୁଷ ଆଉ ତା' ପେଟର
ଭୃଣରେ କେଡ଼େ ଟାଣପଣ ।

ପୁଣି ସମସ୍ତଙ୍କୁ ଏକଥା କହିବା କି ଦରକାର
'ବହୁତ ଦିନ ଚାଲିବ
କାଫ୍ ଲେଦର୍‌ର ଏ ଜୋତା ।'

ଦୁଇଟି ହତ୍ୟାରୁ ତିଆରି, ଚାଲନ୍ତାନି ??

॥ ୨ ॥
ଅପୂର୍ବ ନୈନିତାଲ୍'ର ଏ ପାହାଡ଼
ଯେମିତି ଆଖିରେ ଲାଖିଯିବ
ଝୁଲନ୍ତା ମେଘର ସ୍ୱପ୍ନ
ତୁମକୁ ନେଇ ଦିନେ ଏଠାକୁ ଆସିବି
କଳ୍ପନା ଥିଲା
ଆଜି ହାତ ମୁଠାରେ ଯେମିତି ଏ ଦୁନିଆଁ
ଡାର୍ଲିଂଗ୍ ! ପ୍ରକୃତିର କୋଳ
ସତରେ କେଡ଼େ ନିଆରା ।

ଗଲା ମାସ ଯାହାକୁ
ବୃଦ୍ଧାଶ୍ରମରେ ଛାଡ଼ି ଆସିଥିଲ
ସିଏ ତ ଏ ପ୍ରକୃତିର ବି ମା,
ପ୍ରକୃତି ନିଆରା ହୁଅନ୍ତାନି ?

॥ ୩ ॥
ଅମରାବତୀ କଲୋନୀରେ
ଦେଢ଼କୋଟିର ଘର ନେଲୁ,
ସବୁ ସୁବିଧା ଅଛି
ଚବିଶ ଘଣ୍ଟିଆ ବିଦ୍ୟୁତ, ଲିଫ୍ଟ
ମାତ୍ର ଗୋଟିଏ ବଟନ୍‌ରେ
ସକାଳ ଟିଫିନ୍‌ରୁ ରାତିରେ ମୁଣ୍ଡ ବିନ୍ଧିଲେ
ଆନାଲଜେସିକ୍ ଟ୍ୟାବ୍ଲେଟ୍
ପିଲାଙ୍କ ପାଇଁ ଶିଶୁଦ୍ୟାନ, ମର୍ନିଂୱାକ୍
ଅବସର ବିନୋଦନ ପାଇଁ କ୍ଲବ ।

ଏତେ ଟଙ୍କା କେଉଁଠୁ ଆଣିଲ ?
ଗାଁ ଘର, ଜାଗା ବିକିଦେଲୁ
ଆଜିକାଲି ସେଗୁଡ଼ା ଅଚଳ
କିଏ ଆଉ ଯାଉଛି ଗାଁକୁ,
ସହରରେ ସବୁ ସୁବିଧା ।

ଆଚ୍ଛା ! ତେବେ ସେ ଗାଁ ଘର ଜାଗା
ଏତେ ଟଙ୍କାରେ ବିକ୍ରିହେଲା କେମିତି ??


♥ ସୁନ୍ଦରୀ, ସୁନହଟ, ବାଲେଶ୍ୱର
(ମୋ) ୯୮୬୧୧୧୬୩୮୦


## ସୁମନୀର ଦେଶଫାଳ

### ମାନିନୀ ମିଶ୍ର



ଦୁଇଟା ଗେଲଠି ଥାଳି
ଗୋଟିଏ ପଖାଳ ଖିଆ ବେଳା
ଗଣ୍ଠିଲିଏ ଧୂଳିଚରା ଚିରା ଫଟା
ଝରଣା ଗଳା କାନ୍ଥ, ତାରା ଗଣା ଚାଳ
ବେଣୀ ପାରିବା ଆଗରୁ ଜଟ ପାଲଟି ଥିବା
ସ୍ତ୍ରୀଲୋକର ପୋଷ୍ଟର ନାଁ , ସୁମନୀ

ଦେଶ କହିଲେ
ତାକୁ ଶୁଭେ ଘୋଡାର ଟାପୁ ଶବ୍ଦ
ଦିଶେ ଚଣାପରି ବିଛା ଧର୍ମ, ଜାତି
ଆଉ ସବୁ ପଟେ,
ସଡାକ ସଡାକ ଚାବୁକ ଶବ୍ଦ

ଦେଶ ମାନେ, ମାଟି ବତୁରେଇଛି
ବିହନ ବୁଣିଛି, ଦେଖାନାହିଁ ମେଘର
ଭିତରେ ଭିତରେ ଖୁବ ଭୋକ

ଦେଶ କହିଲେ ହେଲିକପ୍ଟରର ଉଡାଣ
ଦେହାତି ଡ୍ରେସରେ ନେତା
ପତ୍ର ଠୋଲାରେ ମୁଢି ବରା ଚଟଣି
ଆକାଶ ଉପରୁ
ଏମାନେ ହିଁ ଦେଶ ଦେଖିଲା ଲୋକ

ଏମାନେ, ସେଇଠୁ ଥାଇ ବରା ଗିଳୁ ଗିଳୁ
ସୁମନୀର ଗରିବି ପଣକୁ
ବୋଲି ଦିଅନ୍ତି ପିସ ପିସ ଆହା ଚୁ ଚୁ

ଫାଳେ ଦେଶ,
ଦରଚିରା ଦୁଆରବନ୍ଧ ଉପରେ ଛିଡା ସୁମନୀ
ସେଥିରେ ଛେନା ଥାପେ, ଛି ଛି କୁହେ
ବେଦରା ବେଦରା ଥୁକେ

ଧୂ ଧୂ ବର୍ଷାରେ ସରକାରୀ ବାବୁ
ତାର ଫଟା କାନ୍ଥ ପାଇଁ
ବଢେଇ ଦିଏ ଖଣ୍ଡିଏ ଜରି
ଆଉଁସି ଆଣେ ତାର
ଫୁଙ୍ଗୁଳା ଦେହ ଭିତରେ ହାତ ସାଙ୍କୁଡି ଯାଏ,
ଅଥଚ ଚିତ୍କାର କରି ପାରେନା ସେ

କିଡନି ରୋଗଗ୍ରସ୍ତ ତାର ମରଦ
ଜୁଳୁ ଜୁଳୁ କରି ଦେଖେ
କୁଁ କୁଁ ହୋଇ ସକେଇ ହୁଏ

ଗୋଟିଏ ଛି ଛଡା ଫେରେଇ ପାରେନା କିଛି
ସୁମନୀ ଏ ସମାଜକୁ

ସେମାନେ ସବୁ ଅର୍ଦ୍ଧ ନୂଆଁ ଝାଡୁ ଧରି
ଯେତେବେଳେ ତାର ସଫା କଳା ଦେହ
ଉପରେ ଛିଡା ହୋଇ ଫୋଟ ପୋଜ ନିଅନ୍ତି
ରାସ୍ତାମାନେ ବି ଛି କରି ଥିବେ ନିଶ୍ଚୟ
ସେ ଧୋବ ଫରଫର ବାବୁମାନଙ୍କୁ
ଠିକ୍ ସୁମନୀ ପରି

ଅପମୃତ୍ୟୁର ଶୀକାର
ସୁମନୀ ଆଉ ରାସ୍ତା

ସୁମନୀ ହୋଇପାରେ
ରାଜଧାନୀ ବସ୍ତିର ଗୋଟିଏ ଝୁପୁଡି ଘର

ସୁମନୀ କହିଲେ କେଉଁଝରୀ ମାଟି
ରାଜନୀତିର ଫୁଲ ଫଳ, ଆଦାନୀର ଲୋଭ

ସୁମନୀ ବହିଲେ କାଲୁଆ ପବନ
ଶହେ ଚାରି ତାତି
କୁଆଁରୀ ମାଁ, ଭ୍ରୂଣ ହତ୍ୟା
ମାଟି ସାରା, ମହଣ ମହଣ, ମହୁଲି ସଲପ

ସୁମନୀ ଆଇନାରେ ଦେଖିନ ଥିବା
ବହଳେ ଫୁଲୁରି ତେଲ ମରା
ଅପାଙ୍ଗ ଫୁଙ୍ଗୁଳା ଦେହ
ଆହୁଲା ନାହିଁ ତାର
ଦିଗହୀନ ଦିଗବଳୟ, ହୁଲିଡଙ୍ଗା
ନୀଳ ନଈ, ଉଦୁଉଦିଆ ଖରାବେଳ
ସହି ହେଉନଥିବା ଗୁଳୁ ଗୁଳି
ଆମ୍ବ ଗଛ ତଳେ ଓଲଟ ଝୁଲୁଥିବା ଛାଇ

ଆଉ କଥା ପଦକରେ ସେ ଉଧେଇ ଯାଏ
ଫର୍ଚେଇଯାଏ, ସୁମନୀ ମାନେ ଦେଶ ଫାଳ
ଜାତି, ଗୋତ୍ର ଜଣା ନାହିଁ, ବାଷ୍ଟାର୍ଡ ଚାଇଲ୍ଡ
'ଛି' ସୁମନୀର ହସେ

ସ୍ତ୍ରୀଲୋକ, ସବୁ କୁଆଁରୀ ମାଁର ଗର୍ଭପାତ
କିଏ ସୁମନୀ, ସତରେ ଥେୟା
ଆରେ ବୁଝାରେ ବୁଝା
ଦେଶ କହିଲେ ବୁଝୁ ନ ଥିବା
ସାତ ଚିରା ସୁମନୀର ବି ପରା
ଏ ଦେଶ !!!!


♥ ୮୨୪୯୩୪୨୩୪୬


## ॥ ଆଂଜୁଳାଏ ମେଘରାତି ॥

### ଡ. ଶ୍ରୀଧର ସାମଲ



ମୌସୁମୀ ଗୋ ତୁମେ ସୁନୀଳ ଆକାଶେ
ଭାସମାନ ଆର୍ଦ୍ର ବିନ୍ଦୁ
କାଳ ବୈଶାଖିର ଅଦିନିଆ ଝାଂଜି
ତୃଷିତ ଚକୋରୀ ବନ୍ଧୁ ।

ତୁମେ ଆଲିଙ୍ଗନ ସବୁଜ ସପନ
ବାସର ରାତିର ତାତି
ପ୍ରେୟସୀ ମନର ଅଜସ୍ର ସାନ୍ତ୍ୱନା
ବିରହୀର ଜହ୍ନରାତି ।

ଆକାଶରେ ତୁମେ ମେଘର ମହ୍ଲାର
ମିଳନର ଉତ୍ତେଜନା
ଭାବୁକ ପ୍ରାଣର ମୁଗ୍ଧ ଅନୁଭବ
ଶୃଙ୍ଖଳା ନଦୀର ବନ୍ୟା ।

ତୁମେ ଆଶ୍ୱାସନା ତୁମେ ପ୍ରତାରଣା
ବେଦନା ବିଧୂର ରାତି
କେବେ ମେଘଦୂତ ଭିଜାଭିଜା ସ୍ୱପ୍ନ
ନିଝୁମ ରାତିର ସାଥୀ ।

ଆଷାଢର ତମେ ଛାତିତଳ କୋହ
ଶ୍ରାବଣର ଅଶ୍ରୁଧାର
କୁଳୁ କୁଳୁ ନାଦେ ପ୍ରବାହିତ ହୁଅ
ଅମାନିଆ ନଦୀସ୍ୱର ।

ତୁମେ ଇନ୍ଦ୍ର ରୂପ ତୃଷିତର ଶୋଷ
ଅଦିନରେ ଅନୁରାଗ
ଅନ୍ତରଂଗ ତୁମେ ନିମଗ୍ନ ପ୍ରେମୀର
ନିର୍ଲିପ୍ତ ଅନୁଭବ ।

ତୁମେ ହିଁ ସୃଜନୀ ତୁମେ ଲାସ୍ୟମୟୀ
ଭାବୁକ ପ୍ରାଣସଂଗୀତ
ଅଜସ୍ର କଳ୍ପନା ସ୍ମୃତି ସଂରଚନା
ପ୍ରେମ ବିଚ୍ଛେଦର ସ୍ରୋତ ।


♥ ସଂପାଦକ ମୌସୁମୀ, କେନ୍ଦ୍ରାପଡା


## କହି ହୁଏନାହିଁ ଯାହା...

### ସୈରିନ୍ଧ୍ରୀ ସାହୁ

ଜହ୍ନ ଲୁଚିପାରେ ଭସାମେଘ କୋଳେ
ଲୁହ ଯେ ଆଖିର ତଳେ
ସଳିତାର ଦୁଃଖ ସଳିତା ଜାଣିଛି;
ପାହାନ୍ତା ପହର ସପନଟିଏ ବି
ବିରହର ନିଆଁ ଜାଳେ।


♥ ଦେବଶ୍ରୁତି ନିବାସ, ଜେଲରୋଡ,
ବାଲେଶ୍ୱର-୧

# ଭାଷା ସାହିତ୍ୟ ପ୍ରତି ପ୍ରତିବଦ୍ଧତା ତୃଣମୂଳସ୍ତରରୁ ସୃଷ୍ଟି ହେବା ଦରକାର : ବିଦ୍ୟୁତଲତା ଦାସ

**ବିଦ୍ୟୁତଲତା ଦାସ** ଓଡ଼ିଆ କବିତା ଜଗତର ଜଣେ ଆବେଗ ଛଳଛଳ କାବ୍ୟସ୍ୱର । ଅନ୍ଧାରୀ ଦେଶରେ ଦର୍ପଣ ଖୋଜା ଓ ବାସ୍ତବତାର ନିଦାରୁଣ ନିର୍ଲଜତା ଭଳି ଅସହାୟତାର ପୁଞ୍ଜିଭୂତ ଅଭିମାନକୁ ସମ୍ବଳ କରି ଜୀବନକୁ ସୁଖ ମୁହଁରେ ପତ୍ର କରିବା ପରି ବାସ୍ତବତାକୁ ବାସ୍ତବବାଦୀ ଭାବନା ଭିତରେ ବୁଦ୍ଧିମନ୍ତ କରେ ତାଙ୍କର କାବ୍ୟସତ୍ତା । କବିତା, ଗଳ୍ପ, ନିବନ୍ଧ ଓ ଅନୁବାଦରେ ଦକ୍ଷତା ହାସଲ କରିଥିଲେ ମଧ୍ୟ କବିତା ଗଢଣରେ ତାଙ୍କର ନିଆରାପଣ ତାଙ୍କୁ କରିଛି ଅନନ୍ୟ । ତାଙ୍କ ସହ ଏଥରର ଆଳାପ..



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଆଜି ଅତିକ୍ରାନ୍ତ ବୟସରେ ସେ ଦିନର ସ୍ମୃତି ସବୁ ଅପସୃୟମାନ। କିନ୍ତୁ ମୋର ନୀରବ ସ୍ଥିର ଅକପଟ ବାଲ୍ୟଦିନ ସେହିଭଳି ତେଜିୟାନ ଆଉ ଅନେକ ଅନୁସନ୍ଧିତ୍ସାରେ ଭାରାକ୍ରାନ୍ତ। କୌତୁହଳର ସେହି ଦିନ ସବୁ ଏବେ ମଧ୍ୟ ମୋର ମାନସିକ ସ୍ତରରେ ଜୀବନ୍ତ ଓ ସତେଜ। ମୁଁ ଷଷ୍ଠ ଶ୍ରେଣୀରେ ପଢୁଥାଏ କଟକର ଦେୱାନବଜାର ସ୍ଥିତ ଜନତା ବିଦ୍ୟାପୀଠରେ। ଛୋଟ ଝିଅଟିଏ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇ ଥାଏ। ତା'ର ନାମ ଦୋଳାରାଣୀ ଦତ୍ତ। ଶୈଶବରୁ ମାତୃହରା। ବାପା ତା'ର ପୁନଃବିବାହ କରିବେ। ନୂଆ ମାଆଟି ପାଇଁ ମାତୃହରା କନ୍ୟାଟିର ସ୍ୱାଗତ ଗୀତିକାଟିଏ ରଚନା କରିଦେବାକୁ ସେ ମୋତେ ଅନୁରୋଧ କରିଲା। ମୋ ସାଙ୍ଗରେ ପଢୁଥିବା ବୀଣା ତରାଇ ଯିଏ କି ତା'ର ଘର ପାଖର ସେ ବୋଧହୁଏ ମୋର ପଦ୍ୟ ରଚନା ସମ୍ପର୍କରେ କହିବାକୁ ସାଙ୍ଗରେ ଧରି ଆସିଥିଲା। ଆଗେ ସବୁ ବାହାଘର ମାନଙ୍କରେ ଉପହାର ପତ୍ର ଛପାଯାଇ ବଣ୍ଟା ଯାଉଥିଲା। ମୁଁ ତାକୁ ଲେଖି ଦେଇଥିଲି ଗୋଟିଏ ସର୍ତ୍ତରେ ଯେ ମୁଁ ଲେଖିଛି ବୋଲି ଯେପରି କେହି ନ ଜାଣନ୍ତି। ସେ କଥା ରଖିଥିଲା। ସେ ଉପହାର ପତ୍ର କେତେ ଖଣ୍ଡ ମୋ ପାଖରେ ମଧ୍ୟ ଥିଲା। କାଳକ୍ରମେ କୁଆଡ଼େ ଗଲା, ମୋର ଆଉ ମନେ ନାହିଁ। ତା'ପରେ ଅନେକ ଲେଖେ। ସବୁ ଲୁଚାଇ ରଖେ। ପୁଣି ସେ ହଜିଯାଏ। ମୁଁ ଲେଖୁଛି ବୋଲି କାହାକୁ କହେ ନାହିଁ କି କେହି ଜାଣନ୍ତି ନାହିଁ। ମୁଁ କିନ୍ତୁ ପ୍ରଚୁର ପଢ଼େ ଓ ଅଭ୍ୟାସ କରି କିଛି କିଛି ଲେଖି ଚାଲିଥାଏ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବରେ ଆପଣ କାହାକୁ ସ୍ମରଣ କରିବେ ?

■■ ସେମିତି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ବା କାହାର ରଚନା ମୋତେ ସାରସ୍ୱତ ଜଗତରେ ପାଦ ଦେବାପାଇଁ ଅନୁପ୍ରେରିତ କରିନାହାନ୍ତି ମୋର ଅକ୍ଲାନ୍ତ ଅଧ୍ୟୟନ ଅଭ୍ୟାସ କେବଳ କୌଣସି ଜଣକ ପାଖରେ ଅଟକି ଯାଇନାହିଁ। ସବୁ ଶ୍ରେଣୀୟ ପୁସ୍ତକ ସମୂହର ପଠନ ମୋର ଅନ୍ଧ ଆଖିରେ ଆଲୋକ ଭରି ଦେଇଥିଲା। ମୁଁ ପଢ଼ି ଚାଲିଥିଲି ପ୍ରାଚୀନ, ମଧ୍ୟ ଓ ଆଧୁନିକ ଯୁଗର କାବ୍ୟ କବିତା, ଗ୍ରନ୍ଥାବଳୀ, ଉପନ୍ୟାସ, ନାଟକ ରହସ୍ୟ ଉପନ୍ୟାସ, ଶିଶୁ ସାହିତ୍ୟ। ଯାହା ପାଠାଗାରରୁ ତଥା ପରିବାର ପରିଜନଙ୍କ ଘରମାନଙ୍କରୁ ମୋତେ ମିଳି ଯାଉଥିଲା। କାରଣ ସେ ସମୟରେ ପ୍ରତ୍ୟେକ ଘରମାନଙ୍କରେ ପୁରାଣ ଠାରୁ ଆରମ୍ଭ କରି ନାନା ଜାତୀୟ ବହି ସବୁ ଗଚ୍ଛିତ ହୋଇ ରହୁଥିଲା ବହି ଆଲମୀରା ମାନଙ୍କରେ ନହେଲେ ବହି ବାକ୍ସମାନଙ୍କରେ। ପଢ଼ିପଢ଼ି ମୋ ସ୍ୱପ୍ନିଳ ଭାବପ୍ରବଣ ମନଟା କେତେବେଳେ କେମିତି କିଛି ଲେଖି ଦେଉଥିଲା। ସେଥିପାଇଁ ସମସ୍ତେ ମୋର ପ୍ରେରଣାର ଉତ୍ସ ଥିଲେ। ଜଣେ କେହି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଲେଖକ ମୋ ହାତରେ କଲମ ଧରାଇ ଲେଖ ବୋଲି କହି ନଥିଲେ। ତା'ଛଡ଼ା ଗାଁ ଗହଳର ଝିଅପିଲା, ସେ ପୁଣି ଲେଖିବ। ବଡ଼ ବିଚିତ୍ର କଥା। ଯିଏ ମୋ ପାଇଁ ପ୍ରେରଣାର ଉତ୍ସ ସାଜିଥାନ୍ତେ ସେ ମୋ ବାପା ଅପରିପକ୍ୱ ବୟସରୁ ଆମ ହାତ ଛାଡ଼ି ଦେଇଥିଲେ। ଗୋଟାଏ ବିକଳ, ବ୍ୟାକୁଳ ଅସହାୟତା ଭିତରେ ଏହି ଲେଖାଲେଖି ଓ ପଢ଼ାପଢ଼ି ଏକ ସ୍ଥିରତା ଆଣିବାକୁ ସମର୍ଥ ହୋଇଥିଲା। ମୋର ସେହି ପୁସ୍ତକମାନେ ହିଁ ଆଦ୍ୟ ପ୍ରେରଣା ଯାହାକୁ ସବୁ ପଢ଼ିଲା ପରେ ମୋର ବାଲ୍ୟ ଚପଳ ମାନସିକତା ମନେ ମନେ ଚିନ୍ତା କରୁଥିଲା, କେହି ଜଣେ ଲେଖକଙ୍କର ଆତ୍ମା ମୋ ଶରୀରରେ ସବାର ହୋଇଯାଆନ୍ତା କି ମୁଁ ମଧ୍ୟ ଜଣେ ଲେଖକ ହୋଇ ଏହିଭଳି ସୃଷ୍ଟି ସର୍ଜନା ସବୁ କରିପାରନ୍ତି। ପୁସ୍ତକ ଅଧ୍ୟୟନ ଓ ଆତ୍ମସ୍ଥ କରିବାର ପ୍ରକ୍ରିୟା ମୋତେ ପରିପକ୍ୱ ଭାବ ପ୍ରକାଶର ପଥ ପ୍ରଦର୍ଶନ କଲା।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ୧୯୭୨ ମସିହା ଫାଷ୍ଟ ଇୟର ଡିଗ୍ରୀ ପରୀକ୍ଷା ପରେ କଟକରୁ ପ୍ରସନ୍ନ ଭାଇ (ପାଟଶାଣୀ) ଓ ସ୍ୱର୍ଗତ ସୁବୋଧ ଦାସଙ୍କ ସହ ବାରିପଦାରେ ଅନୁଷ୍ଠିତ ହେଉଥିବା ଯୁବ ଲେଖକ ସମ୍ମେଳନର ଅଷ୍ଟମ ଅଧିବେଶନରେ ଯୋଗ ଦେଇଥିଲି। ତାହାହିଁ ସାହିତ୍ୟ ଜଗତରେ ମୋର ପ୍ରଥମ ପ୍ରବେଶ ଯାହାର ଅନୁଭୂତି ଅବର୍ଣ୍ଣନୀୟ। ବହୁ ପ୍ରଥିତଯଶା ସାହିତ୍ୟିକ, ଚିତ୍ରଶିଳ୍ପୀ ଓ କଳାକାରଙ୍କ ମହାସମାବେଶ ବେଶ୍ ଅଭିଭୂତ କରିଥିଲା। ମୋର ବର୍ତ୍ତମାନ ସୁଦ୍ଧା ପ୍ରକାଶିତ କବିତା ପୁସ୍ତକ ଆଠଟି। ଗୋଟିଏ ଗୀତି କବିତା ଓ ଆଉ ଦୁଇଟି ଅନୂଦିତ କବିତା ସଂକଳନ। ଅନୁବାଦ ଉପନ୍ୟାସ ଆଠଖଣ୍ଡ। ସବୁ କବିତା ବହି ମୋ ପାଇଁ ପ୍ରିୟ। ଅନୁଦିତ ଉପନ୍ୟାସ ଗୁଡ଼ିକ ମଧ୍ୟ ବିଭିନ୍ନ ଭାବରେ ଗୁରୁତ୍ୱ ଦୃଷ୍ଟିରୁ କେହି କାହା ସହିତ ତୁଳନୀୟ ନୁହେଁ। ମିର୍ଚ୍ଚା ଏଲିୟାଦଙ୍କ "ଲା ନୁଇ ବେଙ୍ଗଲୀ" ର ଅନୁବାଦ "ଗୋଟିଏ ରାତିର କାହାଣୀ" ବହିଟିର ସ୍ଥାନ କିନ୍ତୁ ସବୁରି ଉପରେ। ଏହି ବହିରେ ଭାରତୀୟ ଦର୍ଶନ ଓ ପ୍ରାକୃତିକ ଶୋଭା ସଂପଦର ପ୍ରାଚୁର୍ଯ୍ୟ ସହିତ ସାମାଜିକ ଜୀବନ ଶୈଳୀର ସଂସ୍କାର ଓ ଆପଣାର ଭାବ ଜଣେ ବିଦେଶୀ ଯୁବକଙ୍କୁ କିପରି ଆକୃଷ୍ଟ କରିଛି ତାହା ସୁନ୍ଦର ଭାବରେ ଚିତ୍ରିତ। ଅପରିପକ୍ୱ ବୟସରେ ପ୍ରତିଷ୍ଠିତ ଲେଖିକା ମୈତ୍ରେୟୀ ଦେବୀ ଓ ତାଙ୍କ ପରିବାର ସହ ସଂପର୍କ, ସଂଘାତ ଓ ପରିଣତିକୁ ନେଇ ଊନବିଂଶ ଶତାବ୍ଦୀର ଭାରତୀୟ ସମାଜର ପ୍ରତିଫଳନ ସବୁ ଅତି ଚମତ୍କାର ଭାବରେ ବର୍ଣ୍ଣିତ।



ସ୍ୱାମୀଙ୍କ ସହ ଏକ ଆବେଗିକ ମୁହୂର୍ତ୍ତରେ କବି ବିଦ୍ୟୁତଲତା...

■ ଅଳ୍ପରେ କବି ବିଦ୍ୟୁତଲତା ଦାସ ...



ଜନ୍ମ-୧୦ ଅକ୍ଟୋବର ୧୯୫୨
ପିତା: ସ୍ୱର୍ଗତ ରଙ୍ଗାଧର ଦାସ (ସ୍ୱାଧୀନତା ସଂଗ୍ରାମୀ)
ମାତା: ସ୍ୱର୍ଗତ ବୈଦେହୀ ଦାସ
ସ୍ୱାମୀ : ଶ୍ରୀଯୁକ୍ତ ବଂଶୀଧର ଦାସ
ବର୍ତ୍ତମାନର ଠିକଣା :
ମଙ୍ଗଳପୁର, ଦଶରଥପୁର, ଯାଜପୁର-୭୫୫୦୧୧
ମୋ: ୭୬୦୫୯୪୮୭୧୪/ ୯୪୩୭୧୮୮୦୫୯

■ ପ୍ରକାଶିତ ପୁସ୍ତକ ■

**କବିତା**
୧-ମାଟିର ମମତା
୨- ଅଂଜଳି
୩-ଶୂନ୍ୟହାତ
୪- ଡାଆଣୀ ଆଲୁଅ
୫- ମିଛ ମୋହ
୬- ତୋତେ ଯାହା ମନା
୭- ମେଘର ପାଉଁଜି
୮- ପକ୍ଷୀମୋହ
୯- କେହିଜଣେ

**ଅନୁବାଦ**
୧- କଲ୍ଲୋଳିନୀ ଭାଗ-୧ (କବିତା)
୨- କଲ୍ଲୋଳିନୀ ଭାଗ-୨ (କବିତା)
୩- ନା (ଉପନ୍ୟାସ)
୪- ରାଜର୍ଷି
୫- ଗୋଟିଏ ରାତିର କାହାଣୀ
୬- Cultural Heritage
୭ - ଦିନଲିପିରେ ରବୀନ୍ଦନାଥ
୮- ଲାଂଜମାନଙ୍କର ଏକ କାହାଣୀ
୯- ଚମତ୍କାର ଅବକାଶ
୧୦- ପ୍ରକୃତିର ଉପହାର
୧୧- ଗୋଟିଏ ବାଘର ପାଦଚିହ୍ନ ଅନୁସନ୍ଧାନରେ
୧୨- ଦିନଯାଏ
୧୩- ଘୁଣପୋକ
୧୪- କଣ୍ଢେଇନାଚ

■ କୁହାଯାଏ ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ କବି ବା ଲେଖକ ହୋଇ ପାରେ ନା। ଆପଣଙ୍କର ଏ ସଂପର୍କରେ ମତ କ'ଣ ?

■■ ମୁଁ ଏହି ଉପରୋକ୍ତ ଉକ୍ତି ସହ ସଂପୂର୍ଣ୍ଣ ଏକମତ। ଟିକିଏ ଅମାନିଆ ଅନ୍ୟମନସ୍କ ଓ ପାଗଳ ନହେଲେ ନିଜ ଭିତରୁ ଲେଖିବାକୁ କେହି ଉତ୍ପୀଡ଼ିତ କରନ୍ତା ନାହିଁ। ମନ ତ ସମସ୍ତଙ୍କର ଅଛି, କିନ୍ତୁ ସମସ୍ତେ ଲେଖକ ନୁହଁନ୍ତି। ସାରାଜଗତର ଦୁଃଖ ଯନ୍ତ୍ରଣାରେ ସହାନୁଭୂତିଶୀଳ ମନର ଅଭାବ ନାହିଁ। କିନ୍ତୁ ସମସ୍ତଙ୍କ ଲେଖନୀ ମୁଖର ନୁହେଁ। ଏକ ବିସ୍ତୃତ ଜନବସତିରେ ହାତଗଣତି ସ୍ୱଳ୍ପ କେତେଜଣ କିଛି ଭାବପ୍ରକାଶ କରିବାକୁ ସାମର୍ଥ୍ୟ ରଖନ୍ତି। ଏହାର କାରଣ କ'ଣ ? ତେଣୁ ସବୁ ସିଦ୍ଧେଶ୍ୱର ପରିଡା ସାରଳା ଦାସ ହୋଇପାରନ୍ତି ନାହିଁ। ସେଥିପାଇଁ ବିଭୁକୃପା ନିହାତି ଆବଶ୍ୟକ।

■ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ଓଡ଼ିଆ ଭାଷା-ସାହିତ୍ୟର ଭବିଷ୍ୟତ ଉଜ୍ଜ୍ୱଳ। ଏହାକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ସର୍ବାଗ୍ରେ ଗ୍ରାମୀଣ ସର୍ବସାଧାରଣ ପାଠାଗାର ପ୍ରତିଷ୍ଠା ଓ ସଞ୍ଚାଳନାର ଯଥେଷ୍ଟ ଗୁରୁତ୍ୱ ରହୁଛି। ପରିବାରରେ ପିଲାମାନଙ୍କର ପଠନ ଅଭ୍ୟାସର ଅଭିବୃଦ୍ଧି ପ୍ରତି ଦୃଷ୍ଟି ଦେବା ନିହାତି ଆବଶ୍ୟକ। ବିଦ୍ୟାଳୟ ମାନଙ୍କରେ ଥିବା ପାଠାଗାରକୁ ସକ୍ରିୟ କରିବା ଦରକାର। ଅଧିକ ଅଧ୍ୟୟନରେ ହିଁ ଜ୍ଞାନର ପରିସର ସମୃଦ୍ଧ ଓ ଦୃଷ୍ଟିଭଙ୍ଗୀ ପ୍ରସାରିତ ହୁଏ। ପ୍ରକାଶଭଙ୍ଗୀ ପରିପୁଷ୍ଟ ହୋଇଥାଏ। ସମକାଳୀନ ଯେକୌଣସି ଭାଷା ସାହିତ୍ୟ ଠାରୁ ଆମ ଭାଷା ନିଶ୍ଚିତ ସମୃଦ୍ଧ ଓ ସୁଦୃଢ଼। ଦୂରଦର୍ଶନ ଓ ସରକାରୀ ଅପପ୍ରୟୋଗକୁ ମଧ୍ୟ ବିରୋଧ କରାଯିବା ଆବଶ୍ୟକ। କଦର୍ଯ୍ୟ ମିଶ୍ରିତ ଭାଷାରେ ଦୂରଦର୍ଶନର କାର୍ଯ୍ୟକ୍ରମକୁ ସଂଚାଳିତ କରୁଥିବା ଉପସ୍ଥାପିକାମାନଙ୍କର ବହିଷ୍କାର ଆବଶ୍ୟକ। ଶୁଦ୍ଧ ଉଚ୍ଚାରଣ ଓ ଭାବନାଗତ ଶୁଦ୍ଧତା ପ୍ରତି ଦୃଷ୍ଟିଦେବା ଦରକାର। ମୋବାଇଲ ବଦଳରେ ପ୍ରତ୍ୟେକ ପିଲା ହାତରେ ଉପଯୋଗୀ ପୁସ୍ତକ ଧରାଇବା ପ୍ରତ୍ୟେକ ବାପା ମା'ଙ୍କର ପ୍ରଥମ କର୍ତ୍ତବ୍ୟ। ସାମୂହିକ ପ୍ରଚେଷ୍ଟା ଓ ଉଦ୍ୟମ ଦ୍ୱାରା ଏହା ସଫଳ ହୋଇପାରିବ।

■ ଓଡ଼ିଆ ଭାଷା ସାହିତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇବା ସତ୍ତ୍ୱେ ଯେତିକି ଅଗ୍ରଗତି କରିବା କଥା ସେତିକି କରିପାରିନାହିଁ ବୋଲି କୁହାଯାଏ। ଏ ସଂପର୍କରେ କ'ଣ କହିବେ ?

■■ ପ୍ରତ୍ୟେକ ଭାଷାର ସୁଚିନ୍ତିତ, ସୁ ନିୟନ୍ତ୍ରିତ ପ୍ରୟୋଗ ଦ୍ୱାରା ତା'ର ଉତ୍ତରୋତ୍ତର ଉନ୍ନତି ସାଧିତ ହୋଇଥାଏ। ସରକାରୀ ଉଦ୍ୟମ ଓ ବାସ୍ତବରେ ରୂପାୟନ ପାଇଁ ଆନ୍ତରିକତାର ସହିତ କାର୍ଯ୍ୟକ୍ରମ ହାତକୁ ନେବା ଦରକାର। ବିଦ୍ୟାଳୟ ସ୍ତରରେ ଓଡ଼ିଆ ଭାଷା ସାହିତ୍ୟରେ ଉଚ୍ଚତର ଯୋଗ୍ୟତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ନିଯୁକ୍ତ କରାଯିବା ଏକାନ୍ତ ଅପରିହାର୍ଯ୍ୟ। ହିନ୍ଦୀ ଓ ସଂସ୍କୃତ ଭାଷା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷିତ ବ୍ୟକ୍ତି ଶିକ୍ଷାଦାନ କରୁଥିବା ବେଳେ ଓଡ଼ିଆ ପ୍ରତି ଏହି ଅବହେଳା ସ୍ପୃହଣୀୟ ନୁହେଁ। ଛତୁ ଫୁଟିଲା ଭଳି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗୁଡ଼ିକ ବନ୍ଦ ହେବା ଆବଶ୍ୟକ। କାରଣ ଆମର ଗ୍ରାମାଞ୍ଚଳମାନଙ୍କରେ ମଧ୍ୟ ଅନ୍ଧ ଅଭିଭାବକମାନଙ୍କ ଆଭିମୁଖ୍ୟ ଏପରି ହେବା ଦ୍ୱାରା ଏଠିକାର ପିଲାମାନେ ମଧ୍ୟ ଓଡ଼ିଆ ଶିକ୍ଷା ପ୍ରତି ଆଗ୍ରହୀ ନୁହଁନ୍ତି। ପିଲାମାନଙ୍କର ପଠନ ଦକ୍ଷତା ବୃଦ୍ଧିପାଇଁ ପାଠଗାର ଓ ସୃଜନଶୀଳତାର ବିକାଶ ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ବାର୍ଷିକ ମୁଖପତ୍ର ପ୍ରକାଶ ନିତାନ୍ତ ଜରୁରୀ। ବିଭିନ୍ନ ସମୟରେ ଓଡ଼ିଆ ସାହିତ୍ୟର ପ୍ରଥିତଯଶା ସାହିତ୍ୟିକମାନଙ୍କ ଜନ୍ମଜୟନ୍ତୀ ଅନ୍ତତଃ ପକ୍ଷେ ପାଳନ କରାଯିବା ଉଚିତ। ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗର ଅଧ୍ୟାପକ ନିଯୁକ୍ତି ସହ ଗବେଷଣାର ନିୟମିତ ବିକାଶ କଥା ନିରନ୍ତର କାର୍ଯ୍ୟକାରୀ ହେବା ନିହାତି ଆବଶ୍ୟକ। ଶିକ୍ଷକ, ଶିକ୍ଷୟିତ୍ରୀମାନେ ହିଁ ପିଲାମାନଙ୍କର ଆଦ୍ୟ ପ୍ରେରଣା। ବାରମ୍ବାର ପ୍ରଶିକ୍ଷଣ ପ୍ରଦାନ ଦ୍ୱାରା ସେମାନଙ୍କୁ ସୁସମୃଦ୍ଧ ଜ୍ଞାନ ଭଣ୍ଡାର ପ୍ରଦାନ କରିବା ଓ ପରିବର୍ତ୍ତିତ ଶିକ୍ଷାପଦ୍ଧତି ସହ ପରିଚିତ କରାଯିବା ଆବଶ୍ୟକ। ଭାଷା ସାହିତ୍ୟ ପ୍ରତି ପ୍ରତିବଦ୍ଧତା ତୃଣମୂଳସ୍ତରରୁ ସୃଷ୍ଟି ହେବା ଦରକାର। ଭାଷାର ଅପପ୍ରୟୋଗ ଓ ମିଶ୍ରିତ ବ୍ୟବହାରକୁ ମଧ୍ୟ ଆମକୁ ସୁଧାରି ନେବା ଜରୁରୀ। ପାରିବାରିକ ସ୍ତରରୁ ଏହି ସଚେତନତା ସୃଷ୍ଟି ହେବା ପ୍ରତି ସମସ୍ତେ ଧ୍ୟାନଦେବା ଦରକାର।



ନାତି ନାତୁଣୀଙ୍କ ସହ କବି...

■ କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ କବି ଭାବରେ ସେମିତି କିଛି ଅନୁଭବ ଆପଣଙ୍କର କ'ଣ ଅଛି ?

■■ ମାନସିକତା ଉପରେ କବିତାର ଗଭୀର ପ୍ରଭାବ ରହିଛି। ତା' ନହୋଇଥିଲେ ଜାତିସଂଘ ସଭାକକ୍ଷରେ ସନ୍ଥକବି ଭୀମ ଭୋଇଙ୍କ ରଚନା–

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ ।"

ଏହି ଉଦ୍ଧୃତାଂଶଟି ଆଜି ଶୋଭା ପାଉ ନଥା'ନ୍ତା। ଆମ ସଂସ୍କୃତିର ଗୀତା, ଭାଗବତ, ରାମାୟଣ, ମହାଭାରତର ଅସଂଖ୍ୟ ଉଦାହରଣ ଆମ ଜୀବନପଥକୁ ମାର୍ଗ ଦର୍ଶନ କରୁନଥାନ୍ତା।

ସବୁ ଯୁଗରେ ବିଭିନ୍ନ କବିତାର ସ୍ୱତନ୍ତ୍ର ଗ୍ରହଣୀୟତା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରିଛି। ମନୋରମ ଓ ଭୟଙ୍କର ପ୍ରକୃତିର ମାଧୁର୍ଯ୍ୟ ସହିତ ପ୍ରାକୃତିକ ତାଣ୍ଡବ ସମ୍ବନ୍ଧୀୟ ରଚନାବଳୀ ମନରେ ପୁଲକ ଭରିଛି ତ ଭୀତ ସନ୍ତ୍ରସ୍ତ କରିଛି। ନୂତନ ସୃଷ୍ଟିପାଇଁ ପ୍ରେରଣା ସାଜିଛି। ବିଭୁପ୍ରେମ ଓ ବିଭୁବନ୍ଦନା ଅନେକ ଦୁଃଖ ଓ ଭାବୁକ ହାତରେ ଲେଖନୀ ଧରାଇଛି। ରୋମାଣ୍ଟିକ ଚେତନାର ସଂଖ୍ୟାହୀନ ସୃଷ୍ଟି ଓ ପରସ୍ପର ମଧ୍ୟରେ ଅଦୃଶ୍ୟ ପ୍ରତିଦ୍ୱନ୍ଦିତା ଅନେକ ବିଧୁର, ଲଳିତ ରଚନାବଳୀ ସୃଷ୍ଟି କରିଚାଲିଛି।

ମୁଁ କହିଛି ତ ମୋ ନିଜ କଥା ପଢ଼ି ପଢ଼ି ମୁଁ ଆଜି ଲେଖକ। ଭାବ ବିଭୋର ମାନସପଟରେ କିଏ କେତେ ପ୍ରଭାବିତ କଲେ ମୋର କିଛି ମନେନାହିଁ, କିନ୍ତୁ ଏହି ଅଧ୍ୟୟନରୁ ମୁଁ ଯାହା ଆହରଣ କରିଛି, ତାହା ମୋର ଅବଚେତନରେ ସଞ୍ଚିତ ଅଛି ନିଶ୍ଚୟ। ପୁସ୍ତକ ପଠନର ଅନୁରକ୍ତି ହିଁ ମୋ କଲମକୁ ମୁଖର କରିଛି। ମୋ ପିଲାମାନଙ୍କ ମଧ୍ୟରେ ଏହି ପଠନ ପ୍ରବୃତ୍ତିଟିକୁ ମଧ୍ୟ ମୁଁ ଉଜ୍ଜୀବୀତ କରି ରଖିଛି।

ଏହି ଅଧ୍ୟୟନ କ୍ରମରେ ମୋ ଭିତରେ ଏକ ସ୍ୱତନ୍ତ୍ର ରୁଚିବୋଧ ଓ ଗ୍ରହଣୀୟତା ମୁଁ ସୃଷ୍ଟିକରି ପାରିଛି। ଯାହାସବୁ ମୋର ଲେଖାରେ ପ୍ରତିଫଳିତ।

■ କବି ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? କବିତା ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉବୋଲି ଆପଣ ଚାହିଁବେ ?

■■ ପୁରସ୍କାର ଆନନ୍ଦ ଦିଏ, ଆତ୍ମସନ୍ତୋଷ ଦିଏ। ଆଗକୁ ମାଡ଼ି ଚାଲିବାକୁ ପ୍ରେରଣା ମଧ୍ୟ ହୋଇଥାଏ। ଜଣକୁ ବୟସାଧିକ୍ୟ ସମୟରେ, ମୃତ୍ୟୁଶଯ୍ୟାରେ, ଜୀବନର ଶେଷବେଳରେ ପୁରସ୍କୃତ କରିବାଟାକୁ ମୁଁ ସହଜରେ ଗ୍ରହଣ କରିପାରେନାହିଁ।

"ବସୁଧୈବ କୁଟୁମ୍ବକମ୍" ଓ "ଜନନୀ ଜନ୍ମମାଟିକୁ ସ୍ୱର୍ଗାଦପୀ ଗରିୟସୀ" ମୋର କବିତା ଗୁଡ଼ିକର ଅନ୍ତଃସ୍ୱର। ଅନ୍ୟାୟ, ଅନୀତି, ଦୁରାଚାର ଗୁଡ଼ିକୁ ସରଳ ସହଜ ଭାବ ଓ ଭାଷାରେ ସଜେଇ ଜନ ସମାଜକୁ ସଚେତନ ଓ ସାବାଧାନ କରିବାର ପ୍ରୟାସ ହିଁ ମୋର ଲେଖାର ମୁଖ୍ୟ ସ୍ୱର। ସଂସ୍କୃତି, ସଂସ୍କାର ଓ ସକାରାତ୍ମକ ଦୃଷ୍ଟିଭଙ୍ଗୀ ନେଇ ମଣିଷ ମାଟିମନସ୍କ ହେଉ- ଏହି ବାର୍ତ୍ତାଟିକୁ ନେଇ ମୁଁ ଜନମାନସକୁ ସ୍ପର୍ଶ କରିବାକୁ ଚାହେଁ। ସବୁଠି ସମାସ୍ୟା ଅଛି, ସମାଧାନ ମଧ୍ୟ ଅଛି। ଶାନ୍ତି ଓ ସୌହାର୍ଦ୍ଦ୍ୟର ବାତାବରଣ ପ୍ରତି ସଚେତନଶୀଳ ହେବା ଏକାନ୍ତ ଅପରିହାର୍ଯ୍ୟ ବୋଲି ବୁଝାଇବାକୁ ଚେଷ୍ଟିତ ହେବି। ଓଡ଼ିଆ ସାହିତ୍ୟକୁ ବିଶ୍ୱଦରବାରରେ ପ୍ରତିଷ୍ଠିତ କରିଥିବା ପ୍ରଥିତଯଶା ଲେଖକ ସ୍ୱର୍ଗତ ମନୋଜ ଦାସଙ୍କୁ ମରଣୋତ୍ତର ପୁରସ୍କାର, ମୁଁ ସହଜରେ ଗ୍ରହଣ କରିପାରି ନାହିଁ।

♥♥



ବିବାହବାର୍ଷିକୀରେ ନିଜ ପରିବାର ସହ କବି ବିଦ୍ୟୁତଲତା ଦାସ...



ସମ୍ବର୍ଦ୍ଧିତ ହେବାର ବିରଳ ମୁହୂର୍ତ୍ତ...



ମୋନାଲିସା ମିଶ୍ର

ଏବେ ମନେ ପଡ଼ୁଛି କଥା କଥାକେ ମଲ୍ଲୀଫୁଟା ହସ ହସି ଦଉଥିବା ସେଇଝିଅର କଥା। ରେଭେନ୍ସାରେ ପି.ଜି କଲାବେଳେ ମୋର ବାନ୍ଧବୀ ଥିଲା କମ୍ ପାଠିକା ଥିଲା ବେଶୀ। ପ୍ରେମ କରୁଥିଲା ସିଏ, ମହାନଦୀ କୂଳର ସବୁତକ ପବନ ଶୋଷିଦେଇ ଭାସିଲା ଭାସିଲା ଆଖିଟିଏ ଧରି ଆସୁଥିଲା ହଷ୍ଟେଲ୍କୁ, ଆଉ ତାପରେ ମୋ ରୁମ୍କୁ ଆସି ପଚାରୁଥିଲା, କଣ ନୂଆ ଲେଖିଛୁ କହ। ମୁଁ ବୁଝୁଥିଲି ତା ଚାଲାକି, ମୋ କାହାଣୀର ଚରିତ୍ରମାନଙ୍କ ଭିତରେ ସେ ନିଜକୁ ମିଶେଇ ଦିଏ, ହଜିଯାଏ କୋଉ ପ୍ରେମିକ ରାଇଜରେ।

## ପ୍ରିୟ ପାଠକ-୩୦

# ସ୍ନେହ ଟିକିଏ ଥାଏ ବୋଲି..

କିଏ ଜଣେ କୋଉଠି ସ୍ନେହ ଟିକିଏ ଧରି ରହିଥାଏ ବୋଲି ମଣିଷଟିଏ ବଂଚିଥାଏ।

କିଛିକଥା ରହିଯାଏ ମନରେ, କିଛି ବ୍ୟକ୍ତି ରହିଯାଆନ୍ତି ମାନସପଟରେ କିନ୍ତୁ ଆଉ କେତେଜଣ ମନରେ ଖୋଦେଇ ହେଇ ରହିଯାଇ ଥାଆନ୍ତି ନା ବ୍ୟକ୍ତିହେଇ ନା କଥା ହେଇ ନା ଅକ୍ଷର ହୋଇ, ସେମାନେ ସେ ସବୁରୁ ଉତ୍ତୀର୍ଣ୍ଣ ହେଇ ଏକ ସ୍ଥିର ଚେତନା ହୋଇ ରହି ଯାଇଥାନ୍ତି ଭିତରେ। ବାରମ୍ବାର ଆସନ୍ତି ସେମାନେ ଚେତନରେ ଅବଚେତନରେ। ସମୟ ସେମାନଙ୍କୁ ପୋଛି ପାରେନା, ସେଇ ହେଉଛି ପାଠକୀୟ ଚେତନା। ଯିଏ ଲେଖକର ଅନ୍ତରାଳରେ ରହି ତା କଲମ ଚଲେଇବାରେ ସାହାଯ୍ୟ କରେ।

ଲେଖକ ଯେମିତି ଶବ୍ଦଟିଏ ଖୋଜି ହଉଥାଏ, ସୃଜନର ମୁହୂର୍ତ୍ତଟିଏ ଅଣ୍ଡାଳି ହେଉଥାଏ ସେମିତିବି ଅନ୍ତରରେ ଖୋଜି ହଉଥାଏ ତା ଲେଖକୀୟ ତଂତ୍ରୀକୁ ଅଧିକ ପ୍ରକମ୍ପିତ କରିବା ପାଇଁ ଦରଦୀ ପାଠକଟିଏ। ମୋର ଭାଗ୍ୟ ଯେ ଅଳ୍ପେ ବହୁତେ ମୁଁ ପାଇଛିଏମିତି ଅନେକ ଦରଦୀ ହୃଦୟ।

ଏବେ ମନେ ପଡ଼ୁଛି କଥା କଥାକେ ମଲ୍ଲୀଫୁଟା ହସ ହସି ଦଉଥିବା ସେଇଝିଅର କଥା। ରେଭେନ୍ସାରେ ପି.ଜି କଲାବେଳେ ମୋର ବାନ୍ଧବୀ ଥିଲା କମ୍ ପାଠିକା ଥିଲା ବେଶୀ। ପ୍ରେମ କରୁଥିଲା ସିଏ, ମହାନଦୀ କୂଳର ସବୁତକ ପବନ ଶୋଷିଦେଇ ଭାସିଲା ଭାସିଲା ଆଖିଟିଏ ଧରି ଆସୁଥିଲା ହଷ୍ଟେଲ୍କୁ, ଆଉ ତାପରେ ମୋ ରୁମ୍କୁ ଆସି ପଚାରୁଥିଲା, କଣ ନୂଆ ଲେଖିଛୁ କହ। ମୁଁ ବୁଝୁଥିଲି ତା ଚାଲାକି, ମୋ କାହାଣୀର ଚରିତ୍ରମାନଙ୍କ ଭିତରେ ସେ ନିଜକୁ ମିଶେଇ ଦିଏ, ହଜିଯାଏ କୋଉ ପ୍ରେମିକ ରାଇଜରେ। ସେତେବେଳର ମୋର ଗଳ୍ପରେ ନୂଆ ନୂଆ ପ୍ରବେଶ କରିବାର ସମୟ, ମନରେ ଏତେଟା ବିଶ୍ୱାସ ନଥାଏ। ଲାଗୁଥାଏ ଯେମିତି ମୋ ଗପ କେହି ପଢିବେନି କିନ୍ତୁ ସେ ଯେମିତି ଭାବନାରେ ମଜିଯାଇ ମୋ ଗପ ଶୁଣୁଥାଏ ମୋ ଭିତରେ ଦମ୍ଭ ଆସିଯାଉଥାଏ। ହଁ, ଗପ ବୋଧେ ମୁଁ ଲେଖିପାରିବି।

ସେତେବେଳେ ମୋର ପ୍ରଥମ ଗପ 'ନିଷିଦ୍ଧ ନାୟିକା' ପ୍ରକାଶିତ ହେଇଥିଲା ସୁଚରିତାରେ, ତାକୁ ପଢିଲା ବେଳେ ସେ କାନ୍ଦ କାନ୍ଦ ହେଇ କହିଲା ଇସ୍!..ଏମିତି କାହିଁକି କଲୁ! ଏତେ ଦଣ୍ଡ ଦେଲୁ ଖାଲି ପ୍ରେମ କରୁଥିଲା ବୋଲି ଝିଅଟିକୁ! ନିଷିଦ୍ଧ ନାୟିକା କରିଦେଲୁ? ତା ବାପାର ଶବକୁ ବି ସେ ଛୁଇଁ ପାରିବ ନାହିଁ! ଇ! ମା !ଏତେ କଷ୍ଟ ଦେଲୁ ତାକୁ!

ମୁଁ ଆଶ୍ଚର୍ଯ୍ୟ ହେଇ ଚାହିଁଥିଲି ତାକୁ, ଯା'କୁ ଏତେ ବାଧି ଯାଉଛି କାହିଁକି? ସେତେବେଳେ ଜାଣିନଥିଲି ସେ ପ୍ରେମ କରୁଛି ବୋଲି। ଏବେ ମନେ ପଡ଼ିଲେ ହସ ଲାଗୁଛି। ମୁଁ ଲେଖିବା ଆରମ୍ଭ କରିନଥିବା ଗପ ବି ତାକୁ କହି ଦଉଥିଲି ଆଉ ଦେଖୁଥିଲି ତା ଆଖିର ଚମକ୍କୁ, ଉତ୍କଣ୍ଠାରେ ଉଛୁଳି ଉଠୁଥିବା ତା ମୁଖଭଙ୍ଗୀକୁ। ସେଇଥିରୁ ମୁଁ ମୋ ଗପର ଭଲ ମନ୍ଦ ଜାଣି ପାରୁଥିଲି।

ସେଇ ସୁଚରିତାରେ 'ନୀରବ ଅନ୍ତରଙ୍ଗ' ବୋଲି ଗପଟିଏ ବାହାରିଥିଲା ଯେଉଁଥିରେ ବହୁ ଦିନ ଧରି ଉଦାସ୍ ଏବଂ ବିମୁଖ ରହୁଥିବା ପତି ପତ୍ନୀଙ୍କ ମଝିରେ ପ୍ରେମର ପ୍ରତୀକ ହେଇ ଆସିଛି କଅଁଳ ଠେକୁଆଟିଏ, ଦୁହିଁଙ୍କ କୋଳରେ ଖୁପୁରୁଖୁପୁରୁ ଡିଆଁଡେଇଁ କରି ସେମାନଙ୍କ ନୀରବତା ଭଙ୍ଗ କରିଛି, ଧୀରେ ଧୀରେ ସେଇ ଠେକୁଆ ଯୋଗୁଁ ଉଭୟେ ନିକଟତର ହେଇଛନ୍ତି କିନ୍ତୁ ଶେଷରେ ଠେକୁଆଟିର ମୃତ୍ୟୁ ହେଇଯାଇଛି, ଏଭଳି ପରିଣତି ଶୁଣି ମୋର ସେଇ ବାନ୍ଧବୀ ଗାଲରେ ହାତ ଦେଇ ବସିଗଲା କେତେ ସମୟ, ତାପରେ ଅତି କରୁଣସ୍ୱରରେ କହିଲା, ଇସ୍! ମରିଗଲା ଠେକୁଆଟି! ନା, ନା, ବଂଚା ତାକୁ।

ସେତେବେଳେ ସେ ସିନା ଆଖି ଛଳଛଳ କରି ପଳେଇଗଲା କିନ୍ତୁ ମୋ ଭିତରେ ଗପ ଲେଖିବାର ମଂଜି ବୁଣି ହେଇଗଲା। ଜାଣିନି ଆଜି କୋଉଠି ଅଛି ସେଇ ପ୍ରେମବାତୁଳୀ ଝିଅଟି, ହୁଏତ ମତେ ମନେ ରଖିନଥିବ କିନ୍ତୁ ତା ସ୍ନେହ କାତର ଲତପତ ପାଠିକାପଣଟି ଏବେବି ମୋ ପାଖେ ଅଛି। ଖାଲି ସିଏ ନୁହେଁ ଏମିତି କିଛି ବନ୍ଧୁମାନଙ୍କ ଯୋଗୁ ମୁଁ କବିତାରୁ ଗପ ଆଡ଼କୁ ମୁହାଁଇଲି।

ସେମିତି ମନେପଡ଼େ ଆଉ ହଳେ କଥା କୁହା ଆଖି। ଯିଏ ସୁଚରିତାରୁ ପ୍ରାୟ ମୋର ସବୁ ଗପ ପଢିଥାନ୍ତି। ନୂଆ ନୂଆ ମୁଁ ରାଉର୍କେଲା ଆସିଥାଏ, ଭଲ କରି କାହା ସହିତ ପରିଚୟ ହେଇନଥାଏ, ସାହିତ୍ୟିକ ବାତାବରଣଟିଏ ମଧ୍ୟ ପାଉନଥାଏ ତେଣୁ ମୁଁ ଟିକେ ଏକୁଟିଆ ଅନୁଭବ କରୁଥାଏ। ସେଇ ସମୟରେ ଦେଖେ ମୋର ଯିବା ଆସିବା ରାସ୍ତାରେ ଜଣେ ମହିଳା ଠିଆ ହେଇଥାନ୍ତି । ନଚିହ୍ନିଲେ ବି ହସିଦିଅନ୍ତି। ଦିନେ ସେ ମୋ ପାଖକୁ ଆସିଲେ ଆଉ ମତେ ଆଶ୍ଚର୍ଯ୍ୟ କଲା ପରି ମୋର ଅନେକ ଗୁଡ଼ାଏ ଗପର କାହାଣୀ କହିଚାଲିଲେ। ସେଇ ଠେକୁଆର ମୃତ୍ୟୁ ବି ତାଙ୍କୁ ବାଧିଥିଲା, ସେଦିନ ମୋ ଦେହ ଶୀତେଇ ଯାଇଥିଲା, ଏ ଭଦ୍ରମହିଳା ମୋର ଏତେ ଲେଖା ସବୁ ମନେ ରଖିଛନ୍ତି! ଶେଷକୁ କହିଲେ, ମୋ ଉପରେ ଗୋଟେ ଗପ ଲେଖିବ! ମୁଁ କଥାଟିକୁ ଏମିତି ହାଲୁକା ଭାବେ ନେଇ ଯାଇଥିଲି।

କିନ୍ତୁ ସେ ବାରମ୍ବାର କହିଲେ, ତମକୁ ମତେ ବହୁତ୍ କଥା କହିବାକୁ ଅଛି। ତମେ ଶୁଣିବ? ମୁଁ ତମ ପାଇଁ ଗୋଟେ କାହାଣୀ ହେଇ ପାରିବିକି?

ଦିନେ ଅବେଳରେ ସେ ଘରକୁ ଆସିଲେ, ହାତରେ ଧରିଥିଲେ ମୋର ନିକଟରେ ପ୍ରକାଶିତ ହେଇଥିବା ଗୋଟେ କବିତା, ଯେଉଁଥିରେ ମୁଁ ନିଜ ଲୋକମାନଙ୍କ ନବରଙ୍ଗୀ ପ୍ରଜାପତି ପରି ରୂପରେ ଯେ କୀଟ ଦଂଶନ ମିଳିପାରେ ବୋଲି ଲେଖିଥିଲି। ସେଇଟି ତାଙ୍କୁ ଖାଲି ଛୁଇଁ ନଥିଲା ବହୁତ୍ ଭାବପ୍ରବଣ କରି ଦେଇଥିଲା, ସେ କାନ୍ଦ କାନ୍ଦ ସ୍ୱରରେ କହିଲେ, ଠିକ୍ ଲେଖିଛ ମୋନା, ନିଜ ଲୋକଙ୍କ ଭିତରେ ଥିବା କପଟ ଆଉ ଛଳନାମୟ ରୂପକୁ ଆମେ ଚିହ୍ନିପାରୁନା, ନିଜର ବୋଲି ଭାବୁଥିବା ଲୋକଟି ହିଁ ଖୁବ୍ ସହଜରେ ଛୁରୀ ମାରିପାରେ।

ପୁଣିଥରେ ତାଙ୍କର ସେଇ ଏକା କଥା, ମୋର ତମକୁ ଅନେକ କଥା କହିବାକୁ ଅଛି, ତମେ ଗପ ଲେଖିବ। ସେଦିନ ବି ତାଙ୍କ କଥା ଶୁଣିହେଲାନି। ଶୁଣିହେଲାନି ଯେ ହେଲାନି, ପରବର୍ତ୍ତୀ ସମୟରେ ମୁଁ ତାଙ୍କୁ ଯେତେବେଳେ ଦେଖା କରିବାକୁ ଗଲି ସେ କେମିତି ଏକ ପଥର ପରି ବସି ରହିଥିଲେ କିଛି କଥା ହେଲେନି। ପରେ ଜାଣିଲି ସିଏ ଅବସାଦଗ୍ରସ୍ତ ଥିଲେ। ତାର କିଛି ଦିନ ପରେ ଦିନେ ପାହାନ୍ତା ପ୍ରହରରେ ଖବର ଆସିଲା ସେ ନିଜ ହାତରେ ନିଜ ଗଳା ରୁନ୍ଧି ଦେଇଛନ୍ତି।

କଥା ରହିଗଲା ଅଶୁଣା ହେଇ, କିନ୍ତୁ ସେ ନକହିଲେ ମଧ୍ୟ କାହାଣୀଟିଏ ପାଲଟି ଗଲେ ମୋ ପାଇଁ, ତାଙ୍କରି ଅନ୍ତର୍ଦ୍ୱନ୍ଦ, କୋହ, ବିଦ୍ରୋହ ଏସବୁ ଅନେକ ରୂପ ନେଇ ମୋ କାହାଣୀରେ ଆସିଲା। ତେଣୁ ସେ କଣ ଖାଲି ମୋ ପାଇଁ ଏକ ପାଠକ ହେଇ ରହିଲେ? ସେ ମୋ ପାଇଁ ଏକ ଲେଖକୀୟ ଚେତନା ହୋଇଗଲେ।

ଏମିତି ଅନେକଙ୍କ ସମଭାବାପନ୍ନ ହୃଦୟ, ଚିନ୍ତାଧାରା ଓ ଆଦର୍ଶର ପାଠକ ଗୋଷ୍ଠୀ ମତେ ସାହାଯ୍ୟ କରିଆସୁଛନ୍ତି। ସିଏ ଯିଏ ଫୁଲ ଆଙ୍କିଲା ପରି ସୁନ୍ଦର ଅକ୍ଷରରେ ଚିଠି ଲେଖି ମତାମତ ଦେଇଛନ୍ତି ଅବା ଥରେ ଦି ଥର ନୁହେଁ ଗୋଟିଏ ଗପକୁ ତିନିଚାରି ଥର ପଢି ବିମୋହିତ ହୋଇ ଫୋନ୍ କରିଛନ୍ତି ଏବଂ ଭୂଲ୍ ତ୍ରୁଟି ବାହାର କରିଛନ୍ତି ସେସମସ୍ତଙ୍କ ନିକଟରେ ମୁଁ ଋଣୀ। ଏମାନେ ମୋର ଗତିକୁ ତ୍ୱରାନିତ କରିବାରେ ସାହାଯ୍ୟ କରିଛନ୍ତି ।

ଏଇ କ୍ରମରେ ଲେଖକ ଓ ବିଶିଷ୍ଟ ପାଠକ ପ୍ରକାଶ ଦାଶଙ୍କ କଥା ନ କହିଲେ ଏ ଲେଖା ସମାପ୍ତ ହୋଇ ପାରିବନି। ସେ ମତେ ପଢି ନଥିଲେ ଅନେକବର୍ଷ ଧରି। ଯେତେବେଳେ ସୃଜନୀରେ ବାହାରିଥିବା ମୋର 'ପ୍ରତିପକ୍ଷ' ଗପଟି ସେ ପଢିଲେ ସେ ଏତେ ବିହ୍ୱଳିତ ହେଇଗଲେ ଯେ ସେ ଖୋଜିଖୋଜି ମୋର ଲେଖା ପଢିବାକୁ ଲାଗିଲେ। ମୁଁ ଏଠି ଶବ୍ଦ ପାଉନି କିଭଳି କହିହେବ ସେ ମତେ ଯେଭଳି ଉତ୍ସାହଜନକ  ମନ୍ତବ୍ୟ ଦେଇ ମୋର କିଛିଟା ଲେଖକୀୟ ଉଦାସୀନତାକୁ ଉଜ୍ଜିବିତ କରିଛନ୍ତି। ଡେରି ରାତିରେ ପଢି ଚିଠି ଲେଖି ଫଟୋ ପଠେଇଦିଅନ୍ତି। ମତେ ସେଇ ଦିନଟି ପାଇଁ ସୃଜନ ଖୋରାକ୍ କିଛି ମିଳିଯାଏ। ତାଙ୍କର ଗୋଟିଏ କଥାକୁ ମନେରଖି ପାଳନ ବି କରୁଛି ମୁଁ । ସେ କୁହନ୍ତି ଲେଖକଟିଏ ଠିଆ ହେଇଥାଏ ଧାଡ଼ିରେ, କେତେବେଳେ କିଛି ପ୍ରାପ୍ତିର ଟୁକୁଡ଼ାଟିଏ ପଡ଼ିବ ତ ଠିକ୍ ଅଛି ନହେଲେ ତ ନାହିଁ, ଲେଖିବା ତା କାମ। ସେ ମୋର ସମସ୍ତ ବହି ନିଜେ ସଂଗ୍ରହ କରି ପଢିଛନ୍ତି ଏବଂ ତାଙ୍କ ଚିହ୍ନାଜଣାଙ୍କୁ ବି ଜଣାଇଛନ୍ତି। ମୁଁ ତାଙ୍କ ପାଖରେ ବହୁ ପରିମାଣରେ ଋଣୀ ତାଙ୍କର ପ୍ରତ୍ୟେକଟି ମତ ଓ ମନ୍ତବ୍ୟ ମୋ ପାଇଁ ମୂଲ୍ୟବାନ୍।

ଲେଖକଟିଏ ଲେଖିଲା ବେଳେ ମାନସପଟରେ ପାଠକଟିଏ ବସିଥାଏ ପାଖରେ। ସେଇ ଅନୁଯାୟୀ ତା କଲମ ଚାଲେ। ପାଠକ ଲେଖକର ସମ୍ପତ୍ତି । କିନ୍ତୁ କେତୋଟି ପାଠକ ମୋ ରଥର ଚକ ସଦୃଶ। ଯେତେଦିନ ସେଇ ସ୍ନେହ ଶ୍ରଦ୍ଧା ଥିବ ମୋ ରଥ ଗଡ଼ୁଥିବ।

♥ ଅ/୭, ଏନ୍.ଆଇ.ଟି କାମ୍ପସ୍,
ରାଉରକେଲା
(ମୋ)୯୯୩୭୩୮୪୭୫୯

ମୁଁ ଏଠି ଶବ୍ଦ ପାଉନି କିଭଳି କହିହେବ ସେ ମତେ ଯେଭଳି ଉତ୍ସାହଜନକ ମନ୍ତବ୍ୟ ଦେଇ ମୋର କିଛିଟା ଲେଖକୀୟ ଉଦାସୀନତାକୁ ଉଜ୍ଜିବିତ କରିଛନ୍ତି। ଡେରି ରାତିରେ ପଢି ଚିଠି ଲେଖି ଫଟୋ ପଠେଇଦିଅନ୍ତି। ମତେ ସେଇ ଦିନଟି ପାଇଁ ସୃଜନ ଖୋରାକ୍ କିଛି ମିଳିଯାଏ। ତାଙ୍କର ଗୋଟିଏ କଥାକୁ ମନେରଖି ପାଳନ ବି କରୁଛି ମୁଁ । ସେ କୁହନ୍ତି ଲେଖକଟିଏ ଠିଆ ହେଇଥାଏ ଧାଡ଼ିରେ, କେତେବେଳେ କିଛି ପ୍ରାପ୍ତିର ଟୁକୁଡ଼ାଟିଏ ପଡ଼ିବ ତ ଠିକ୍ ଅଛି ନହେଲେ ତ ନାହିଁ, ଲେଖିବା ତା କାମ।





ପ୍ରକାଶ ଚନ୍ଦ୍ର ଦାଶ
ପ୍ରିୟ ପାଠକ

---

## ଛୋଟ ଗପ

# ମଉଳା ଫୁଲ

ଶ୍ରୀନିବାସ ସେଠୀ





ଏକ ବ୍ୟସ୍ତ ସହର ଜୀବନ ଏଠି । ନିଜକୁ ଜାକିଯୁକି ଛୋଟ ଫ୍ଲାଟରେ ଆମେ ରହୁ । ବୈଠକଖାନାରେ ଗୋଟିଏ କୋଣକୁ ବୋଉର ଠାକୁର ଖଟୁଲି । ସେଇଠି ତାର ପୂଜାର୍ଚ୍ଚନା । ତା ପୂଜା ପାଇଁ ଫୁଲ ଗଛଟିଏ ନଥାଏ ଆମ ପାଖରେ । ଛୋଟ ବାଲ୍‌କୋନିଟିଏ । ସେଠାରେ ଭିଡ ମାରି ଶୁଖୁଥାଏ କିଛି ଓଦା ଲୁଗା । ଫୁଲ ଗଛଟିଏ ଲଗାଇବାକୁ ଜାଗା ନିଅଣ୍ଟ।

ତେଣୁ ସବୁଦିନ ବାପା ପ୍ରାତଃଭ୍ରମଣରେ ଗଲେ ଫେରିବା ସମୟରେ ବୋଉର ଠାକୁର ପୂଜା ପାଇଁ ଫୁଲ କିଣି ଫେରନ୍ତି । କିନ୍ତୁ ଫୁଲକୁ ଦେଖି ବୋଉର ମୁହଁ ଶୁଖିଯାଏ । ଗାରୁ ଗାରୁ ହୁଏ,'ଗେଣ୍ଡୁଫୁଲ ପୁଣି ମଉଳା ଫୁଲ । ଯଦି ପଇସା ଦେଇ ଫୁଲ କିଣ, ତେବେ ମଉଳା ଫୁଲ କାହିଁକି କିଣ ଯେ ?'

ବାପା ଚୁପ୍ ରୁହନ୍ତି । କିଛି କୁହନ୍ତି ନାହିଁ ।

ପ୍ରତ୍ୟେକ ଦିନ ସେଇ କଥା । ଯେତେ କହିଲେ ବି ସେହି ମଉଳା ଫୁଲ ନେଇ ବାପା ଫେରନ୍ତି ।

ଦିନେ ବୋଉ ବିରକ୍ତ ହୋଇ ମୋତେ କହିଲେ, ' ଦିପୁ ! ତୁ ଆଜି ଯିବୁ ତୋ ବାପାଙ୍କ ସାଙ୍ଗରେ । ଫୁଲ ଦୋକାନଟି ଦେଖି ଆସିବୁ । ତାଜା ତାଜା ଫୁଲ ଦେଖି ଆଣିବୁ ।'

ତା ପରଦିନ ମୁଁ ଗଲି ବାପାଙ୍କ ସାଙ୍ଗରେ । ବାପା ମର୍ଣିଂଓ୍ୱାକ୍ ସାରି ରାସ୍ତା କଡରେ ଫୁଲ ବିକୁଥିବା ଗୋଟିଏ ବୁଢ଼ୀ ପାଖରେ ବସିଲେ । ବାପାଙ୍କୁ ଦେଖି ବୁଢିଟି ସିମେଣ୍ଟ ଚଟାଣକୁ ନିଜ ଶାଢ଼ୀ କାନିରେ ପୋଛି ପକେଇ କହିଲା, 'ବସରେ ପୁଅ ! କେତେବେଳ ଠୁ ଚାହିଁ ରହିଥିଲି, ଏତେ ବେଳ ହେଲା କିନ୍ତୁ ଦେଖା ନଥିଲା ତୋର । ଆଜି ଆସିବା ଡେରି ହୋଇଗଲା ଯେ !'

- ଆଜି ପୁଅକୁ ଆସିବାର ଥିଲା ସାଙ୍ଗରେ ଫୁଲ ଦୋକାନ ଦେଖିବାକୁ । ତେଣୁ ଟିକିଏ ଡେରି ହୋଇଗଲା ।

ମୋ ଆଡ଼କୁ ଚାହିଁ ବୁଢୀ ଜଣକ କହିଲେ ,

-' ଓଃ , ଇଏ ତୁମ ପୁଅ । କେଡେ ସୁନ୍ଦର ଛୁଆଟି । ହଉ ବସ୍ ଛୁଆ, ମୁଁ ତୋ ପାଇଁ ଚାହା ଟିକିଏ ନେଇ ଆସେ ପାଖ ଦୋକାନରୁ ।'

- ମୁଁ ଚାହା ପିଏନି ଚାଚି !

- ଆହାଃ , ଚାହା ବି ପିଏନି । କେତେ ଭଲ ପିଲା ତୁମର । କେତେ ମିଠା କଥା ତା'ର !

ମୁଁ ଖୁସି ହେଲି । ମିଠା କଥା ତ ଚାଚି ହିଁ କହୁଛି । ପଦୁଟିଏ କଥାରେ ନିଜର କରି ନେଉଛି। ହୁଏତ ପୂଜାଫୁଲ ବିକୁଥିବା ସବୁ ଲୋକଙ୍କର ଓଠର ଭାଷା ମିଠା ହେଇଥିବ ।

ଫୁଲ ଗାଡିଟିଏ ପହଞ୍ଚିଲା । ଚାଚି ପାଖରେ ଗୋଟିଏ ଝୁଡି ଫୁଲ ଦେଇ ଯିବା ସମୟରେ ଚାଚି କହି ପକାଇଲା, 'ହୋଇରେ ବଣ୍ଟି ! ମଉଳା ଫୁଲ ନେବାକୁ ଆଉ ଗରାଖ ଚାହୁଁନାହାନ୍ତି । କେତେ କେତେ ଲୋକ ମଉଳାଫୁଲ ଦେଖି ଦୋକାନ ସାମନାରୁ ଫେରି ଯାଉଛନ୍ତି । କିଛି ସଜ ଫୁଲ ଦେ । ସେଇ ଏକା ଦାମ ଲଗା ।'

- 'ଚାଚା ଥିବା ସମୟରେ ମୁଁ ତାଜା ଫୁଲ ଦେଉଥିଲି ନା ନାହିଁ ? କୋରନାରେ ଚାଚା ଗଲା ପରେ ତୁ ନିଜେ ଦେଖ, କେତେ ପଇସା ଦେଉଛୁ, ସେ ପଇସାରେ ସଜ ଫୁଲ କୁଆଡେ ମିଳିବ ଲୋ ! ଗେଣ୍ଡୁଫୁଲ ଚାଷବିଲରୁ ଟ୍ରକରେ ଆସି ହାଓଡ଼ା ଫୁଲ ମଣ୍ଡି ହୋଇ ଖୁଚୁରା ବେପାରୀ ପାଖରେ ପହଂଚିଲା ବେଳକୁ ଝୁଡି ପିଛା ଅଢେଇ ଶହ ଟଙ୍କା ହେଲାଣି । କେବଳ ଚାଚାର ମୁହଁ ମନେ ପଡେ ବୋଲି ତୋତେ ଶହେ ଟଙ୍କାରେ ଦିଏ । ସେତକରେ ମଉଳା ଫୁଲ ତ ମିଳି ପାରିବ ଲୋ ଚାଚି ।'

- 'ହଉ ଦେ ! ତୋର ଇଚ୍ଛା ! ସେ ସଜ ଫୁଲକୁ ଦାମ୍ ମୋ ପାଖରେ ତ ନାହିଁ । ଆଉ ଦିନ କେତେଟା ଅବା ! ଏ ଫୁଲ ମଣ୍ଡିରେ ମୁଁ ବି ହଜି ଯିବି ।'

ବାପା ମୋତେ ଚାହିଁ ଧିରେ ଧିରେ କହିଲେ, 'ବୁଢୀଟି ବିଚାରୀ ନିରାଶ୍ରୟୀ । ତା ସ୍ୱାମୀ ଫୁଲ ବିକୁଥିଲା । ସଜ ଫୁଲ । ଭଲ ପଇସା ହେଉଥିଲା। ମରିଗଲା କୋରନାରେ । ପୁଅ ଗୋଟିଏ । ଆଗ ମାଛ ମାର୍କେଟରେ ଲୋକ ମାଛ କିଣିଲେ ମାଛ ସଫା କରି କେଳେଇ ଦିଏ । ସେଇଥିରୁ ଜଣକ ପିଛା ଦଶଟଙ୍କା ମିଳେ । କିନ୍ତୁ ଦିନ ଶେଷକୁ ଅଢେଇ ଶହ କି ତିନି ଶହ ଟଙ୍କା ହୋଇଯାଏ । ବୁଢୀ ପ୍ରଥମେ ପୁଅ ପାଖରେ ରହୁଥିଲା । ବୁଢା ଯିବା ପରେ ତା ବୋହୂ ବୁଢୀ ଶାଶୁକୁ ସଂଜ ପହରରେ ବାଳ ଘୋଷାରି ଘରୁ ବାହାର କରିଦେଲା । ପୁଅଟା ସେଇମିତି । ପଦେ କହି ପାରିଲା ନାହିଁ ସ୍ତ୍ରୀ ମୁହଁରେ । ବୁଢ଼ୀର ବୟସ ହେଲାଣି । ଏଇ ଫୁଲ ବିକିଲେ ଯାହା ମିଳେ ସେତକରେ ଚଳେ । ଯେଉଁଦିନ ଫୁଲ ବିକ୍ରି ହୁଏନି, ସେଦିନ ବୁଢୀର ଚୁଲି ଜଳେନି ।

ସଜଫୁଲର ବେପାରରେ ପଇସା ଲାଗେ । ବୁଢୀ ପଇସା ଦେଇ ପାରେନି । ଏ ଫୁଲ କାଲିକା ହାଓଡ଼ା ଫୁଲ ମଣ୍ଡିରେ ଦୋକାନୀ ବିକି ସାରିଲା ପରେ ଯାହା ବଳକା ଥାଏ, ସେତକ ଠୁଳେଇ ଏ ମଉଳା ଫୁଲର ବେପାରୀ ଆଣି ବିକି ଦିଅନ୍ତି, ଖୁବ୍ କମ୍ ପଇସାରେ । ବଣ୍ଟି ମଧ ଜାଣି ଶୁଣି ମଉଳା ଫୁଲ ଦେବାକୁ କେତେ ବାହାନା କରେ। ଫିଙ୍ଗିବା ପାଇଁ ରଖାଯାଇଥିବା ଫୁଲକୁ ବୁଢୀକୁ ଦେଇ ପୁରା ପଇସାଟା ତାର ହୁଏ । ସେଥିରେ କିଣା ପାଇଁ ତ ପଇସା ଲାଗେନି !'

- 'ଚାଚି ତା ଚାଲାକି ବୁଝି ପାରେନାହିଁ ? ' ମୁଁ ପଚାରିଲି ।

ସେ ବୁଝେ କି ନାହିଁ ଜାଣିନି ମୁଁ । ପଚାରିଲେ କହେ, 'ସେ ତ ଠିକ୍ କଥା ପୁଅ, କିନ୍ତୁ ଫୁଲର ଦୋଷ କ'ଣ କହ ? ମଉଳି ଯିବାର ଭାଗ୍ୟ ନେଇ କେଉଁ ଦେବତାର ପାଦ ସ୍ପର୍ଶ କ'ଣ ପାଇ ପାରିବନି ?'

ବୁଢୀ ତା ନିଜ ଜୀବନର ସଂଘର୍ଷ ନେଇ ଗୋଟିଏ ମଉଳା ଫୁଲରେ ଆନ୍ତରିକତା ଭରେ ।

ଫୁଲର ବଜାରକୁ ସବୁ ଫୁଲ ଆସେ । ବଜାର କିନ୍ତୁ ସବୁ ଫୁଲ ପାଇଁ ନୁହେଁ ।

ମୁଁ ବୁଝିଲି, ବାପା ବୁଢୀର ଏ ଅସହାୟତାରୁ ମୁକୁଳି ପାରୁନାହାନ୍ତି । ତେଣ ସଜ ଫୁଲ ପାଇଁ ଦୋକାନ ବଦଳେଇ ପାରି ନାହାଁନ୍ତି ।

ବୋଉ ଆଜି ମୋ ହାତରେ ମଉଳା ଫୁଲ ଦେଖି ମୋତେ ଆଶ୍ଚର୍ଯ୍ୟ ହୋଇ ଅନାଇଲା । କହିଲା, 'ତୁମ ବାପ ପୁଅଙ୍କୁ ସଜ ଫୁଲର ଦୋକାନ କ'ଣ ମିଳେନାହିଁ ?'

ମୁଁ ଶାନ୍ତ ସ୍ୱରରେ କହିଲି,

- ବୋଉ ! ଗୋଟିଏ ଫୁଟିଲା ଫୁଲର ପ୍ରାର୍ଥନା ଥିଲା , 'ମଉଳି ଯିବା ପୂର୍ବରୁ ଦେବତାଙ୍କ ପାଦତଳେ ସ୍ଥାନ ପାଇବାର ତାର ଭାଗ୍ୟଟିଏ ହେଉ ।' ସକାଳୁ ଉଠି କେଉଁ ମାଳ୍ୟାଣି ଗୋଟିଏ ଗୋଟିଏ ଫୁଲ ଗୁନ୍ଥିବା ପୂର୍ବରୁ ପ୍ରାର୍ଥନା କରିଥିଲା ଆଜି ଦିନକର ତା ଭାତ ହାଣ୍ଡିରେ ଦୁଇ ମୁଠା ଚାଉଳର ଭାତ ଫୁଟୁ । ଯିଏ ଫୁଲଟିଏ ମଉଳିଯିବାର ମୂହୁର୍ତ୍ତ ଯୋଡିଛନ୍ତି ସେ ତ ମଉଳା ଫୁଲର ଦୁଃଖ ବୁଝନ୍ତି ବୋଉ !

ମୋର କଥା ଶୁଣି ବୋଉ ହସି ପକେଇଲା । ସେ ବହୁତ ଖୁସି ହୋଇ ମୋ ହାତରୁ ମଉଳା ଫୁଲ ନେଇଗଲା ।

ମୁଁ ପୁଣି କହିଲି, 'ଜାଣୁ ବୋଉ ? ତୋତେ ଆଉ କିଛି ଦିନ ହିଁ ମଉଳା ଫୁଲ ନେଇ ପୂଜା କରିବାକୁ ପଡ଼ିବ ।'

ବୋଉ ଆଖିରେ ମୋ ଶେଷ ପଦକରେ ଦୁଇ ଟୋପା ଲୁହ ଝରି ଆସୁଥିଲା ।

'ନାଇଁରେ ଦୀପୁ ! ଏ ଫୁଲ ବଜାରରେ ସଜ ଫୁଲ ସାଙ୍ଗରେ ଥାଉ ସବୁଦିନ ପାଇଁ କିଛି ମଉଳା। ପ୍ରଭୁଙ୍କ ପାଦରେ ଫୁଲ ରଖିଲା ବେଳେ ପ୍ରଭୁ କେବେ ବି ମନା ଊଣା କରି ନାହାନ୍ତି । ଏକା ପରି ହସୁଥାନ୍ତି ସବୁ ଦିନ ପରି ।'

♥ ବସନ୍ତ ପୁର, ଗେଙ୍ଗୁଟି, ବାଲେଶ୍ୱର

---

# ବାମନ ଅବତାରରେ ଶ୍ରୀବିଷ୍ଣୁଙ୍କ ବଳୀଙ୍କୁ ଶିକ୍ଷା

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ପାଳନ କରାଯାଏ ଭଗବାନ ଶ୍ରୀବିଷ୍ଣୁଙ୍କ ଅବତାର ଶ୍ରୀବାମନଙ୍କ ପବିତ୍ର ଜନ୍ମୋତ୍ସବ। ଦେବଲୋକରେ ଇନ୍ଦ୍ରଙ୍କ ଅଧିକାର ପୁନଃ ସ୍ଥାପିତ କରିବା ପାଇଁ ଶ୍ରୀବିଷ୍ଣୁ ବାମନ ଅବତାର ନେଇଥିବା ପୁରାଣରେ ବର୍ଣ୍ଣିତ ଅଛି। ଶ୍ରୀମଦ୍‌ଭାଗବତର ଅଷ୍ଟମ ସ୍କନ୍ଧରେ ଥିବା ବର୍ଣ୍ଣନା ଅନୁଯାୟୀ, ଏହି ତିଥିରେ ମକର ଚନ୍ଦ୍ର ଶ୍ରବଣା ନକ୍ଷତ୍ର ଅଭିଜିତ ମୁହୂର୍ତ୍ତରେ ଭଗବାନ ବିଷ୍ଣୁ ବାମନ ଅବତାରରେ ପ୍ରକଟ ହୋଇଥିଲେ।

ସତ୍ୟଯୁଗରେ ପ୍ରହ୍ଲାଦଙ୍କ ପୌତ୍ର ଦୈତ୍ୟରାଜ ବଳୀ ସ୍ୱର୍ଗଲୋକରେ ଅଧିକାର ସାବ୍ୟସ୍ତ କରିଥିଲେ। ବଳୀ ଦାନବୀର ଥିଲେ। ସର୍ବଦା ଧର୍ମ ଆଚରଣ କରୁଥିଲେ। ଫଳରେ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା। ସବୁ ଦେବଗଣ ବଳୀଙ୍କ ଠାରୁ ପରାଜିତ ହୋଇ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଭଗବାନ ବିଷ୍ଣୁ ଦେବତା ମାନଙ୍କୁ ବାମନ ରୂପରେ ଅବତାର ନେବା ଲାଗି ପ୍ରତିଶ୍ରୁତି ଦେଲେ। ଏହାର କିଛି ଦିନ ପରେ ଭାଦ୍ରପଦ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଋଷି କଶ୍ୟପଙ୍କ ପୁତ୍ର ରୂପରେ ଦେବମାତା ଅଦିତିଙ୍କ ଗର୍ଭରୁ ଭଗବାନ ବାମନ ଉତ୍ପନ୍ନ ହୋଇଥିଲେ। ଥରେ ରାଜା ବଳୀ ଅଶ୍ୱମେଧ ଯଜ୍ଞ କରୁଥିବା ସମୟରେ ବାମନ ଯାଇ ଯଜ୍ଞଶାଳାରେ ପହଞ୍ଚିଲେ। ଦାନ ସ୍ୱରୂପ ତାଙ୍କୁ ତିନିପାଦ ଭୂମି ମାଗିଲେ। ଦୈତ୍ୟ ଗୁରୁ ଶୁକ୍ରାଚାର୍ଯ୍ୟ ଭଗବାନଙ୍କ ଲୀଳା ବୁଝି ପାରି ବଳୀଙ୍କୁ ଦାନ ଦେବା ଲାଗି ମନାକଲେ। ମାତ୍ରା ଦାନ ଦେବା ଲାଗି ବଳୀ ଉଦ୍ୟତ ହୁଅନ୍ତେ, ଶୁକ୍ରାଚାର୍ଯ୍ୟ ଏକ ମାଛି ରୂପ ଧରି ତାଙ୍କ ଶଙ୍ଖରେ ପଶିଗଲେ। ଶଙ୍ଖ ବଜାଇ ନପାରିବାରୁ ଏକ ଶଙ୍ଖ ସଫା କରିବା ଲାଗି ଏକ ଘାସ ପୁରାଇଦେଲେ। ଏହାଦ୍ୱାରା ଶୁକ୍ରାଚାର୍ଯ୍ୟଙ୍କ ଗୋଟିଏ ଆଖି କଣା ହୋଇଯାଇଥିଲା। ଏହାପରେ ଭଗବାନ ବାମନ ତିନି ପାଦ ଭୂମି ନେବା ଲାଗି ସଂକଳ୍ପ ନେଲେ। ପ୍ରଥମ ପାଦରେ ସମ୍ପୂର୍ଣ୍ଣ ଧରିତ୍ରୀ ଏବଂ ଦ୍ୱିତୀୟ ପାଦ ସମ୍ପୂର୍ଣ୍ଣ ସ୍ୱର୍ଗ ରଖିବା ପରେ ତୃତୀୟ ପାଦ ରଖିବା ପାଇଁ ଭୂମି ମିଳିନଥିଲା। ଏହାପରେ ରାଜା ବଳୀ ନିଜ ମୁଣ୍ଡ ଦେଖାଇଥିଲେ। ବଳୀଙ୍କ ଦାନପ୍ରିୟତା ଦେଖି ଭଗବାନ ବିଷ୍ଣୁ ତାଙ୍କୁ ପାତାଳ ଲୋକର ସ୍ୱାମୀ କରିଦେଇଥିଲେ। ତାଙ୍କ ମୁଣ୍ଡରେ ଗୋଟିଏ ପାଦ ରଖି ବଳୀଙ୍କୁ ପାତଳ ଲୋକରେ ସ୍ଥାପିତ କରିଥିଲେ। ବାମନ ଅବତାରରେ ଶ୍ରୀବିଷ୍ଣୁ ବଳୀଙ୍କୁ ଶିକ୍ଷା ଦେଲେ ଯେ ଦମ୍ଭ ଓ ଅହଂକାର ଦ୍ୱାରା ଜୀବନରେ କିଛି ହାସଲ ହୋଇନଥାଏ। ଧନସମ୍ପତ୍ତି କ୍ଷଣ ଭଙ୍ଗୁର। ଏହାକୁ ନେଇ ମନୁଷ୍ୟ ଗର୍ବ କରିବା ଆଦୌ ଉଚିତ ନୁହେଁ।

ସହ-ପ୍ରତି ରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
କଟକ ବଡ଼ମେଡ଼ିକାଲ,
ମୋ: : ୯୪୩୭୦୫୧୯୫୭

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୫ ସେପ୍ଟେମ୍ବର ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଚେତନାର ଦର୍ପଣ - ୪୧

# ମନୁଷ୍ୟର ମାନବୀୟ ଗୁଣ

♥ ଲଳିତ ମୋହନ ମିଶ୍ର



ସଂସାରରେ କେଉଁଠି ନା କେଉଁଠି ବାଦ ବିବାଦ ଲାଗି ରହିଥିବ । ବୁଝାମଣା ହେଉଛି ଏହାକୁ ଏଡ଼ାଇବାର ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା । ବୁଦ୍ଧିମାନ ଲୋକଟି ବିବାଦୀୟ ପରିସ୍ଥିତିରୁ ମୁକୁଳିବା ପାଇଁ ପରସ୍ପର ମଧ୍ୟରେ ବୁଝାମଣା କରିଥାନ୍ତି। ମୂର୍ଖ ଲୋକମାନେ ପରସ୍ପର ମଧ୍ୟରେ ଗଣ୍ଡଗୋଳ କରିଥାନ୍ତି । ସ୍ୱାର୍ଥପର ଓ ଲୋଭୀ ବ୍ୟକ୍ତି ମନରେ ସଦାସର୍ବଦା ନକାରାତ୍ମକ ଚିନ୍ତାଧାରା ଭରି ରହିଥାଏ, ସେ ନିଜର ହିତକୁ ପ୍ରାଥମିକତା ଦେଇଥାଏ। ସେ ପରର ହିତ କଥା ଗ୍ରହଣ କରିବାକୁ ଇଚ୍ଛୁକ ନୁହେଁ । କେମିତି ବୁଝାମଣା କରିବା... ସେ'କଥା ଏଭଳି ବ୍ୟକ୍ତିମାନେ ବୁଝି ପାରନ୍ତି ନାହିଁ। ସେମାନେ ଅହଂକାରରେ ନିଜକୁ ଫୁଲି ଯାଆନ୍ତି। ସେ ନିଜକୁ କାହାଠାରୁ କମ୍ ବୋଲି ମନେ କରନ୍ତି ନାହିଁ। ଏହି ସଂସାରରେ ଯିଏ ନିଜକୁ ଛୋଟ ବୋଲି ମନେ କରି ରୁହେ । ଅବଶ୍ୟ ବହୁତ ଗୁଡିଏ ଦୁଃଖ କଷ୍ଟ ସହିବାକୁ ପଡେ, କିନ୍ତୁ ଭାଙ୍ଗି ପଡେ ନାହିଁ । ନମ୍ରତା, ସହନଶୀଳତା ହେଉଛି ମନୁଷ୍ୟର ମାନବୀୟ ଗୁଣ। ଯିଏ ଅତ୍ୟନ୍ତ ସ୍ନେହ ପୂର୍ବକ ସମନ୍ୱୟ ରକ୍ଷା କରି ବଞ୍ଚିଥାଏ, ସେ ସମସ୍ତଙ୍କର ସ୍ନେହ, ପ୍ରେମ, ସହଯୋଗ, ସମ୍ମାନର ପାତ୍ର ହୋଇଥାଏ । ସେଥିପାଇଁ ତ ଶାସ୍ତ୍ରରେ କୁହା ଯାଇଛି - 'ନମନ୍ତି ଫଳିନୋ ବୃକ୍ଷାଃ, ନମନ୍ତି ଗୁଣିନୋ ଜନାଃ / ଶୁଷ୍କ ବୃକ୍ଷାଶ୍ଚ ମୁର୍ଖାଶ୍ଚ ନ ନମନ୍ତି କଦାଚନ'॥ ଅର୍ଥାତ୍ - ଅଧିକ ଫଳ ଫଳିଥିବା ଗଛ ଓ ଗୁଣି ଲୋକ ସର୍ବଦା ନମ୍ରତାର ସହ ନତମସ୍ତକ ହୁଅନ୍ତି। ଶୁଖିଲା କାଠ ଓ ମୂର୍ଖ ଲୋକ କେବେବି ନତମସ୍ତକ ହୁଅନ୍ତି ନାହିଁ । ସଚ୍ଚୋଟ, ଜ୍ଞାନୀ ଓ ମହାପୁରୁଷମାନେ ବିନମ୍ର ହୋଇ ଜୀବନ ଯାପନ କରିଥାନ୍ତି ।ସେମାନେ କାହା ସହିତ ଗଣ୍ଡଗୋଳ କରନ୍ତି ନାହିଁ । ଏପରିକି ଯଦି କେହି କିଛି ତାଙ୍କୁ କୁହନ୍ତି, ସେମାନେ ସବୁ କଥାକୁ ସହ୍ୟ କରି ଯାଆନ୍ତି । ଶାନ୍ତିପ୍ରିୟ ହୋଇଥିବାରୁ ସେମାନେ ବିବାଦ ସୃଷ୍ଟି କରିବାକୁ ଚାହାଁନ୍ତି ନାହିଁ। ଖରାପ ଲୋକ କୌଣସି କଥାକୁ ନେଇ ଝଗଡ଼ା ଆରମ୍ଭ କରି ଦିଅନ୍ତି ଏବଂ ନିଜ ପରିବାର ଓ ସମାଜକୁ ଶାନ୍ତିରେ ରହିବାକୁ ଦିଅନ୍ତି ନାହିଁ। ଫଳରେ ସେମାନଙ୍କ ଲାଗି ପରିବାର, ଘର ଓ ସମାଜରେ ଅଶାନ୍ତି କଳହ ଲାଗି ରହିଥାଏ। ମହାଭାରତରେ ଯେତେବେଳେ ଶ୍ରୀକୃଷ୍ଣ କୌରବମାନଙ୍କ ନିକଟକୁ ବୁଝାମଣା ପ୍ରସ୍ତାବ ନେଇ ଯାଇଥିଲେ , କୌରବମାନେ ଅରାଜି ହେଲେ । ଶେଷରେ ମହାଭାରତର ଯୁଦ୍ଧ ହୋଇଥିଲା। ଶ୍ରୀରାମ ରାବଣଙ୍କୁ ବାର୍ତ୍ତା ମଧ୍ୟ ଦେଇଥିଲେ ଯେ, ସୀତାଙ୍କୁ ସମ୍ମାନର ସହିତ ଅଯୋଧ୍ୟାକୁ ଫେରାଇ ଦେବା ପାଇଁ , କିନ୍ତୁ ରାବଣ ପ୍ରସ୍ତାବ ଗ୍ରହଣ କରିଲେ ନାହିଁ । ଯାହାର ଫଳାଫଳ ଭୋଗ କରିଥିଲେ । ସୁବର୍ଣ୍ଣ ଲଙ୍କା ଜଳିପୋଡ଼ି ପାଉଁଶ ହୋଇଗଲା। ଲୋକଙ୍କ କଲ୍ୟାଣ, ଶାନ୍ତି ଏବଂ ନିରାପତ୍ତା ପାଇଁ ପାରସ୍ପରିକ ବୁଝାମଣା ହେଉଛି ସର୍ବୋତ୍ତମ ଉପାୟ । ଋଷି ମାନଙ୍କର ଏହି ସୂତ୍ରକୁ ବିଶ୍ୱବ୍ୟାପୀ ଅଭିଯାନର ରୂପ ଦେବା ସୃଷ୍ଟିର ସ୍ୱାର୍ଥ...

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

## ॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର

### ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୪୦)

### ବ୍ୟସ୍ତ ବହୁଳ ଅଧ୍ୟାପକ ଜୀବନ

ଅନର୍ସ ଓ+୨ କମର୍ସ ଶ୍ରେଣୀ ଖୋଲିବାପରେ ଅର୍ଥଶାସ୍ତ୍ର ବିଭାଗର ଅଧ୍ୟାପକମାନଙ୍କ ଦାୟିତ୍ୱ ବହୁ ଗୁଣିତ ହେଲା । ଆମେ ମାତ୍ର ତିନିଜଣ ଅଧ୍ୟାପକ--ପ୍ର. ସାହୁ, ମୁଁ ଓ ପ୍ର.ପାଠୀ । ପ୍ର.ସାହୁ ଅଧିକାଂଶ ଦିନ ନିଜର ଓ କଲେଜ କାମରେ ବାହାରକୁ ଯାଉଥିବା ଯୋଗୁଁ ତାଙ୍କର ପାଠ ଆମକୁ ପଢାଇବାକୁ ହୁଏ। ତେଣୁ ସକାଳ ଘ ୭.୩୦ମିରୁ ସନ୍ଧ୍ୟା ୫ଟା ଯାଏ ପାଠୀବାବୁ ଓ ମୋତେ କଲେଜରେ ରହିବାକୁ ପଡୁଥିଲା । ପରେ ପ୍ର. କମଳାକାନ୍ତ ଆଚାର୍ଯ୍ୟ ଓ ଆଉ କିଛିବର୍ଷ ପରେ ପ୍ର. ବଂଶୀଧର ପାତ୍ର ଯୋଗ ଦେବାଯୋଗୁଁ ଆମ କାମର ବୋଝ କେତେକାଂଶରେ ଲାଘବ ହେଲା। ତଥାପି ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନଥାନ୍ତି । ଶେଷରେ ପ୍ର.ପ୍ରତିଭା ମଞ୍ଜରୀ ମହାନ୍ତି ରାଜ୍ୟ ସିଲେକ୍ସନ ବୋର୍ଡ ଦ୍ୱାରା ମନୋନୀତ ହୋଇ ଆମ ବିଭାଗରେ ଅଧ୍ୟାପିକା ଭାବରେ ଯୋଗଦେବାଦ୍ୱାରା ଆମ କାମର ବୋଝ ସ୍ୱାଭାବିକ ହେଲା। ମାତ୍ର, ପ୍ର.ସାହୁ ଏଠାରୁ ଚାଲିଯିବା ଯୋଗୁଁ ଓ କିଛିବର୍ଷପରେ ଅଧ୍ୟକ୍ଷ ଭାବରେ ପୁନଃ ନିଯୁକ୍ତି ପାଇବାପରେବି କିଛି ଫରକ ପଡିଲାନି । ପରିଶେଷରେ ପ୍ର. ନୀଳାଚଳ ଦାସ ଗୁପ୍ତା ଯୋଗ ଦେବାପରେ ଆମେ ନିଃଶ୍ୱାସ ମାରିବାକୁ ସମୟ ପାଇଲୁ । ସେ ମୋର ସହପାଠୀ ଥିଲେବି କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଥିବାରୁ ସେ ବିଭାଗୀୟ ମୁଖ୍ୟ ହେଲେ।

ଅନର୍ସ ଖୋଲାହେବାପରେ ଅଧକ୍ଷଙ୍କ ଅନୁମତି କ୍ରମେ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ନେଇ ସେମିନାର ରୁମ୍‌ରେ ତାକୁ ପରିବର୍ତ୍ତିତ କଲୁ । ଆଲମାରିଟାଏ ଆଣିଲୁ । ଆମେ ଅଧ୍ୟାପକମାନେ ନିଜନିଜର କିଛିବହି ନେଇ ସେଠାରେ ରଖିଲୁ । କିଛି ବହି କିଣିଲୁ ବି। ଅନର୍ସ ପିଲାମାନଙ୍କର କ୍ଲାସ ନଥିବା ସମୟରେ ସେଠାରେ ପଢନ୍ତି ଓ ନିଜନିଜ ମଧ୍ୟରେ ପାଠ୍ୟ ବସ୍ତୁକୁ ନେଇ ଆଲୋଚନା କରନ୍ତି। ଅଧ୍ୟାପକ ମାନେ ଆବଶ୍ୟକ ସ୍ଥଳେ ସାହାଯ୍ୟବି କରନ୍ତି। ମାସକରେ ଥରେ ବା ଦୁଇଥର ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଛାତ୍ର/ଛାତ୍ରୀମାନେ ଲେଖିକି ଆଣନ୍ତି, ପଢନ୍ତି ଓ ଆଲୋଚନା ହୁଏ। ଫଳରେ ଉଭୟ ଛାତ୍ର ଓ ଅଧ୍ୟାପକମାନେ ଲାଭବାନ ହେଉଥିଲେ। ସେମିନାର ପାଇଁ ଜଣେ ସମ୍ପାଦକ ଓ ଅନ୍ୟଜଣେ ସହ ସମ୍ପାଦକ ନିର୍ବାଚିତ ହେଉଥିଲେ । ମୁଁ ଏଠାରୁ ବଦଳିହୋଇ ଅନ୍ୟତ୍ର ଯିବା ପର୍ଯ୍ୟନ୍ତ ସବୁକିଛି ଠିକ୍ ଠାକ୍ ଚାଲିଥିଲା। ମାତ୍ର, ପୁନର୍ବାର ଏଠାକୁ ଅଧକ୍ଷହୋଇ ଆସିବାପରେ ସେମିନାର ରୁମ୍ ଥିଲେବି ବହିପତ୍ରର ସନ୍ଧାନ ମୋତେ କେହି ଦେଇ ପାରିଲେନି। ମୋତେ ବହୁତ ବାଧିଲା । କିନ୍ତୁ, ପ୍ରତିକାର କିଛି କରିପାରିଲିନି ।

ଅଧକ୍ଷଙ୍କ ଅନୁମତି କ୍ରମେ ସରକାରୀ କଲେଜ ପରି ଆମ କଲେଜରେ ଏକ ପ୍ଲାନିଂ ଫୋରମ (Planning Forum ) ଖୋଲିଲି। ପ୍ରତି ପିଲା ଏହି ଫୋରମର ସଦସ୍ୟ ହୋଇଥିବାରୁ ପ୍ରତ୍ୟେକଙ୍କଠୁ ଏକ ଟଙ୍କାକରି କଲେଜରେ ଭର୍ତ୍ତି ହେବା ସମୟରେ ଆଦାୟ କରାଗଲା। ସଂଗୃହୀତ ଅର୍ଥରେ ଓ ନିଜସ୍ୱ ଦେୟରେ ଛାତ୍ର/ଛାତ୍ରୀ ଓ ଅର୍ଥନୀତି ଏବଂ ରାଜନୀତି ବିଜ୍ଞାନ ବିଭାଗର ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ପ୍ରତ୍ୟେକ ବର୍ଷ ଭାରତର ବିଭିନ୍ନ ସ୍ଥାନକୁ ଶିକ୍ଷା-ଭ୍ରମଣ (Study Tour)ରେ ଯାଉଥିଲେ। ପ୍ରତି ଭ୍ରମଣ ଶେଷରେ ଆମର ଅଭିଜ୍ଞତା ଲିପିବଦ୍ଧକରି ଅଧକ୍ଷଙ୍କୁ ପ୍ରଦାନ କରୁଥିଲୁଁ। ଏହି କ୍ରମରେ ଆମେ ମୟୂରଭଞ୍ଜର ଖିଚିଂ, ବାଣପୁର, କାଳୀଜାଇ, ଚର୍ଚ୍ଚିକା, ଦାର୍ଜିଲିଂ, କାଠମାଣ୍ଡୁ, ଦିଲ୍ଲୀ, ଆଗ୍ରା,ମଥୁରା, ବୃନ୍ଦାବନ,ଏଲ୍ଲାହାବାଦ, ହାଇଦ୍ରାବାଦ, ପଞ୍ଚପୁର୍ତ୍ତି , କନ୍ୟାକୁମାରୀ, ରାମେଶ୍ୱରମ୍ , ପୁରୀ ଏବଂ ନନ୍ଦନକାନନ ଇତ୍ୟାଦି ଭ୍ରମଣ କରିଥିଲୁ । ସ୍ଥାନୀୟ ଲୋକଙ୍କ ସହିତମିଶି ସେମାନଙ୍କ ଆର୍ଥିକ ଓ ସାମାଜିକ ସମସ୍ୟା ସଂପର୍କରେ ତଥ୍ୟ ସଂଗ୍ରହ କରୁଥିଲୁ । ପରେ ସେ ସବୁର ବିଶ୍ଲେଷଣ କରୁଥିଲୁ।

ସେହିପରି, ଅର୍ଥନୀତି ସମିତି ବା(Economics Society)ରେ ମଧ୍ୟ ଅର୍ଥନୀତି ରଖିଥିବା ଛାତ୍ର ମାନଙ୍କଠୁଁ ଦେୟ ଆଦାୟ ହେଉଥାଏ । ବିଭିନ୍ନ ବିଷୟରେ କ୍ଷେତ୍ର ସର୍ବେକ୍ଷଣ ପାଇଁ ବିଭିନ୍ନ ସ୍ଥାନକୁ ଯାଇଛୁ,ନିର୍ଦ୍ଦିଷ୍ଟ ପ୍ରଶ୍ନାବଳୀରେ ତଥ୍ୟ ସଂଗ୍ରହ କରିଛୁ । ସନ୍ଧ୍ୟାସୁଦ୍ଧା ଫେରି ଆସିଛୁ। ମୁଖ୍ୟତଃ, ରାଜା ମହାରାଜାଙ୍କ ଭତ୍ତା ଉଚ୍ଛେଦ, ବ୍ୟାଙ୍କ ଜାତୀୟ କରଣ ଏବଂ ସରକାରଙ୍କ ବିଭିନ୍ନ ଆର୍ଥିକ କାର୍ଯ୍ୟକ୍ରମର ଲୋକଙ୍କ ଉପରେ ପ୍ରଭାବ ଇତ୍ୟାଦି ଆମ ତଥ୍ୟ ସଂଗ୍ରହର ଆଧାର ଥିଲା ।

ଅନେକ ଗରିବ ଅଥଚ ମେଧାବୀ ଛାତ୍ର ଦରମାଛାଡ, ଛାତ୍ର ସହାୟକ ପାଣ୍ଠିରୁ ସହାୟତା ଲାଭ ଓ ବହି ବ୍ୟାଙ୍କରୁ ବହି ଋଣ ନେବା ଦିଗରେ ମୋର ସାହାଯ୍ୟ ଲୋଡୁଥିଲେ । ସେମାନଙ୍କ ବିକଳ ଅବସ୍ଥାଦେଖି ମୋର ଧୈର୍ଯ୍ୟଚ୍ୟୁତି ଘଟୁଥାଏ। ମୁଁ ମୋର ଛାତ୍ର ଜୀବନରେ ଏଇଭଳି ଅବସ୍ଥାର ସମ୍ମୁଖୀନ ହୋଇଥିଲି --ସେକଥା ମୋ ସ୍ମରଣକୁ ଆସୁଥାଏ । ପୁଣି, ଅର୍ଥନୀତି ବ୍ୟତୀତ ଅନ୍ୟ ବିଷୟରେ ଅନର୍ସ କରାଇ ଦେବାପାଇଁ ମୋତେ ପିଲା ଓ ସେମାନଙ୍କ ଅଭିଭାବକ ମାନେ ସାକ୍ଷାତ କରୁଥାନ୍ତି । ସେଭଳି କାମ କରିବା ମୋ ପରିସର ବାହାରେ ଥିଲା ।

ମୋ ଅବସର ଜୀବନର ଏକଘଟଣା ଏଠାରେ ବର୍ଣ୍ଣନା କରୁଛି । ମୋ ବଡଝିଅ ସେଥର ତା'ଶାଶୁଘର ପଞ୍ଚାୟତରେ ପଞ୍ଚାୟତ ସମିତି ସଦସ୍ୟତା ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥାଏ । ସେଥିପାଇଁ ଝିଅ ଓ ଜ୍ୱାଇଁ କୌଣସି ଏକ ଗ୍ରାମରେ ପ୍ରତିଗୃହକୁ ଯାଇ ପ୍ରଚାର କରୁଥାନ୍ତି । ନିର୍ଦ୍ଦିଷ୍ଟ ଏକ ଗୃହକୁ ଯିବା ନିମନ୍ତେ ତାଙ୍କ ଦଳର ସ୍ଥାନୀୟ ଲୋକେ ବାରଣ କଲେ। କାରଣ ସେମାନେ ଥିଲେ ବିରୋଧୀ ପକ୍ଷର। କିନ୍ତୁ, ଝିଅ ସେମାନଙ୍କ ପରାମର୍ଶ ନମାନି, ବୃଦ୍ଧ ଗୃହ ସ୍ୱାମୀଙ୍କୁ



ସାକ୍ଷାତ କରି ନିଜର ପରିଚୟ ଓ ତାଙ୍କ ଗୃହକୁ ଯିବାର ଉଦ୍ଦେଶ୍ୟ ପ୍ରକାଶ କଲେ । ହଠାତ୍ ସେ ବ୍ୟକ୍ତି ମୋ ଝିଅର ବାପଘର ଓ ବାପାଙ୍କ ନାମ ଜାଣିବାକୁ ଚାହିଁଲେ । ଝିଅ ମୁହଁରୁ ମୋ ନାମ ଶୁଣିବା କ୍ଷଣି ସେହି ବ୍ୟକ୍ତିଙ୍କ ଚକ୍ଷୁରେ ଲୁହ ଆସିଗଲା । ଝିଅକୁ କୋଳେଇ ନେଇ ବସାଇଲେ । କହିଲେ , 'ମୋ ପୁଅକୁ ତୁମ ବାପା କଲେଜରୁ ବହି ଓ ଆର୍ଥିକ ସହାୟତା କରାଇଦେଇ ନଥିଲେ ସେ ବି.ଏ. ପଢିପାରିନଥାନ୍ତା କି ଚାକିରି କରିବାର ଯୋଗ୍ୟତା ତାର ହେଇନଥାନ୍ତା। ତୁମକୁ ମୁଁ ନିଶ୍ଚୟ ଭୋଟଦେବି, ଯିଏ ଯାହା କହୁ ପଛକେ। 'ସେ ନିଜର ପ୍ରତିଶ୍ରୁତି ରକ୍ଷାକଲେ ମଧ୍ୟ । ଝିଅ ସେଘଟଣା ମୋ ସମ୍ମୁଖରେ ବର୍ଣ୍ଣନା କଲାବେଳେ ମୋ ଚକ୍ଷୁରେ ଲୁହ ଜକେଇ ଆସିଲା । ଭାବିଲି,'ସ୍ୱଚ୍ଛ ହୃଦୟରେ କାହାକୁ ସାହାଯ୍ୟ କରିଥିଲେ ଭଗବାନ ତାକୁ ବହୁ ଗୁଣିତ କରି ଫେରାଇ ଦିଅନ୍ତି '- କଥାଟି ସତ । ସେଇ ପରମ କାରୁଣିକଙ୍କ ଉଦ୍ଦେଶ୍ୟରେ ଦୁଇ ହାତ ଯୋଡି ପ୍ରଣାମ କଲି ।

(କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## ପଢିଲା ପରେ...

# କେବେ ଯଦି ଦେଖା ହୁଏ




ଆମ ଲେଉଟାଣି / ଫେରିବା ବାଟକୁ ଅପେକ୍ଷା କରି / ଚିରକାଳ.. (ବଦଳୁ ନଥିବା ମାଟି : ପୃ ୨୬)

କେଉଁ ଆବାହମାନ କାଳରୁ ବଦଳୁ ନଥିବା ମାଟି ପାଇଁ ମାଟି ମନସ୍କ ମଣିଷର ହୃଦୟରେ କେତେବେଳେ ସୃଷ୍ଟି ହୁଏ କରୁଣ କମ୍ପନ ତ କେତେବେଳେ ଅନାସକ୍ତ ନିରୀହ ଆଖିରୁ ଝରିଯାଏ ଅବାରିତ ଅଶ୍ରୁ। ମାଟି ପରି ଆଉ ଜଣେ ଯିଏ ଗଢ଼ିଥାଏ ଦେହ, ଜୀବନ ସବୁ କିଛି। ସେ ଆମ ମା' ।

ସେଇ ମା'ର ଜୟଗାନ କରିଛନ୍ତି କବି ।

ତୋ ପଣତ ତଳେ / କୁଆଡ଼େ କୋଉଠି ଲୁଚି ରହିଥାଏ / ଆକାଶର ଉଦାରତା / ମାଟିର ମହନୀୟତା /ସାଗରର ଗଭୀରତା / ଫୁଲର କୋମଳତା / ପକ୍ଷୀର ନିରୀହତା / ଜହ୍ନର ସ୍ନିଗ୍ଧତା । ( ମାଆ : ପୃ ୧୧୪)



ଯିଏ ମାଆ ସେଇ ବୋଉ, ଜନନୀ ଜନ୍ମ ଭୂମି ସ୍ୱର୍ଗାଦପିଗରିୟସୀ ତାକୁ କଳିବା କବିର କଳ୍ପନା ବାହାର କଥା - ତୁ ନିଜେ ଗୋଟିଏ ଦେବୀ/ ଗୋଟିଏ ଦର୍ଶନ / ଗୋଟେ ଚିନ୍ତନ / ଗୋଟେ ଚମତ୍କାର / କିଛି ତଥ୍ୟ / କିଛି ତତ୍ତ୍ୱ / କିଛି ସିଦ୍ଧାନ୍ତ / ଆଉ କିଛି ମୁହୂର୍ତ୍ତ..

( ବୋଉ ପାଇଁ... ପୃ : ୧୧୮)

ମାଟି ତ କରୁଣାର / କମନୀୟ କୋମଳ ଗାନ୍ଧାର/କୃପାର କଳହଂସ କେଦାର / ଅସରନ୍ତି ଅନ୍ତରଙ୍ଗ /ଅନନ୍ୟ ଅନୁପମ / ଚିରକାଳ ଚିରହରିତ୍/ ଉଦାର ଉଦାର..

( ଦି ପାଦ ମାଟି.. ପୃ : ୧୧ )

ସାମ୍ପ୍ରତିକ ସମୟର ଜଣେ ପ୍ରଭାବଶାଳୀ ନିରବ ସାଧକ ହେଲେ ଖଗେଶ୍ୱର ମହାନ୍ତି। ତାଙ୍କ କବିତା ସବୁ ତାଙ୍କ ପରି ସରଳ, ତରଳ, ଛଳ ଛଳ ଆଉ ଦୀର୍ଘ। ବିଜୟିନୀ ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶିତ ତାଙ୍କର କବିତା ସଂକଳନ ' କେବେ ଯଦି ଦେଖା ହୁଏ ' ପ୍ରେମ, ବିରହ, ପୁଲକ, ବେଦନା ଓ ବିଦଗ୍ଧତାର ଏକ ଅନୁପମ ସଂକଳନ। ଏହି ସଂକଳନର କବିତା ସବୁ କେବେ କେବେ ମାଟି, ମଣିଷ, ପ୍ରେମ, ଈଶ୍ୱରଙ୍କର ଜୟଗାନରେ ଶତମୁଖ ହୋଇଛନ୍ତି ତ କେବେ ବ୍ୟଥା ବେଦନାର ନଈ ହୋଇ ବୋହି ଯାଇଛନ୍ତି। ସଂକଳନଟିର ସମଗ୍ର କବିତାକୁ ଚାରି ଭାଗରେ ବିଭକ୍ତ କରାଯାଇ ପାରେ। କିଛି କବିତା ମାଟିକୁ ନେଇ, କିଛି କବିତା ଈଶ୍ୱରଙ୍କୁ ନେଇ, କିଛି କବିତା ପ୍ରେମକୁ ନେଇ ଏବଂ ଶେଷ କବିତା ଦୁଇଟି ପୁଅଙ୍କୁ ନେଇ ସମୃଦ୍ଧ।

ମାଟି କେବେ ବଦଳେ ନାହିଁ। ତା ମିଠାପଣରେ ଆମକୁ ହଜାଉ ଥାଏ ଭିଜାଉ ଥାଏ। ସେ ସବୁ ଶୁଣେ, ଦେଖେ, ବୁଝେ। ମାଟି ମଣିଷକୁ ଗପୁ କ୍ଷେତ୍ର, ମା ପରି ଯତ୍ନ ନିଏ। ମାଟି ବିନା ମଣିଷର ସ୍ଥିତି କାହିଁ ?

ପଣତ ଘୋଡ଼େଇ ପୋଛିଦିଏ /ଯେତେ ସବୁ ଲୁହ,ଲହୁ / ଧୂଳି ମଳି / ପାପ ପୁଣ୍ୟ / ଦୁଃଖ ଦରଜ..

(ମାଟି ସବୁ ଦେଖେ : ପୃ ୧୯)

ମରଣଶୀଳ ପୃଥିବୀରେ ମଣିଷର ପ୍ରବେଶ ପ୍ରସ୍ଥାନ ଲାଗି ରହିଥାଏ। ଆଜି ଯିଏ ଜନ୍ମ ନିଏ କାଲି ସିଏ ମୃତ୍ୟୁ ଲଭେ। ତଥାପି ମା ଟିଏ ପରି ମାଟି ଆମ ଅପେକ୍ଷାରେ ଥାଏ ଯେମିତି।

ମୁହଁ ମାଡ଼ି ହୋଇ / ପଡ଼ି ରହିଥାଏ /

ମା ଆଉ ମାଟିପରି ଆଉ ଜଣେ ଆମ ପାଖେ ପାଖେ ଥାନ୍ତି। ତାଙ୍କ କରୁଣା ବର୍ଷାରେ ଧୋଉଥାନ୍ତି ଆମ ଆମ ଦୁଃଖ, ଶୋକ, ଲୁହ, ସହୁଥାନ୍ତି ସବୁ ଅଳି ଅର୍ଦ୍ଦଳି। ସେଇ ଅଦୃଶ୍ୟ ଈଶ୍ୱର ଯାହାଙ୍କୁ ଟିକେ ଆଖି ପୂରେଇ ଦେଖିବାକୁ ପାଗଳ ହୁଏ କବିଟିଏ। ହେଲେ ପ୍ରଭୁ କୋଉଠି ଥାଆନ୍ତି ?

କୁଞ୍ଜବନରେ ଅଛ / ନା କେଳି କଦମ୍ବ ମୂଳେ ଅଛ / ନୀଳ କନ୍ଦରରେ ଅଛ ନା ନୀଳାଦ୍ରି ମଣ୍ଡପରେ ଅଛ ?/ ମୁଁ ତମକୁ ବାହାରେ ଖୋଜୁଛି, ତମେ କଣ ମୋ ଭିତରେ ଅଛ / ଯୋଉ ମୁଁ ଟିଏ / ମୁହଁ ଦେଖେଇ / ମୋ ଆଡ଼େ ଚାହିଁ ମୁରୁକି ମୁରୁକି ହସୁଥାଏ / ସେ ଆଉ କିଏ କି / ସେ ମୁଁ କଣ ତୁମେ ନୁହଁ କି ? ( କେବଳ ଥରୁଟିଏ... ପୃ : ୩୯)

ନିଜ ଭିତରେ ଈଶ୍ୱରୀୟ ସତ୍ତାକୁ ଉପଲବ୍ଧି କରିବା ଜୀବନର ଶ୍ରେଷ୍ଠ ଆହରଣ।

ବାତ୍ସଲ୍ୟ ପ୍ରେମ ଆଉ ବିଭୁ ପ୍ରେମ ମଝିରେ ମନ ଖୋଜୁଥାଏ ଆଉ କିଛି। ବାଲ୍ୟ କାଳରେ ମା କୋଳ ବାର୍ଦ୍ଧକ୍ୟରେ ପ୍ରଭୁ ବଳ ବ୍ୟତିରେକ ଯୌବନରେ ପାଗଳ କରେ ଜହ୍ନରାତି, ଝାଉଁ ବଣ, ଝରଣା, ନଈ ପଠା, କାଶତଣ୍ଡୀ। ମନ ଖୋଜୁଥାଏ ପ୍ରିୟ ବାନ୍ଧବୀ ସହ କିଛି ନିରୋଳା ମୁହୂର୍ତ୍ତ। ସେଇ ପ୍ରେମ ଥାଏ ବୋଲି ଜୀବନ ସୁନ୍ଦର ଲାଗେ। ସୁନ୍ଦର ଲାଗେ ପୃଥିବୀ। ପ୍ରେମ ଥାଏ ବୋଲି...

ଏଠି ଲାଜ ସୁନ୍ଦର / ଲୋରି ସୁନ୍ଦର / ଲୁହ ସୁନ୍ଦର /ଲବଙ୍ଗ ଦ୍ୱୀପ ସୁନ୍ଦର / ଲାବଣ୍ୟବତୀ ସୁନ୍ଦର / ଘୁଙ୍ଗୁର ସୁନ୍ଦର / ଘାଗରା ସୁନ୍ଦର।

(ପ୍ରେମ ଅଛି ବୋଲି ସିନା, ପୃ : ୭୨)

ପ୍ରେମରେ ପଡ଼ିଲେ ଝର୍କା ସେପାଖ ବର୍ଷା ସୁନ୍ଦର ଲାଗେ। ମନେପଡ଼େ ପ୍ରେମିକା।

ବର୍ଷା ଆଉ କଣ କି ?

କୋଉ ଅନାମିକା / ପୁରୁଣା ପ୍ରେମିକା ପାଉଁଜିର /ଯେତେ ସବୁ ଅନ୍ୟ ମନସ୍କ / ପେନ୍ସା ପେନ୍ସା ପ୍ରେମ ଛିଟା / ଅବା ତା ହାତ ଲେଖା / ପ୍ରଥମ ପ୍ରେମଚିଠିର ଚିହ୍ନା ବାସ୍ନା।

( ଝର୍କା ସେପାଖେ ବର୍ଷା... ପୃ : ୫୯)

ଆଉ ଠାଏ ବର୍ଷାର ନିଆରା ଚିତ୍ର

ବର୍ଷା କିଛି / ଓଦା ଓଦା ସ୍ମୃତିର ସିଂଫୋନି / ଅଧାବତୁରା ଓଠର ଦୁଷ୍ଟାମୀ / ଅଧାଓଦା ଓନିର ଚଗଲାମୀ / ଅଧାଭିଜା ଓଢଣୀର ଫାଜଲାମୀ..

( ବର୍ଷା ପ୍ରେମିକା, ପୃ : ୯୧)

ପ୍ରେମ ପୂର୍ଣ୍ଣତା ଆଣେ ଜୀବନରେ। ଏହା ସତ, କିନ୍ତୁ କିଛି ପ୍ରେମ ଲୁହ ଦିଏ। ଛାତି ବତୁରାଏ, ପ୍ରାଣ କନ୍ଦାଏ। ଅଜଗର ଛେଳି ଗିଳିଲା ପରି ଭାଙ୍ଗୁଥାଏ ସୁଖର ହାତ ଗୋଡ଼। କବିଙ୍କ ସେଇ ଦୁଃଖ ହେଲା ଅଧା ବାଟରେ ହାତ ଛାଡ଼ି ଚାଲି ଯାଇଥିବା ପୁଅ ପାଇଁ। ଶେଷ ଦୁଇଟି କବିତା ତାଙ୍କ ହାରି ଯାଇଥିବା ପୁଅ ପାଇଁ ଯୋଉଠି ତାଙ୍କ ପିତୃତ୍ୱ ହାହାକାର କରି ଉଠିଛି, ପାଠକଙ୍କୁ କନ୍ଦେଇ ଛାଡ଼ିବ।

ଯଦି ଏଠି ଜନ୍ମ ଥାଏ / ମୃତ୍ୟୁ ଥାଏ / ଆଉ ପୁନର୍ଜନ୍ମ ବୋଲି କିଛି ଥାଏ / ତେବେ / ସବୁ ଜନ୍ମରେ / ତୋ ଭଳି ପୁଅଟେ ମୋତେ ମିଳୁଥାଉ

(ପୁଅ ପାଇଁ କେଇ ପଦ, ପୃ ୧୨୫)

ସରଳ, ସାବଲୀଳ ସୁକୁମାର, ସୌନ୍ଦର୍ଯ୍ୟମଣ୍ଡିତ ଏହି କବିତା ସଂକଳନ କବି ଖଗେଶ୍ୱର ମହାନ୍ତିଙ୍କର ପାଠକ ମାନଙ୍କୁ ଏକ ସଚକିତ ଉପହାର।



ଆଲେଖ୍ୟ : ବିପ୍ଳବ
ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ଭକ୍ତ ବଳୀ ଓ ତିନି ପାଦ ଭୂମି

ଭୋଳାନାଥ ସାହୁ

ଶ୍ରୀମଦ୍ ଭଗବତ ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ - ନ୍ତସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।ନ୍ତ ସର୍ବଧର୍ମ ପରିହାର କରି ମୋର ଶରଣାପନ୍ନ ହୁଅ, ମୁଁ ହିଁ ରକ୍ଷା କରିବି । ଅର୍ଜୁନ ପାପକୁ ଡ଼ରୁଥିଲେ । ତାଙ୍କ ପାଇଁ ପାପ କଣ ଥିଲା ? ମହାଭାରତ ଯୁଦ୍ଧରେ ସମ୍ମୁଖରେ ଥିବା ଆତ୍ମୀୟ ସ୍ୱଜନଙ୍କୁ ମାରିବା ମହାପାପ । ତେଣୁ ସେ ଗାଣ୍ଡିବ ଫୋପାଡ଼ି ଦେଇଥିଲେ । ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ପାପମୁକ୍ତ କରିବା ପାଇଁ ଆଶ୍ୱାସନା ଦେଲେ । ଅର୍ଥାତ୍ ଶରଣାପନ୍ନ ଯେ କେବଳ ପାପମୁକ୍ତ ହୁଏ ତାହା ନୁହେଁ; ଶରଣାପନ୍ନ ହେଲେ ଭକ୍ତକୁ ପାପମୁକ୍ତ ହେବା ପାଇଁ ଚିନ୍ତା କରିବାକୁ ପଡ଼େ ନାହିଁ । ବରଂ ଭଗବାନ ତାହାପାଇଁ ଚିନ୍ତା କରିଥାନ୍ତି। ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ପାଇଁ ଏମିତି ଅନେକ ସମସ୍ୟା ଦେଖା ଦେଇଥିଲା । ମାତ୍ର ସେ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହୋଇ ବିଜୟଶ୍ରୀ ଲାଭ କରିଥିଲେ । ଆଜି ଏହି ଶୁଭ ଲଗ୍ନରେ ଅନ୍ୟଜଣେ ସମର୍ପିତ ଆତ୍ମା ତିନିପାଦ ଭୂମି ଦାନ କରି ଯେଉଁ ଗୌରବର ଧ୍ୱଜା ଉଡ଼ାଇଥିଲେ ତାଙ୍କ ସମ୍ପର୍କରେ ଜାଣିବା । ଯେଉଁ ଦିନକୁ ଶ୍ରୀଜଗନ୍ନାଥ ସଂସ୍କୃତିରେ 'ସୁନିଆ ପର୍ବ' ଭାବରେ ପାଳନ କରାଯାଇ ଆସୁଅଛି ।

ଭକ୍ତରାଜ ପ୍ରହ୍ଲାଦଙ୍କ ନାତି ଏବଂ ଦୈତ୍ୟ ରାଜ ବିରଚନଙ୍କ ପୁତ୍ର ଭକ୍ତ ବଳୀ । ପରଂପରାର ପ୍ରଭାବ ଅଳ୍ପ ହେଉ ବା ବହୁତ ପ୍ରାୟ ସମସ୍ତଙ୍କ ନିକଟରେ ଦେଖାଯାଏ । ନ୍ତନମଃ ଭଗବତେ ବାସୁଦେବାୟନ୍ତ - ମନ୍ତ୍ର ଜପ କରି ଶିଶୁ ପ୍ରହ୍ଲାଦ ବିଷ୍ଣୁଙ୍କ ଉପସ୍ଥିତି ପ୍ରତିପାଦନ କରି ସମସ୍ତଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ମାତ୍ର ତାଙ୍କ ପୁତ୍ର ବିରଚନଙ୍କ ଭକ୍ତିଭାବ ଥିଲା ମନର ଗହନ ବନରେ ଲୁକ୍କାୟିତ । ବିରଚନଙ୍କ ହୃଦୟରେ ଗାଈ ଓ ବ୍ରାହ୍ମଣଙ୍କ ପ୍ରତି ଥିଲା ଅଗାଧ ଶ୍ରଦ୍ଧା ଓ ଭକ୍ତି । ଏହି କାରଣରୁ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ତାଙ୍କ ଉପରେ ବେଶ ସନ୍ତୁଷ୍ଟ ଥିଲେ । ବିରଚନଥିଲେ ଅପ୍ରତିହତ ଯୋଦ୍ଧା ଏବଂ ମହାପରାକ୍ରମଶାଳୀ । ସେ କାଳେ ସ୍ୱର୍ଗପୁର ଜୟକରି ଯିବେ ଏଥିପାଇଁ ଇନ୍ଦ୍ରଙ୍କ ମନରେ ପ୍ରବଳ ଭୟଥିଲା । ତେଣୁ ଇନ୍ଦ୍ରଦେବ ତାଙ୍କୁ ଦୁର୍ବଳ କରିବା ପାଇଁ ସବୁବେଳେ ରାସ୍ତା ଖୋଜୁଥିଲେ । ତେଣୁ ସେ ଦେବଗୁରୁ ବୃହସ୍ପତିଙ୍କ ନିର୍ଦ୍ଦେଶକ୍ରମେ ବ୍ରାହ୍ମଣ ବେଶରେ ଯାଇ ତାଙ୍କୁ ତ୍ରୀବାର ସତ୍ୟ କରାଇ ତାଙ୍କର ପରମାୟୁ ଭିକ୍ଷା କଲେ । ବ୍ରାହ୍ମଣ ଭକ୍ତ ବିରଚନ କହିଲେ - ମୋ ଜୀବନ ଧନ୍ୟ ହେଲା । କାରଣ ଜଣେ ବ୍ରାହ୍ମଣ ମୋର ଜୀବନ ଭିକ୍ଷା କରୁଛନ୍ତି । ତେଣୁ ସେ ନିଜର ମସ୍ତକ କାଟି ବ୍ରାହ୍ମଣଙ୍କୁ ସମର୍ପି ଦେଲେ । ଏହି ଦାନ ଯୋଗୁଁ ସେ ନିତ୍ୟକୃପା ଲାଭ କରି ଭଗବାନଙ୍କ ସାନିଧ୍ୟରେ ରହିଲେ । ଇନ୍ଦ୍ରମଧ୍ୟ ଜାଣିଥିଲେ ଯେ ବିରଚନଙ୍କୁ ହତ୍ୟା କଲେ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ସଂଜୀବନୀ ବିଦ୍ୟା ବଳରେ ତାଙ୍କୁ ପୁନଃର୍ଜୀବିତ କରିଦେବେ । ସେହିପରି ଜଣେ ମହାଦାନୀଙ୍କର ପୁତ୍ର ଥିଲେ ଭକ୍ତ ବଳୀ । ସେ ଥିଲେ ସମର୍ପଣ ଭକ୍ତିର ଆଚାର୍ଯ୍ୟ । ବାପା ଜେଜେବାପାଙ୍କର କୀର୍ତିରାଜିକୁ ସେ ତିନି ଲୋକ ଏବଂ ଚଉଦ ଭୁବନରେ ପ୍ରସାରିତ କରିଥିଲେ । ଦୈତ୍ୟରାଜ ପଦବୀରେ ବଳୀ ଅଧିଷ୍ଠିତ ହେବା ବେଳକୁ ଇନ୍ଦ୍ର ଦୁର୍ବାସା ଋଷିଙ୍କ ଅଭିଶାପରେ ଶ୍ରୀହୀନ ହୋଇ ପଡ଼ିଥିଲେ । ତେଣୁ ବଳୀ ସହଜରେ ଦୈତ୍ୟ ଦାନବ ଓ ଦେବତାଙ୍କୁ ପରାସ୍ତ କରି ସ୍ୱର୍ଗରେ ନିଜର ବିଜୟବାନା ଉଡ଼ାଇଲେ । ପରାଜିତ ଦେବଗଣ ମୁହଁ ଶୁଖାଇ ଭଗବାନଙ୍କୁ ସ୍ତୁତି କଲେ । ଏହାର ସମାଧାନ ନିମନ୍ତେ ଭଗବାନ କ୍ଷୀରସିନ୍ଧୁ ମନ୍ଥନର ଆଦେଶ ଦେଲେ । ପ୍ରଭୁଙ୍କ ନିର୍ଦ୍ଦେଶରେ ଇନ୍ଦ୍ର ବଳୀ ସହିତ ସନ୍ଧି କଲେ । ଅମୃତ ଆଶାରେ ଉଭୟ ମିଳିତ ହୋଇ ସମୁଦ୍ର ମନ୍ଥନ କଲେ । ସମୁଦ୍ର ମନ୍ଥନରୁ ନିର୍ଗତ ଅମୃତକୁ ବଳ ପୂର୍ବକ ଦୈତ୍ୟ ମାନେ ନେଇଗଲେ । ମାତ୍ର ଶ୍ରୀବିଷ୍ଣୁ ମୋହିନୀ ବେଶ ଧାରଣ କରି ଅମୃତକୁ ଦେବତାମାନଙ୍କୁ ଖୁଆଇଲେ । ଅମୃତ ପାନ କରି ଦେବତା ମାନେ ଶକ୍ତିଶାଳୀ ହୋଇଗଲେ । ତେଣୁ ସେମାନେ ଦୁନ୍ଦୁଭି ବଜାଇ ଦାନବଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଯୁଦ୍ଧରେ ବହୁ ଦାନବ ଏବଂ ଇନ୍ଦ୍ରଙ୍କ ବଜ୍ର ପ୍ରହାରରେ ବଳୀ ମୃତ୍ୟୁବରଣ କଲେ । ଦେବତାମାନେ ସେମାନଙ୍କୁ ନେଇ ଅସ୍ତାଚଳ ପର୍ବତ ଉପରେ ରଖିଲେ । ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ଏହା ଜାଣି ସଂଜୀବନୀ ବିଦ୍ୟା ବଳରେ ପୁନଃର୍ଜୀବିତ କଲେ । ବ୍ରାହ୍ମଣ ଭକ୍ତ ବଳୀ ପୁନଃର୍ଜୀବିତ ହୋଇ ବ୍ରାହ୍ମଣ ଓ ଗୁରୁଙ୍କ ସେବାକୁ ବହୁଗୁଣିତ କଲେ । ଶିଷ୍ୟର ମଙ୍ଗଳ ନିମନ୍ତେ ଶୁକ୍ରାଚାର୍ଯ୍ୟ ବିଶ୍ୱଜିତ ଯଜ୍ଞର ସଂକଳ୍ପ କଲେ । ଏହି ଯଜ୍ଞର ଶେଷ ହେବା ପରେ ଅଗ୍ନି ଦେବତା ସନ୍ତୁଷ୍ଟ ହୋଇ ଶକ୍ତିଶାଳୀ ରଥ, ତୂଣୀର, ଅସ୍ତ୍ରଶସ୍ତ୍ର ଓ କବଚ ପ୍ରଭୃତି ପ୍ରଦାନ କଲେ । ବଳୀ ଏହି ଶକ୍ତି ବଳରେ ସ୍ୱର୍ଗପୁର ଆକ୍ରମଣ କଲେ ଓ ଇନ୍ଦ୍ର ବୃହସ୍ପତିଙ୍କ ନିର୍ଦ୍ଦେଶରେ ସ୍ୱର୍ଗପୁର ଛାଡ଼ି ପଳାୟନ କଲେ । ବଳୀ ଅମରାବତୀରେ ବିଜୟର ବାନା ଉଡ଼ାଇ ତିନିଲୋକର ଅଧିପତି ହେଲେ । ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ଏତିକିରେ ସନ୍ତୁଷ୍ଟ ହେଲେ ନାହିଁ । ବରଂ ଯଥାବିଦ୍ଧି ବଳୀକୁ ଇନ୍ଦ୍ର କରିବା ପାଇଁ ଚାହିଁଲେ । ମାତ୍ର ଇନ୍ଦ୍ର ପଦବୀ ସ୍ୱର୍ଗଲୋକରେ ଆଧିପତ୍ୟ ବଳରେ ମିଳେ ନାହିଁ । ଏଥିପାଇଁ ବିଧି ପୁର୍ବକ ଏକଶହ ଅଶ୍ୱମେଧ ଯଜ୍ଞ ପୂର୍ଣ୍ଣ କରିବାକୁ ପଡ଼ିଥାଏ । ଗୁରୁ ଶୁକ୍ରାଚାର୍ଯ୍ୟ ଶିଷ୍ୟର ମଙ୍ଗଳ ନିମନ୍ତେ ଶହେ ଅଶ୍ୱମେଧ ଯଜ୍ଞର ସଂକଳ୍ପ କଲେ ଓ ଯଥାବିଧି ଯଜ୍ଞର ଆରମ୍ଭ କଲେ ।

ଅପରପକ୍ଷରେ ଦେବମାତା ଅଦ୍ୱିତି ପୁତ୍ର ମାନଙ୍କ ଦୂରାବସ୍ଥାରେ ମ୍ରିୟମାଣ ହୋଇ ମହର୍ଷି କଶ୍ୟପଙ୍କ ଶରଣାପନ୍ନ ହେଲେ । କଶ୍ୟପ ଅୟବ୍ରତ ବିଧିରେ ଭଗବାନଙ୍କୁ ଆରାଧନା କରିବାକୁ କହିଲେ । ଭଗବାନ ଅଦିତିଙ୍କୁ କହିଲେ - ହେ ଅଦିତି ! ଦେବତା ଏବଂ ବ୍ରାହ୍ମଣ ଯାହା ଉପରେ ସନ୍ତୁଷ୍ଟ ବଳଦ୍ୱାରା ତାଙ୍କୁ ଜିଣିବା କଷ୍ଟକର । ବଳୀ ସାମାନ୍ୟ ଦୈତ୍ୟ ନୁହେଁ; ବରଂ ସେ ଧର୍ମାତ୍ମା ଓ ବ୍ରାହ୍ମଣ ଭକ୍ତ । ମୁଁ ତାଙ୍କୁ ସାହାଯ୍ୟ କରିନପାରେ; ମାତ୍ର ଶ୍ରଦ୍ଧା ପୂର୍ବକ ଯିଏ ଆରାଧନା କରେ ତାର ପରିଣାମ ବ୍ୟର୍ଥ ହୁଏ ନାହିଁ । ତେଣୁ ଏ ସମସ୍ୟାର ସମାଧାନ ନିମନ୍ତେ ଅନ୍ୟ ଉପାୟରେ ତୁମର ମନସ୍କାମନା ପୂରଣ କରିବି । ମୁଁ କଶ୍ୟପଙ୍କ ମଧ୍ୟରେ ଉପବିଷ୍ଟ ହୋଇ ଦେବଗଣଙ୍କୁ ରକ୍ଷା କରିବି । ତୁମକୁ ଏକଥା ଗୁପ୍ତ ରଖିବାକୁ ହେବ । ପ୍ରତିଶୃତି ମୁତାବକ ଭାଦ୍ରବ ମାସ ଶୁକ୍ଳପକ୍ଷ ଶ୍ରବଣା ନକ୍ଷତ୍ର ଦ୍ୱାଦଶ ତିଥିରେ ଭଗବାନ ଦେବମାତା ଅଦିତିଙ୍କର



କୁଳମଣ୍ଡନ କଲେ । ଏହି ତିଥିକୁ 'ବିଜୟାଦଶମୀ' କହନ୍ତି । ପ୍ରଭୁଙ୍କ ଆର୍ବିଭାବ ମୁହୁର୍ତରେ ସମସ୍ତ ଗ୍ରହ, ନକ୍ଷତ୍ର ଶୁଭ ସ୍ଥାନରେ ଅବସ୍ଥାନ କରନ୍ତି । ଦେବତାମାନେ ସ୍ୱର୍ଗରୁ ପୁଷ୍ପ ବୃଷ୍ଟି କରନ୍ତି । ଗନ୍ଧର୍ବ ଓ ଅପ୍ସରି ମାନେ ନୃତ୍ୟ ଓ ଗୀତ ପରିବେଷଣ କରନ୍ତି । ସବୁଠି ଆନନ୍ଦ ଆଉ ଆନନ୍ଦ । କଶ୍ୟପ ମଧ୍ୟ ଜାତକ କର୍ମାଣି ଶେଷ କଲେ । କିଛି ଦିନ ପରେ ବ୍ରତଉପନୟନ କାର୍ଯ୍ୟ କରାଇଲେ । ବଳୀଙ୍କଠାରୁ ଶକ୍ତିଶାଳୀ କରିବା ପାଇଁ ଅଶ୍ୱମେଧ ଯଜ୍ଞ କଲେ । ଏହାପରେ ପ୍ରଭୁ ବାମନ ବେଶରେ ବଳୀକୁ ତିନି ପାଦ ଭୂମି ମାଗଣା ପାଇଁ ଯିବେ । ମାଗଣାଠାରୁ ବଳି କଷ୍ଟକାର୍ଯ୍ୟ ଆଉ କିଛି ନାହିଁ । ମୃତ୍ୟୁଠାରୁ ମଧ ଏହା କଷ୍ଟକର । କାରଣ ମାଗିବା ଲୋକର ହାତ ତଳେ ରହିବା ବେଳେ ଯାଚିବା ଲୋକର ହାତ ଉପରେ ରହେ । ଏଥିପାଇଁ ଭଗବାନଙ୍କ ତିଳେ ମାତ୍ର ଶୋଚନା ନାହିଁ ।

ଯଥା ସମୟରେ ଭଗବାନ ବ୍ରାହ୍ମଣ ବେଶରେ ସୁସଜ୍ଜିତ ହୋଇ ବଳୀର ଯଜ୍ଞସ୍ଥଳରେ ପହଂଚିଲେ । ବାମନ ବେଶ, ଛୋଟ ଛୋଟ ପାଦ, ବ୍ରହ୍ମଚାରୀ ବେଶ ବ୍ରାହ୍ମଣଙ୍କୁ ଦେଖି ବଳୀ ଯଥା ଯୋଗ୍ୟ ଆସନ ଦେଇ ତାଙ୍କର ପଦସେବା କଲେ । ଏହି ମନୋଜ୍ଞ ବେଶକୁ ଦେଖିବା ପାଇଁ ଯଜ୍ଞ ସ୍ଥଳରୁ ସମସ୍ତ ବ୍ରାହ୍ମଣ ମାନେ ଉଠି ଆସିଲେ । ବଳୀ ମଧ ଭକ୍ତି ଗଦଗଦ ହୋଇ କହି ଉଠିଲେ - ଆପଣଙ୍କ ପାଦ ମୋ ଘରେ ପଡ଼ିବା ଯୋଗୁଁ ମୋର ପିତୃ ପୁରୁଷ ଉଦ୍ଧାର ହେଲେ । ମୋର ଯଜ୍ଞ ସଫଳ ହେଲା । ଉତମ ଫଳ ମଧ ମିଳିଲା ଓ ମୋର ଜୀବନ ଧନ୍ୟ ହେଲା । ଭଗବାନ ଏ ସବୁକୁ ଦେଖି କିଛି ଚିନ୍ତା କରୁଥାନ୍ତି । ବଳୀ କହିଲା - ହେ ବ୍ରାହ୍ମଣ ! କିଛି ନଭାବି ଆପଣ ଯାହା ଚାହୁଁଛନ୍ତି ମାଗନ୍ତୁ ମୁଁ ଦେବି । ଭଗବାନ କହିଲେ - ମୁଁ ଜାଣେ, ଆପଣଙ୍କ ବଂଶରେ ଏହି ମର୍ଯ୍ୟାଦା ଅଛି । ଏକଥା ସତ୍ୟ ଯେ ମୁଁ ତୁମକୁ ନିଶ୍ଚୟ କିଛି ମାଗିବି । ମାତ୍ର ସେମିତି କିଛି ନୁହେଁ । ଆବଶ୍ୟକ ମୁତାବକ ତିନି ପାଦ ଭୂମି ମାଗିବି । ବଳୀ କହିଲେ - ତୁମର ପିଲାଳିଆମି ଯାଇ ନାହିଁ । ଜୀବନଯାପନ ପାଇଁ ଯେତିକି ଜମି ଦରକାର ମାଗନ୍ତୁ ମୁଁ ଦେବି । ମୋ ଠାରୁ ଦାନ ଗ୍ରହଣ ପରେ ଭିକ୍ଷାଶୀ ଅନ୍ୟ କାହାରି ଦୁଆରକୁ ଯାଆନ୍ତି ନାହିଁ । ବଳୀଠାରୁ କଥା ଛଡ଼ାଇ ନେଇ ବ୍ରାହ୍ମଣ କହିଲେ - ହେ ରାଜନ ! ଅଧିକ ଲୋଭ ଭଲ ନୁହେଁ । ସଂସାରରେ ଏମିତି ଲୋକ ଅଛନ୍ତି ଯାହାଙ୍କୁ ସସାଗରାଧରା ମିଳିଗଲେ ମଧ ସେମାନେ ସନ୍ତୁଷ୍ଟ ନୁହଁନ୍ତି । ଅସନ୍ତୁଷ୍ଟ ଦୁଃଖର କାରଣ ଓ ସନ୍ତୋଷ ମୋକ୍ଷର କାରଣ । ସନ୍ତୋଷ ବ୍ରାହ୍ମଣର ଧର୍ମ ।

▶▶ପୃଷ୍ଠା ୭

# କରମ ରାଜାଙ୍କ ଅଷ୍ଟମ ବାର୍ଷିକ ପୂଜାକୁ ଧୁମଧାମ୍‌ରେ ପାଳନ କଲେ ମାଦିଆ ସଂପ୍ରଦାୟ



ନୀଳଗିରି, ୧୪/୯ (ନି.ପ୍ର): ଭାଦ୍ରବ ଏକାଦଶୀ ତିଥିରେ ମାଦିଆ ସଂପ୍ରଦାୟର ଅଷ୍ଟମ ବାର୍ଷିକ କରମ ପୂଜା ବହୁ ଧୁମଧାମରେ ପାଳନ କରାଯାଉଛି । ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ବାବନ୍ଧ ଗ୍ରାମରେ ଉକ୍ତ କରମପୂଜା ଉପଲକ୍ଷେ ମାଦିଆ ଜାତିର ଭାଇ, ଭଉଣୀ ମାନେ ଧୁମଧାମ ରେ ଏହି ପର୍ବକୁ ପାଳନ କରିଛନ୍ତି । ଆଦିବାସୀ ମାନଙ୍କର ପରମ୍ପରାକୁ ବଜାୟ ରଖି ଗତ ୧୨ତାରିଖରୁ ଉକ୍ତ କରମ ପୂଜା ଅଦ୍ୟାବଧି ଚାଲିଛି । ଏହି କରମ ପୂଜାର ପ୍ରଥମ ଦିନରେ ଛୋଟ ଛୋଟ ଝିଅ ମାନଙ୍କୁ ନେଇ ଗ୍ରାମରେ ଥିବା ବୁଗାଳିବନ୍ଧରୁ ବାଲି ଉଠାଇବା ସହିତ ସନ୍ଧ୍ୟା ସମୟରେ ଜହ୍ନି ଫୁଲରେ ବାଲିଉଠା ଡଲାକୁ ସଜାଇଥାନ୍ତି ଏବଂ ପୁରୁଷ ପିଲାମାନେ ମାଦଳ ,ଝୁମକା ଆଦି ପାରମ୍ପରିକ ବାଦ୍ୟ ବଜାଇ ପୂଜାମଣ୍ଡପ କୁ ଆଣି କରମ ରାଜାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଶନିବାର ତୃତୀୟଦିନ ଅବସରରେ ଉକ୍ତ କରମ ପୂଜାକୁ ଆଦିବାସୀ ମାନଙ୍କର ବଡ କରମ ପୂଜା ବୋଲି ମନାଯାଏ । ଛୋଟ ଝିଅମାନେ ଜଙ୍ଗଲରୁ କରମ ଡାଳକୁ ଆଣି ତାକୁ ପୂଜା ଅର୍ଚ୍ଚନା କରନ୍ତି । ରାତିସାରା ବହୁ ଧୁମଧାମରେ ମାଦଳର ତାଳେ ତାଳେ ଆଖଡ଼ା ସ୍ଥାନ ଝୁମି ଉଠେ । ପୁଣି ଆଜି ଶେଷ ଦିନରେ ପୂଜା ପାଉଥିବା କରମ ରାଜାକୁ ପାରମ୍ପରିକ ବାଦ୍ୟର ତାଳେ ତାଳେ ନାଚିନାଚି ପାଣିରେ ନେଇ ବିସର୍ଜନ କରାଯିବ । ତେବେ ଉକ୍ତ ପାରମ୍ପରିକ ଉତ୍ସବ ଆର୍ଥିକ ସମସ୍ୟା ପାଇଁ ବହୁ ବର୍ଷ ତଳୁ ବନ୍ଦ ହୋଇଯାଇଥିବା ବେଳେ ବିଗତ ୮ବର୍ଷ ହେଲା ବାବନ୍ଧ ଗ୍ରାମରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି । ତେବେ ଉକ୍ତ କାର୍ଯ୍ୟକୁ ସଫଳ କରିବାକୁ ଆୟୋଜକ କର୍ତାମାନେ ବେଶ୍ ଆନନ୍ଦ ସହକାରେ କାର୍ଯ୍ୟ ସମ୍ପନ୍ନ କରିଥାନ୍ତି । ଜୟନ୍ତ ବେହେରା, କୁଶ ଚନ୍ଦ୍ର ବେହେରା, ନିରଞ୍ଜନ ବେହେରା, ଚନ୍ଦ୍ରା ବେହେରା, ଯୋଗେନ୍ଦ୍ର ବେହେରା, ସୁଦାମ ବେହେରା, ବୈରାଗି ବେହେରା, ରଞ୍ଜନ ବେହେରା, ପ୍ରତାପ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟ କୁ ପରିଚାଳନା କରିଥିଲେ ।

## ସୁବଳୟାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ସୁବର୍ଣ୍ଣପୁର, ୧୪/୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାନନ୍ଦ ରଥଙ୍କ ସଭାପତିତ୍ୱରେ ତଥା ଜୁନିଅର ରେଡ୍‌କ୍ରସ ପରାମର୍ଶଦାତା ଚନ୍ଦ୍ରମଣି ବାଘଙ୍କ ସଂଯୋଜନାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ଶ୍ରୀ ବାଘ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ମୂର୍ଚ୍ଛା, ଆହତ,ସାପ କାମୁଡା, ନିଆଁ ପୋଡି ଇତ୍ୟାଦି ବିଷୟରେ କିପରି ପ୍ରାଥମିକ ଚିକିତ୍ସା ଦିଆଯିବ ତାର କୌଶଳ ଶିକ୍ଷା ପ୍ରଦର୍ଶନୀ କରିଥିଲେ । ଯାହାଦ୍ୱାରା ଆହତ ବ୍ୟକ୍ତି ଡାକ୍ତରଖାନା ଯିବା ପର୍ଯ୍ୟନ୍ତ ଆଶ୍ୱସ୍ତି ଲାଭକରିବ । ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁବରଣ ସଂଖ୍ୟା କମାଯାଇପାରିବ ବୋଲି ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ ରାଜ୍ୟ ରେଡ଼କ୍ରସ ମୁଖ୍ୟ କାର୍ଯ୍ୟାଳୟର ଆହ୍ୱାନ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇଙ୍କ ମାର୍ଗଦର୍ଶନ ତଥା ଜୁନିଅର ରେଡ଼କ୍ରସ ଅଫିସର ରବିଚନ୍ଦ୍ର ପଶାୟତଙ୍କ ତତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ସୁରେନ୍ଦ୍ର ପାଢ଼ୀ ପଦ୍ମନାଭ ମିଶ୍ର, ଅରୁଣ କୁମାର ସିଂହ, ସିଦ୍ଧାର୍ଥ ମିଶ୍ର, ଶାମ୍ପା ବିଶ୍ୱାଳ, ପ୍ରତିମା ବାଘ, ସ୍ୱର୍ଣ୍ଣମୟୀ ଶତପଥୀ, ମାନସୀ ଦାଶ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ କ୍ଷଶେଷରେ ଶିକ୍ଷକ ପ୍ରଦୀପ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବାଗବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁଙ୍କ ପୌରହିତ୍ୟରେ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ କବିତା ତରିଆ ଓ ମିନାକ୍ଷୀ ବିଶ୍ୱାଳ ପ୍ରାଥମିକ ଚିକିତ୍ସାର ନମୂନା ପ୍ରଦର୍ଶନ କରିଥିଲେ । ଶିକ୍ଷୟତ୍ରୀ ମିନାକ୍ଷୀ ପ୍ରଧାନ ଓ ଗୌରୀ କୁମୁରା, ଶିକ୍ଷକ ପ୍ରଭୁଦତ ବେଦୋକ୍ତା ପ୍ରାଥମିକ ଚିକିତ୍ସାର କୌଶଳ ଓ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଶେଷରେ ବିଦ୍ୟାଳୟ ମନ୍ତ୍ରୀମଣ୍ଡଳର ସ୍ୱାସ୍ଥ୍ୟମନ୍ତ୍ରୀ କୁମାରୀ ପ୍ରାଚୀ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆ ମୁଖ୍ୟ ଜିଲ୍ଲା ଡାକ୍ତରଖାନା ପରିଦର୍ଶନ କଲେ ଜିଲ୍ଲାପାଳ

## ଧାର୍ଯ୍ୟ ସମୟ ମଧ୍ୟରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ସମାପ୍ତି ପାଇଁ ନିର୍ଦ୍ଦେଶ



ଭଦ୍ରକ, ୧୪/୯ (ନି.ପ୍ର): ଖୁବ୍ ଅଳ୍ପ ଦିନ ମଧ୍ୟରେ ଉଦ୍‌ଘାଟିତ ହେବାକୁ ଯାଉଥିବା ଭଦ୍ରକ ଜିଲ୍ଲା ନୂଆ ମୁଖ୍ୟ ଡାକ୍ତରଖାନାକୁ ପରିଦର୍ଶନରେ ଯାଇ ଜିଲ୍ଲାପାଳ ଦିଲୀପ ରାଉତରାଏ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ସବୁ ପର୍ଯ୍ୟବେକ୍ଷଣ କରିଥିଲେ । ପୂର୍ବରୁ ଜିଲ୍ଲାପାଳଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ପାରିନଥିବା କାରଣ ନେଇ ବିଭାଗୀୟ ଯନ୍ତ୍ରୀ, ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ । କେତେକ କାମ ସେପ୍ଟେମ୍ବର ୨୦ ସୁଦ୍ଧା ଏବଂ ଅନ୍ୟ ସମସ୍ତ କାମ ଚଳିତ ମାସ ଶେଷ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଲଗାଯିବାକୁ ଥିବା ବିଭିନ୍ନ ସୂଚନା ଫଳକ, ସେଣ୍ଟ୍ରାଲ ଏ.ସି., ଆବଶ୍ୟକ ସମସ୍ତ ବୈଦ୍ୟୁତିକ ଉପକରଣ ସଂଲଗ୍ନିକ କାର୍ଯ୍ୟ, ଇଣ୍ଟରନେଟ୍ ସଂଯୋଗ, ପଞ୍ଜିକରଣ କାଉଣ୍ଟର, ସିକୁରିଟି କକ୍ଷ ପୃଥକିକରଣ, ଏକ୍ସରେ ୟୁନିଟ୍, ସିଟି ସ୍କାନ୍, ୟୁନିଟ୍ ପାଇଁ ବାକି ରହିଥିବା ଆନୁସଙ୍ଗିକ ବିଭିନ୍ନ କାର୍ଯ୍ୟ, ଫିଜିଓଥେରାପି ୟୁନିଟ୍‌ରେ ବାକିଥିବା କାର୍ଯ୍ୟ ସବୁ ଅତିବେଶୀରେ ସେପ୍ଟେମ୍ବର ୩୦ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ପ୍ରାୟ ସମସ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ହିଁ ସମ୍ପାଦିତ ହେବାର ଅଛି । ବାକିଥିବା ଅଧିକାଂଶ କାର୍ଯ୍ୟ ମୋଡ଼ିଫିକେସନ୍ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ଆଲୁମିନିଅମ୍ ପାର୍ଟିସନ୍, ରେଜିଷ୍ଟ୍ରେସନ ଡେସ୍କ, ଇଲେକ୍ଟ୍ରିକାଲ ପଏଣ୍ଟ, ଲିଡ୍‌କବାଟ, ଝରକା, ୱାସ ବେସିନ୍, ଗ୍ରିଲ, ଏସି, ଭେଣ୍ଟିଲେସନ ଝରକା ଇତ୍ୟାଦି ଲାଗିବା ଭଳି କାର୍ଯ୍ୟ ବାକିଥିବା ଜିଲ୍ଲାପାଳ ପର୍ଯ୍ୟବେକ୍ଷଣ କରିଥିଲେ । ପୂର୍ତ୍ତ ବିଭାଗର ଅଧୀକ୍ଷକ ଯନ୍ତ୍ରୀ ଦୀପକ କୁମାର ପାଣିଗ୍ରାହୀ, ଏନ୍.ଏଚ୍.ଏମ୍.ର ଯନ୍ତ୍ରୀ ଜନ୍ମେଜୟ ଜେନା, ଡି.ପି.ଏମ୍. ମୁଖ୍ୟ ଚିକିତ୍ସାଳୟ ସରିତା ମହାପାତ୍ର, ଭାରପ୍ରାପ୍ତ ସି.ଡ଼ି.ଏମ୍.ଓ. ଡା. ସୁଧୀର ରଞ୍ଜନ ନାୟକ, ବିଭାଗୀୟ ଡାକ୍ତର ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା

ଭଦ୍ରକ, ୧୪/୯ (ନି.ପ୍ର): ଘରେ ଘରେ ସୁଭଦ୍ରା ଯୋଜନାର ବାର୍ତ୍ତା ପହଞ୍ଚାଇବା ପାଇଁ ସରକାରୀ ନିର୍ଦ୍ଦେଶ ମୁତାବକ ସୂଚନା, ଶିକ୍ଷା ଓ ସଂଚାର ଜରିଆରେ ବିଭିନ୍ନ ଉପାୟରେ ପ୍ରଚାର ପ୍ରସାର କାର୍ଯ୍ୟ ଚାଲୁ ରହିଛି । ଏହି ପରିପ୍ରେକ୍ଷୀରେ ସେପ୍ଟେମ୍ବର ୧୫ ରେ ଗାଁ, ଗ୍ରାମପଞ୍ଚାୟତ, ବ୍ଲକ୍, ଜିଲ୍ଲା ସ୍ତରରେ ଆୟୋଜିତ ହେବାକୁଥିବା ସୁଭଦ୍ରା ସ୍ୱାଗତ ପଦଯାତ୍ରା କାର୍ଯ୍ୟକ୍ରମ ପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଜରିଆରେ ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା ପାଇଁ ପ୍ରସ୍ତୁତି ମଧ ଶେଷ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ରାଜ୍ୟ ସରକାରଙ୍କ ଉଚ୍ଚ ସଂଖ୍ୟା, ଯୁବ ସେବା ଓ କ୍ରୀଡ଼ା, ଓଡ଼ିଆ ଭାଷା ପ୍ରତିଷ୍ଠାନ, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ପତାକା ପ୍ରଦର୍ଶନ ପୂର୍ବକ ପଦଯାତ୍ରାର ଶୁଭାରମ୍ଭ କରିବେ । ଏହି ପଦଯାତ୍ରାରେ ପ୍ରାୟ ୬୦୦ ଏସ୍.ଏଚ୍.ଜି. ମହିଳା, ଫେଡ଼େରେସନ ଲିଡ଼ର, କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ପଦଯାତ୍ରା ବାହାରି ସହର ମୁଖ୍ୟ ରାସ୍ତା ଦେଇ ଟାଉନ୍‌ହଲ ପର୍ଯ୍ୟନ୍ତ ଯାତ୍ରା କରିବ । ସକାଳ ୯ ଘଣ୍ଟା ୩୦ ମିନିଟ୍‌ରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ । ଜିଲ୍ଲାପାଳ ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ମଧ ଏହି ପଦଯାତ୍ରାରେ ସାମିଲ ହେବେ । ପଦଯାତ୍ରା ପରେ ଟାଉନ୍ ହଲରେ ଦସ୍ତଖତ ଅଭିଯାନ ସହ ସୁଭଦ୍ରା ସଚେତନତା ନେଇ ଦଳଗତ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସୂଚନା ଯୋଗ୍ୟକି ଭଦ୍ରକ ଜିଲ୍ଲାରେ ଶନିବାର ସୁଦ୍ଧା ୨ ଲକ୍ଷ ୯୧ ହଜାର ୫୪୪ ସଂଖ୍ୟକ ମହିଳା ଆବେଦନକାରୀ ସୁଭଦ୍ରା ଯୋଜନାରେ ପଞ୍ଜିକୃତ ହୋଇ ସାରିଲେଣି ।

# ନୀଳମଣି ମହାବିଦ୍ୟାଳୟ ଛାତ୍ରୀ ନିବାସର ସ୍ୱାଗତ ସମ୍ବର୍ଦ୍ଧନା ଓ ବାର୍ଷିକ ଉତ୍ସବ



ବାଲେଶ୍ୱର, ୧୪/୯ (ନି.ପ୍ର): ସଦର ବ୍ଲକ ସ୍ଥିତ ନୀଳମଣି ମହାବିଦ୍ୟାଳୟ ର ସ୍ୱାଗତ ସମ୍ବର୍ଦ୍ଧନା ଓ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧକ୍ଷ ଡ଼ ତପନ କୁମାର ବେହେରା ଯୋଗ ଦେଇ କହିଥିଲେ ଛାତ୍ରୀ ନିବାସ ନାରୀ ଶିକ୍ଷା ଓ ବିକାଶ ର ପ୍ରଥମ ପର୍ଯ୍ୟାୟ, ଜଣେ ଛାତ୍ରୀ ଜଣେ ସାନ୍ୟାସିନୀ. ସମାଜ ପରିବର୍ତ୍ତନର ପ୍ରମୁଖ ଧାରା ଜଣେ ସାନ୍ୟାସିନୀ ସୃଷ୍ଟି କରିପାରେ । ସମ୍ମାନିତ ଅତିଥି ଭାବରେ ପ୍ରାଧାପିକା କଳ୍ପନା ମଞ୍ଜରୀ ପାତ୍ର କହିଥିଲେ ଛାତ୍ରୀନିବାସ ଦ୍ୱିତୀୟପବିତ୍ର ଗୃହ ସମ୍ମାନିତ ବକ୍ତା ଭାବେ ଗଣିତ ବିଭାଗ ମୁଖ୍ୟ ବକ୍ତା ଶମ୍ଭୁନାଥ ଗିରି, ରାଜନୀତି ବିଜ୍ଞାନ ମୁଖ୍ୟ ଡ଼ ତପନ ଦାସ, ଏନ, ଏସ, ଏସ ପ୍ରୋଗ୍ରାମ ଅଫିସର ଡ଼ ଅରୁଣୀ ମିଶ୍ର, ସଂସ୍କୃତ ବିଭାଗ ମୁଖ୍ୟ ପିନାକ୍ଷୀ ପଣ୍ଡା, ଶିକ୍ଷା ବିଭାଗ ବରିଷ୍ଠ ଅଧାପକ ବିଜୟ କୁମାର ବେହେରା ହଷ୍ଟେଲ ତତ୍ତ୍ୱାବଧାରିକା ବାସନ୍ତୀ ସାହୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ସହ ତତ୍ତ୍ୱାବଧାରିକା ଅଧାପିକା ଦେବସ୍ମିତା ଭୂୟାଁ, ସହତତ୍ତ୍ୱାବଧାରିକା ଅଧାପିକା କାବେରୀ ସାହୁ,ଅଧାପିକା ରୋଜାଲିନ ସ୍ୱାଇଁ,ଅଧାପିକା ରଶ୍ମିତା ମହାପାତ୍ର, ଅଧାପିକା ମମତା ପାତ୍ର, ଅଧାପିକା ଇତିଶ୍ରୀ ମହାନ୍ତ, ଛାତ୍ରୀ ନିବାସ ର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରଥିଲେ, ପୁରାତନ ଅନ୍ତେବାସିନୀ ନୂତନ ଛାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଶୁଭେଚ୍ଛା ବାଢି ଥିଲେ ହଷ୍ଟେଲ ଯୁଗ୍ମ ତତ୍ତ୍ୱାବଧାରକ ନିରଞ୍ଜନ ମହାଲିକ, ଜୟନ୍ତ ମଲ୍ଲିକ ଙ୍କୁ ହଷ୍ଟେଲ ଉନ୍ନତି ପାଇଁ କାର୍ଯ୍ୟ କରି ଥିବାରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ସନାତନ ଭାଇ, ତନୁ, ରଣା ମାଡାମ, ସୋନାଲି, ଓ ପୁରାତନ ଅନ୍ତେ ବାସିନୀ ଉତ୍ସବ ଆୟୋଜନ କରିଥିଲେ । ପରିଶେଷରେ ବିକାଶ, ତନୁଶ୍ରୀ ପ୍ରମୁଖ ସାଂସ୍କୃତିକ କାଯ୍ୟକ୍ରମ ଓ ଓଡିଶୀ ନୃତ୍ୟ ଆୟୋଜନ କରିଥିଲେ ।

# କପ୍ତିପଦାର ଆଲିଶା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟରୁ ଏମଏସସି(କୃଷି) ଉପାଧିରେ ସମ୍ମାନିତ



କପ୍ତିପଦା, ୧୪/୯ (ନି.ପ୍ର): ଶୁକ୍ରବାର ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ କପ୍ତିପଦାର ଅଲିଶା ପଟ୍ଟନାୟକ ଏମଏସସି(କୃଷି) ଉପାଧିରେ ସମ୍ବର୍ଦ୍ଧିତ ହୋଇଛନ୍ତି । ସେ ଜଣେ ମେଧାବୀ ଛାତ୍ରୀଭାବେ ୨୦୧୫ମସିହାରେ କପ୍ତିପଦାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃବିହାରରୁ ୮୮ପ୍ରତିଶତ ନମ୍ବର ରଖି ମାଟ୍ରିକ ପାଶ୍ କରିଥିଲେ । ପରେ ସିଦ୍ଧି ବିନାୟକ ବାଲେଶ୍ୱର, ସେଞ୍ଚୁରିଆନ୍ ବିଶ୍ୱ ବିଦ୍ୟାଳୟ, ପାରଳାଖେମୁଣ୍ଡି ସହିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟରେ ପଢି କୃତିତ୍ୱ ସହିତ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କୁମାରୀ ଅଲିଶା କପ୍ତିପଦାର ଦେବାଶିଷ ପଟ୍ଟନାୟକଙ୍କ ବଡ ଝିଅ ଓ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସା ବିଭାଗର ପଉ-ନିର୍ଦ୍ଦେଶକ ରମେଶ ପଟ୍ଟନାୟକଙ୍କ ନାତୁଣୀ ଅଟନ୍ତି । ଉକ୍ତ ଖବର ପ୍ରଚାରିତ ହେବାପରେ କପ୍ତିପଦା ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି ।

# ଭକ୍ତ ବଳୀ ଓ ତିନି ପାଦ ଭୂମି ...

(ପୃଷ୍ଠା ୬ର ଅବଶିଷ୍ଟାଂଶ) ମୁଁ ଜାଣେ ତୁମେ ଜଣେ ମହାନ ଦାତା । ମୋର ମୋ ପାଦରେ ମାତ୍ର ତିନି ପାଦ ଭୂମି ଲୋଡ଼ା । ଏତିକି ମୋ ପାଇଁ ଯଥେଷ୍ଟ । ବଳୀ କହିଲେ - ଠିକ୍ ଅଛି । ତୁମେ ଯେତିକି ଚାହୁଁଛ ନିଅ । ଏଥିପାଇଁ ଜଳପାତ୍ର ଉଠାଇ ସଂକଳ୍ପ କରିବାକୁ ବଳୀ ପ୍ରସ୍ତୁତ ହୁଅନ୍ତେ ଗୁରୁ ଶୁକ୍ରାଚାର୍ଯ୍ୟ କହିଲେ - ସାବଧାନ ! ତୁମେ ଯାହାକୁ ସାଧାରଣ ବ୍ରାହ୍ମଣ ବୋଲି ଭାବୁଛ ସେ ସାଧାରଣ ବ୍ରାହ୍ମଣ ନୁହଁନ୍ତି । ସେ ସ୍ୱୟଂ ବିଷ୍ଣୁ କାର୍ଯ୍ୟ ସାଧନ ନିମନ୍ତେ ସେ ଏଠାରେ ଉପସ୍ଥିତ । ବିଷ୍ଣୁଙ୍କ ଗୋଟିଏ ପାଦରେ ପୃଥିବୀ ଓ ଦ୍ୱିତୀୟ ପାଦରେ ସ୍ୱର୍ଗ ପୁରିଯିବ । ତୃତୀୟ ପାଦ ପାଇଁ ଭୂମି ନଥିବ, ତୁମେ ଦେବ କଣ ? ଯେଉଁ ଦାନରେ ଜୀବନ ସଂକଟାପନ୍ନ ସେ ପ୍ରକାର ଦାନ ଦେବାକୁ ବିଦ୍ୱାନମାନେ ବାରଣ କରିଛନ୍ତି । ବଳୀ କହିଲେ - ଗୁରୁଦେବ ! ଅସତ୍ୟ ଠାରୁ ବଳି ଅଧର୍ମ ଆଉ କିଛି ନାହିଁ । ମୁଁ ସଂକଳ୍ପବଦ୍ଧ । ନଦେବି କିପରି ? ଜଣେ ବ୍ରାହ୍ମଣଙ୍କୁ ଯଦି ସନ୍ତୁଷ୍ଟ କରି ନପାରିଲି ତେବେ ଏ ବିରାଟ ସମ୍ପତି ଥାଇ ମୋର ଲାଭ କଣ ? ଶୁକ୍ରାଚାର୍ଯ୍ୟ କହିଲେ - ମୋ କଥାକୁ ଅବଜ୍ଞା କରୁଛୁ । ବେଶି ଦାନି ଦେଖାଇବାକୁ ଯାଇ ଶ୍ରୀହୀନ ହେବୁ । ମାତ୍ର ବଳୀ ନିଜର ସତ୍ୟ ରକ୍ଷା କରି ବ୍ରାହ୍ମଣର କଥା ମୁତାବକ ତିନି ପାଦ ଭୂମି ଦେବା ପାଇଁ ଶଙ୍ଖ ଦ୍ୱାରା ସଂକଳ୍ପ କରିବା ପାଇଁ ଜଳଦାନ କରନ୍ତେ ଶଙ୍ଖରୁ ଜଳ ପଡ଼ିଲା ନାହିଁ । ସବୁତ ଠିକ୍ ଥିଲା । ପୁଣି ଏ କଣ ହେଲା ? ଏହା କହି ହାତରୁ କୁଶ ବଟ ଖୋଲି ଶଙ୍ଖ ମୁହଁରେ ଖେଂଚି ଦିଅନ୍ତେ ଶୁକ୍ରାଚାର୍ଯ୍ୟଙ୍କର ଗୋଟିଏ ଆଖି ନଷ୍ଟ ହୋଇଯାଇଥିଲା । ପ୍ରତିବାଦକାରୀ ଗୁରୁଦେବ ତାଙ୍କର ପ୍ରାପ୍ୟ ପାଇଲେ । ଏହାପରେ ବ୍ରାହ୍ମଣ ପ୍ରଥମ ପାଦ ପକାଇଲେ । ଯେଉଁ ପାଦ ତଳେ ସସାଗରାଧରା ରହିଲା । ବଳୀ ଦେବାକୁ ସଂକଳ୍ପ କଲେ । ବ୍ରାହ୍ମଣ ଦ୍ୱିତୀୟ ପାଦ ପକାଇଲେ ଏବଂ ପାଦ ତଳେ ସମଗ୍ର ସ୍ୱର୍ଗ ରହିଲା । ବଳୀ ଦେବାକୁ ସଂକଳ୍ପ କଲେ । ବ୍ରାହ୍ମଣ ତୃତୀୟ ପାଦ ପକାଇଲେ । ଆଉ ଭୂମି କାହିଁ ଯେ ବଳୀ ଦେବ ? ବ୍ରାହ୍ମଣ କହିଲେ - ତେବେ ତୁମ ମୁଣ୍ଡ ଦିଅ । ବଳୀ ମୁଣ୍ଡ ରଖିଲେ । ବ୍ରାହ୍ମଣ ବାମନ ଅବତାରର ବିଶ୍ୱରୂପ ଦେଖାଇ ବଳୀକୁ ପାତାଳକୁ ଚାପି ଦେଇଥିଲେ । ଏହାଥିଲା ଶ୍ରୀବିଷ୍ଣୁଙ୍କର ପଂଚମ ଅବତାର - 'ବାମନ ଅବତାର' । ସତ୍ୟର ପ୍ରତିଷ୍ଠା ପାଇଁ ଯୁଗେ ଯୁଗେ ଭଗବାନ ବିଭିନ୍ନ ଅବତାର ଗ୍ରହଣ କରିଛନ୍ତି ।

ପ୍ରାକ୍ତନ ପ୍ରାଧାପକ, ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା, ମୟୂରଭଂଜ
(ମୋ) - ୯୯୩୭୧୫୧୩୧୦

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### 'ସୁଭଦ୍ରା' ପାଇଁ ...

ମୋଦିଙ୍କ ଦ୍ୱାରା ଶୁଭାରମ୍ଭ ହେବାକୁ ଥିବା 'ସୁଭଦ୍ରା' ଯୋଜନା ଉପଲକ୍ଷେ ରାଜ୍ୟ ସରକାର ଆସନ୍ତା ୧୭ତାରିଖ(ମଙ୍ଗଳବାର) ଦିନ ୨ଟା ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅନ୍ତର୍ଗତ ସମସ୍ତ ସରକାରୀ ଅଫିସ ଓ ରାଜସ୍ୱ ଏବଂ ମାଜିଷ୍ଟ୍ରେରିଆଲ କୋର୍ଟ(କାର୍ଯ୍ୟନିର୍ବାହୀ)କୁ ଛୁଟି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ବିପୁଳ ଜନ ସମାଗମ ହେବ । ଏଥିପାଇଁ ଭୁବନେଶ୍ୱରର ସମସ୍ତ ସ୍କୁଲ ଓ କଲେଜଗୁଡ଼ିକୁ ସମ୍ପୂର୍ଣ୍ଣ ଛୁଟି ଘୋଷଣା କରାଯାଇଛି । ସରକାରୀ ଅଫିସଗୁଡ଼ିକ ମଙ୍ଗଳବାର ପ୍ରଥମାର୍ଦ୍ଧ ଛୁଟି ରହିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି । ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦି ନିଜ ଜନ୍ମଦିନରେ ଅର୍ଥାତ୍ ଆସନ୍ତା ୧୭ତାରିଖରେ ଓଡ଼ିଶା ଗସ୍ତରେ ଆସି ରାଜ୍ୟର ବିଜେପି ସରକାରଙ୍କ 'ସୁଭଦ୍ରା' ଯୋଜନା ସହ ବିଭିନ୍ନ ସରକାରୀ ଯୋଜନା ଓ ପ୍ରକଳ୍ପର ଶୁଭାରମ୍ଭ କରିବେ । ଏହାସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ର ୧୦ଲକ୍ଷ ହିତାଧିକାରୀଙ୍କୁ 'ଘର ମଞ୍ଜୁରୀ ପତ୍ର', ୨୬ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଂଟନ ସହ 'ଆବାସ+ ୨୦୨୪'ର ଆପ୍ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାରେ ଦିନ ୧୧ଟା ୩୫ମିନିଟରେ ପହଂଚି ପ୍ରାୟ ସାଢ଼େ ୩ଘଣ୍ଟା ରହିବାର କାର୍ଯ୍ୟକ୍ରମ ରହିଛି । ସୁଭଦ୍ରା ଯୋଜନାର ଶୁଭାରମ୍ଭ ପାଇଁ ଜନତା ମଇଦାନରେ ବିଶାଳ ମହିଳା ସମାବେଶର ଆୟୋଜନ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି ।

### ଆଜି ପ୍ରବଳରୁ ...

ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତାକାଲି ଅର୍ଥାତ୍ ରବିବାର ସକାଳ ସାଢ଼େ ୮ଟାରୁ ସୋମବାର ସାଢ଼େ ୮ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ତିନି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଅନ୍ୟପକ୍ଷରେ ପ୍ରବଳ ବର୍ଷା ନେଇ ଦେବଗଡ଼, ଅନୁଗୋଳ. କେନ୍ଦୁଝର, ସୋନପୁର, ବରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସୋମବାର ବା ୧୬ ତାରିଖ ସାଢ଼େ ୮ଟାରୁ ତା'ପର ଦିନ ସକାଳ ସାଢ଼େ ୮ଟା ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବାଂଲାଦେଶ ଓ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଆଜି ଉତ୍ତର-ଉତ୍ତରପଶ୍ଚିମ ଗତ କରିବା ସହିତ ସେହି ଗଭୀର ଅବପାତରେ ରହିବ । ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଅବପାତର ରୂପ ନେଇ ଝାରଖଣ୍ଡ ଓ ଉତ୍ତର ଛତିଶଗଡ଼ ଦେଇ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବ ।

### ୧୮ରେ ରତ୍ନଭଣ୍ଡାର ...

ତଥା ସିନ୍ଦୁକ ଗୁଡିକ ସ୍ଥାନାନ୍ତରିତ ହୋଇସାରିଛି । ଭିତର ରତ୍ନଭଣ୍ଡାରର ଦିବ୍ୟ ଅଳଙ୍କାରକୁ ବାହାର କରାଯାଇ ଅସ୍ଥାୟୀ ଷ୍ଟ୍ରଙ୍ଗ ରୁମ୍‌କୁ ନିଆଯାଇଛି । ଏବେ ରତ୍ନଭଣ୍ଡାର ଖାଲି ଥିବା ବେଳେ ଏହାର ନୀରିକ୍ଷଣ କରିବେ ଏଏସ୍‌ଆଇ । ଏହାପରେ ଆବଶ୍ୟକସ୍ଥଳରେ ରତ୍ନ ଭଣ୍ଡାରର ମରାମତି କରାଯିବ । ତେବେ ଏହା ମଧ୍ୟରେ ଯେପରି ସାଧାରଣ ଦର୍ଶନ ବ୍ୟାହତ ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯିବ ।

### ବିଜେଡିର ପିଛା ଛାଡୁନି ...

ମିଳିମିଶି ଦଳ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ । ହେଲେ କିଛି ଯେମିତି କାଟୁ କଲାନି । ଆଉ ଆଜି ସମ୍ବିତଙ୍କ ସମର୍ଥକ ପାରାଦ୍ୱୀପରେ ସାମ୍ବାଦିକ ସମ୍ମିଳନୀ କରି ବସନ୍ତ ବିଶ୍ୱାଳ ଓ ସମର୍ଥକଙ୍କ ବିରୋଧରେ ବର୍ଷି ସେମାନଙ୍କ ବହିଷ୍କାର ଦାବି କରିଛନ୍ତି । ଘର କଳି ଦାଣ୍ଡରେ ଗଡୁଥିବା ବେଳେ ବିଜେଡି କିନ୍ତୁ କହିଛି ବଡ଼ ଦଳରେ ମତାନ୍ତର ସ୍ୱାଭାବିକ, ଆମେ କିନ୍ତୁ ଏକ ଅଛୁ । ଜଗତସିଂହପୁର ପରେ ଢେଙ୍କାନାଳରେ ବି ସମାନ ସ୍ଥିତି । ଦଳ ଏଠାରେ ବଡ଼ ନେତାଙ୍କୁ ହରାଇଛି । ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ କେବଳ ତାଳଚେରରୁ ବ୍ରଜ ପ୍ରଧାନ ବିଜେଡିରୁ ଜିତିଥିବା ବେଳେ ବାକି ୬ଟି ନିର୍ବାଚନୀ ମଣ୍ଡଳୀ ବିଜେପି ଖାତାକୁ ଯାଇଛି । ଯେଉଁଥିପାଇଁ ନିର୍ବାଚନ ପରେ ବିଜେଡି ଗୋଷ୍ଠୀ କନ୍ଦଳ ବଢିଛି । ଗତଥରର ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଟିକେଟ କାଟି ଦଳ ମହେଶ ସାହୁଙ୍କୁ ଟିକେଟ ଦେଇଥିଲା । ସୀମାରାଣୀ ବିଜେପି ଟିକେଟରେ ଲଢ଼ି ମହେଶଙ୍କୁ ପରାସ୍ତ କଲେ । ତେଣୁ ବିଜେଡିକୁ ଏଠି ବି ବଡ଼ ଝଟକା ଲାଗିଛି । ଯେଉଁଥିପାଇଁ ଗତକାଲି ନବୀନ ଭୁବନ ବ୍ଲକ ଓ ଏନ୍‌ଏସି ଏବଂ ହିନ୍ଦୋଳ ଏନ୍‌ଏସି ନେତା ଓ କର୍ମୀଙ୍କୁ ଭେଟିଛନ୍ତି । ୨୪ ନିର୍ବାଚନ ବିପର୍ଯ୍ୟୟ ପରେ ନବୀନ ଘର ସଜାଡିବା ଆରମ୍ଭ କରିଛନ୍ତି । ମାତ୍ର ବଢୁଥିବା ଗୋଷ୍ଠୀ କନ୍ଦଳକୁ ମ୍ୟାନେଜ କରି କିପରି ସଂଗଠନକୁ ଆଗକୁ ନେଉଛନ୍ତି ତା ଉପରେ ନଜର ।

### ବର୍ଷାରେ ବେହାଲ୍ ଆଗ୍ରା: ତାଜମହଲ ...

ତାଜମହଲର ଏକ ବଗିଚା ବର୍ଷା ପାଣିରେ ବୁଡ଼ି ଯାଇଥିବାର ଦେଖାଯାଉଛି । ସରକାରୀ ଅନୁମୋଦିତ 'ଟୁର ଗାଇଡ୍' ଭାବରେ କାର୍ଯ୍ୟ କରୁଥିବା ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ତାଜମହଲ ଆଗ୍ରା ସମଗ୍ର ଦେଶର ଗର୍ବ । ସେ କହିଛନ୍ତି ଯେ ଏହା ଶହ ଶହ ସ୍ଥାନୀୟ ଲୋକ ଏବଂ ପର୍ଯ୍ୟଟନ ଶିଳ୍ପରେ କାର୍ଯ୍ୟ କରୁଥିବା ଲୋକଙ୍କୁ ନିଯୁକ୍ତି ଯୋଗାଇଥାଏ । ତେବେ ଲଗାତାର ବର୍ଷା ହେତୁ ଜାତୀୟ ରାଜପଥରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି, ଫସଲ ଜଳମଗ୍ନ ହୋଇଛି ଏବଂ ସହରର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି ।

### ବନ୍ଧା ହେଲେ ବିଜେପି ...

କଣ୍ଟ୍ରାକ୍ଟର ଚେଲଭାରାଜୁ ସାମ୍ବାଦିକ ସମ୍ମିଳନୀରେ ଗୋଟିଏ ଅଡିଓ କ୍ଲିପ ଜାରି କରିବା ସହ ମୁନିରତ୍ନ ତାଙ୍କୁ ହଇରାଣ କରୁଥିବା ଦାବି କରିଥିଲେ । ଏହାକୁ ନେଇ ବିବାଦ ଲାଗି ରହିଥିବା ବେଳେ ପୁଲିସ୍ ମୁନିରତ୍ନଙ୍କୁ ଗିରଫ କରିଛି । ଅନ୍ୟପକ୍ଷରେ ବିଜେପିର କର୍ଣ୍ଣାଟକା ୟୁନିଟ ବିଧାୟକ ମୁନିରତ୍ନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି । ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ଜବାବ ୫ ଦିନ ମଧ୍ୟରେ ରଖିବାକୁ କୁହାଯାଇଛି । ସେହିପରି ଦଳିତ ସଂଘର୍ଷ ସମିତ ପକ୍ଷରୁ ମୁନିରତ୍ନଙ୍କ ବେଙ୍ଗାଲୁରୁ ସ୍ଥିତ ଘର ବାହାରେ ବିକ୍ଷୋଭ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏଥିପାଇଁ ପୁଲିସ୍ ପକ୍ଷରୁ ତାଙ୍କ ଘର ବାହାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି ।

### 'ସୁଭଦ୍ରା' ଆବେଦନ...

ଏହି ମାମଲାରେ ଆଉ ଯେଉଁମାନଙ୍କ ସମ୍ପୃକ୍ତି ଥିବ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି । ସୂଚନାରୁ ପ୍ରକାଶ, ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ମହିଳାଙ୍କୁ ବର୍ଷକୁ ୧୦ ହଜାର ଲେଖାଏଁ ୫ ବର୍ଷକୁ ୫୦ ହଜାର ଟଙ୍କା ଦେବେ । ସେଥିପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଆବେଦନ କରାଯାଉଛି । ଜନସେବା କେନ୍ଦ୍ର ଓ ଗ୍ରାହକ ସେବା କେନ୍ଦ୍ରରେ ଆବେଦନ କରାଯାଉଛି । ସୁଭଦ୍ରା ପାଇଁ ଆବେଦନ ସମ୍ପୂର୍ଣ୍ଣ ମାଗଣା ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । ଏହା ସତ୍ତ୍ୱେ କେତେକ ବ୍ୟକ୍ତି ଫର୍ମ ପୂରଣ ପାଇଁ ଟଙ୍କା ନେଉଥିବା ଅଭିଯୋଗ ହୋଇଥିଲା ।

ରବିବାର, ୧୫ ସେପ୍ଟେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ଆଭାସୀ ମାଧ୍ୟମରେ ସମୀକ୍ଷା ବୈଠକ

ବାଲେଶ୍ୱର, ୧୪/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପାଇଁ ଜାରି କରାଯାଇଥିବା ସମ୍ଭାବ୍ୟ ବର୍ଷା ଓ ବନ୍ୟା ସତର୍କକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏଥି ନିମନ୍ତେ, ସମ୍ବେଦନଶିଳ ତହସିଲ, ବ୍ଲକ ଏବଂ ଗ୍ରାମ ପଂଚାୟତ ପାଇଁ ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ପରିମାଣରେ ପୂର୍ବ ବ୍ୟବସ୍ଥା କରିଥିବା ସହ ସମସ୍ତ ଜରୁରୀକାଳୀନ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସମ୍ଭାବିତ ବନ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସମସ୍ତ ଆବଶ୍ୟକ ସ୍ଥଳେ ସ୍କୁଲ ଏବଂ କଲେଜ ମଧ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇପାରେ ବୋଲି ସୂଚିତ କରିଛନ୍ତି । ଆବଶ୍ୟକସ୍ଥଳେ ଉଦ୍ଧାର ଓ ସ୍ଥାନାନ୍ତର କାର୍ଯ୍ୟରେ ସହାୟତା ନିମନ୍ତେ ସମସ୍ତ ଅଗ୍ନିଶମ କେନ୍ଦ୍ର ପ୍ରସ୍ତୁତ ରହିବେ। ସମସ୍ତ ବିଡ଼ିଓ, ତହସିଲଦାର ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ବିପର୍ଯ୍ୟୟ ପ୍ରବଣ ଗ୍ରାମ ଓ ବାସସ୍ଥାନ ଗୁଡିକରେ ସ୍ଥାନାନ୍ତର ପାଇଁ ସମସ୍ତ ଯଥୋଚିତ ପଦକ୍ଷେପ ନେବା ପାଇଁ ଆଦେଶ ଦିଆଯାଇଛି । ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଯୋଗାଣ, ଆଲୋକୀକରଣ, ପରିମଳ ବ୍ୟବସ୍ଥା ଏବଂ ମୌଳିକ ସୁବିଧା ଉପଲବ୍ଧ କରାଯିବ। ଶୁଖିଲା ଖାଦ୍ୟ ଓ ଶିଶୁ ଖାଦ୍ୟ ସମେତ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା ପାଇଁ ବ୍ୟବସ୍ଥା କରାଯିବ। ପ୍ରଭାବିତ ଅଞ୍ଚଳଗୁଡିକରେ ନିରାପଦ ପାନୀୟ ଜଳ, ଔଷଧ, ଗୋଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରାଯିବା ପାଇଁ ଆଦେଶ ଦିଆଯାଇଛି। ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା, ଉପଜିଲ୍ଲାପାଳ ବାଲେଶ୍ୱର ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେସିର୍କେ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇ କୃଷ୍ଣ ଜେନା, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ଯୁବ ମୋବାଇଲ ମେକାନିକଙ୍କ ଅକାଳ ବିୟୋଗ



ବସ୍ତା, ୧୪/୯ (ନି.ପ୍ର): ବସ୍ତା ଥାନା ସଦାନନ୍ଦପୁର ପଞ୍ଚାୟତ ବାଉଁଶମୂଖା ଗ୍ରାମର ବରିଷ୍ଠ ସାମ୍ବାଦିକ ବସନ୍ତ କୁମାର ସାହୁଙ୍କର ପୁତ୍ର ପ୍ରିୟ ଶଙ୍କର ସାହୁ(୩୫) ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ସୂଚନାରୁ ପ୍ରକାଶ ପ୍ରିୟଶଙ୍କର ସାହୁ (ସିତଲ)ବସ୍ତା ବଜାର ରେ ଏକ ମୋବାଇଲ ଦୋକାନ ଅଛି ଓ ମେକାନିକଭାବେ ମୋବାଇଲ ମରାମତି କରନ୍ତି । ତାଙ୍କ ଦେହ ଅସୁସ୍ଥ ହେବାରୁ ଗତ୧୧ତାରିଖରେ ଭୁବନେଶ୍ୱର ଏକ ଘରୋଇ ହସପିଟାଲରେ ଭର୍ତ୍ତିକରିଥିଲେ ପରିବାର ଲୋକେ। ତାଙ୍କର ଲିଭର ଜଣ୍ଡିସ ହୋଇଥିଲା କୁହନ୍ତି ଆଜି ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି । ତାଙ୍କ ପ୍ରାଥିବ ଶରିର ସ୍ୱର୍ଗ ଦ୍ୱାରରେ ଦାହ କରାଯାଇଛି । ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବସ୍ତା ଅଞ୍ଚଳ ବାସୀଙ୍କ ମଧ୍ୟରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ଲକସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ




ନୀଳଗିରି, ୧୪/୯ (ନି.ପ୍ର): ସାରା ଭାରତ ବର୍ଷରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ବିଦ୍ୟାଳୟ ସ୍ତରରେ ପାଳନ କରାଯାଉଥିବା ବେଳେ, ବାଲେଶ୍ୱର ଜିଲ୍ଲା, ନୀଳଗିରି ବ୍ଲକ ଅନ୍ତର୍ଗତ ମିତ୍ରପୁର ସ୍ଥିତ ଚାଚାଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ, ବ୍ଲକ ସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ପୂର୍ବାହ୍ନ ୧୦ ଘଟିକା ସମୟରେ ଛାତ୍ର/ଛାତ୍ରୀ ଙ୍କ ନାମ ପଞ୍ଜିକରଣ ପରେ, ତିନିଗୋଟି ବିଭାଗ କରାଯାଇ ୧୧,୧୫ରୁ ପରୀକ୍ଷା ଆରମ୍ଭ ହୋଇ ୧୨, ୪୫ ରେ ଶେଷ ହୋଇଥିଲା । ନୀଳଗିରି ବ୍ଲକରେ ଥିବା ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୧୮୯ ବିଦ୍ୟାଳୟରୁ ମୋଟ ୨୪୮ଜଣ ଛାତ୍ର ଛାତ୍ରୀ ଏହି ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ବିଜ୍ଞାନ ସାମାଜିକ ବିଜ୍ଞାନ, ଗଣିତ, ବିଷୟ ବସ୍ତୁ କୁ ନେଇ , ପ୍ରତିଯୋଗୀ ମାନେ ପରୀକ୍ଷା ଦେଇଥିଲେ। ଅପରାହ୍ନ ୨ ଘଟିକାରେ ପୁରସ୍କାର ବିତରଣୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇ, ଏଥି ନିମନ୍ତେ ଆୟୋଜିତ ଉତ୍ସବ କୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟ ରେ,ଛାତ୍ର ଛାତ୍ରୀ ମାନଙ୍କ ସହିତ ଜଡ଼ିତ ବିଜ୍ଞାନ ସମ୍ବଧୀୟ ଉପାଦେୟ ତଥ୍ୟ ଉପସ୍ଥିତ ଛାତ୍ର/ ଛାତ୍ରୀ ଙ୍କ ସମ୍ମୁଖ ରେ ଉପସ୍ଥାପିତ କରିଥିଲେ। ବିଇଓ ସ୍ନିଗ୍ଧା ରାଣୀ ପଣ୍ଡା କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିବା ସହିତ କାର୍ଯ୍ୟ କ୍ରମ ପରିଚାଳନା କରିଥିଲେ। ସି ଆର ସିସି ରୂପକ କୁମାର ପସା ଅତିଥି ପରିଚୟ ପ୍ରଦାନ କରିଥିଲେ ।ବିଜ୍ଞାନ ସଂଯୋଜକର ଆଭିମୁଖ୍ୟ ଓ ଉଦେଶ୍ୟ ସମ୍ପର୍କରେ ପ୍ରଶାନ୍ତ କୁମାର ବିଶ୍ୱାଳ ଆଲୋକପାତ କରିଥିବା ବେଳେ, ସମ୍ମାନୀୟ ଅତିଥି ଭାବେ ବି ଆର ସିସି ମିହିର କୁମାର ଦାସ, ଚାଚାଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ମହାନ୍ତି, ଉକ୍ତ ବିଦ୍ୟାଳୟର ଆଲୁମିନି ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥାଇ ନିଜନିଜର ଅଭିଭାଷଣ ପ୍ରଦାନ କରିଥିଲେ । ପରେ କୃତୀ ଛାତ୍ର/ ଛାତ୍ରୀ ମାନଙ୍କୁ ପୁସ୍ତକ, ସାର୍ଟିଫିକେଟ ଦେଇ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ବିଭାଗରେ ଅଯୋଧ୍ୟା ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶାନ୍ତନୁ କୁମାର ବେହେରା ପ୍ରଥମ ହୋଇଥିବା ବେଳେ କୈଳାସ ଚନ୍ଦ୍ର ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ରାଜଦୀପ ଷଡ଼ଙ୍ଗୀ ଦ୍ୱିତୀୟ, କାଂଶ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଶକ୍ତି ଶେଖର ରଣଜିତ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କନିଷ୍ଠ ବିଭାଗରେ କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ର ଦିବ୍ୟଜ୍ୟୋତି ମିଶ୍ର ପ୍ରଥମ, ଡୁମଗଣ୍ଡିରା ୟୁଜିୟୁପି ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ରାଜଶ୍ରୀ ରାଉତ ଦ୍ୱିତୀୟ, ଏବଂ ଅଯୋଧ୍ୟା ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଶୁଭଙ୍କର ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁରୂପ ଭାବେ ଉପକନିଷ୍ଠ ବିଭାଗରେ ଜଡ଼ିବାଲି ନୋଡାଲ ୟୁପି ସ୍କୁଲର ପଞ୍ଚମ ଶ୍ରେଣୀ ଛାତ୍ରୀ ଦିବ୍ୟାସନା ଦାସ ପ୍ରଥମ, ଜାମୁଡିହା ୟୁଜିୟୁପି ର ପଞ୍ଚମ ଶ୍ରେଣୀର ଛାତ୍ରୀ ଅଭିଲିପ୍ସା ପ୍ରଧାନ ଦ୍ୱିତୀୟ ଏବଂ ପ୍ରହ୍ଲାଦ ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ର ସତ୍ୟଜିତ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାଯାଇଛି ।ସି ଆର ସିସି ଚନ୍ଦନ କୁମାର ବେହେରା ଓ କୁଞ୍ଜବିହାରୀ ବେହେରା ମିଡ଼ିଆ କୋଡିନେଟର ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ ।

## ଭଦ୍ରକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

### ୨୩୮୧ଟି ମୋକଦ୍ଦମାର ଆପୋଷ ସମାଧାନ



ଭଦ୍ରକ, ୧୪/୯ (ନି.ପ୍ର): ତୃତୀୟ ଲୋକ ଅଦାଲତ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରଓ୍ୱାଲ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୬୪୧୦୯୭୯୩ ଟଙ୍କାରେ ୨୩୮୧ ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୫୪ ଟି ମାମଲାର ୩୦୪୬୦୦୦୦ ଟଙ୍କାରେ, ୪୦ଟି ଚେକ ବୌନ୍ସ, ପୁନଃରୁଦ୍ଧାର ମାମଲା ୮୫୭୦୮୭୪ ଟଙ୍କାରେ ୨୦ଟି ବୈବାହିକ ବିବାଦ, ୧୭୬୪ ଟି ରାଜସ୍ୱ ମୋକଦ୍ଦମା, ୩୧୯୯୬୨ ଟଙ୍କାରେ ୮୪ ଟି ଅନ୍ୟାନ୍ୟ ଦେଓ୍ୱାନୀ ମାମଲା, ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କରେ ୧୬ଟି ବ୍ୟାଙ୍କ ଋଣ ମାମଲା ୩୦୯୩୦୦୬ ଟଙ୍କାରେ ଭାରତ ସଂଚାର ନିଗମ ଲିମିଟେଡ଼ର ଟେଲିଫୋନ ବିଲ ସମ୍ବନ୍ଧୀୟ ୧୯ଟି ମାମଲା ୪୨୧୫୩ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଅଛି।

## ପୂର୍ବତନ ପ୍ରାଧ୍ୟାପକଙ୍କ ବିୟୋଗରେ ଶୋକ

ଖଇରା, ୧୪/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରାବ୍ଲକ କୁପାରୀ ସ୍ଥିତ ଡ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଅଜୟ ମାଇକାପଙ୍କ ଅକାଳ ବିୟୋଗରେ ଏକ ସ୍ମୃତିସଭା ମହାବିଦ୍ୟାଳୟ ପରିସରରେ ଶନିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଅଧ୍ୟକ୍ଷ ଗଗନବିହାରୀ ରାଉତ ସଭାପତିତ୍ୱ କରିବା ଅବସରରେ ପ୍ରାଧ୍ୟାପକଙ୍କ ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଯୁଧିଷ୍ଠିର କୁଅଁର,ଲିଙ୍ଗରାଜ କର,ପ୍ରାଧ୍ୟାପିକା ଫୁଲମଣି ଦେଇ,ଅଧ୍ୟାପକ ଦତ୍ତାତ୍ରେୟ ଦାସ,ଅଜୟ କୁମାର ସାହୁ,ଦୀପକ କୁମାର ଦାସ,ଲଲାଟେନ୍ଦୁ ମଲ୍ଲିକ,ଚିରଞ୍ଜିବୀ ଦାସ,ଭକ୍ତବନ୍ଧୁ ସାହୁଗଣେଷ ପ୍ରସାଦ ପଣ୍ଡା,ପ୍ରଫୁଲ୍ଲ କୁମାର ଜେନା,ଅଧ୍ୟାପିକା ନିବେଦିତା ରାଉତ,ମଧୁମିତା ପତ୍ରୀ,ତପସ୍ୱିନୀ ବିଶ୍ୱାଳ,କବିତା ବଳବନ୍ତ ରାୟ,କସ୍ତୁରୀ ବେହେରା,ଜ୍ୟୋସ୍ନା ଦାସ,ଲକ୍ଷ୍ମିପ୍ରିୟା ଜେନା ଓ ଡ ଆଭାରାଣି ବଳ ପ୍ରମୁଖ ଶୋକବ୍ୟକ୍ତ କରିବା ସ୍ୱର୍ଗତ ପ୍ରାଧ୍ୟାପକ ଙ୍କ ପ୍ରତିଭା ଉପରେ ଆଲୋକପାତ କରିଥିଲେ ।

## ଶିକ୍ଷା ବିଭାଗ ପକ୍ଷରୁ 'ନୂଆ ଶିକ୍ଷା ନୀତି -୨୦୨୦' ଉପରେ ସେମିନାର




ଲଙ୍ଗଳେଶ୍ୱର , ୧୪/୯ (ନି.ପ୍ର): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ଶିକ୍ଷା ବିଭାଗ ପକ୍ଷରୁ ନୂଆ ଶିକ୍ଷା ନୀତି -୨୦୨୦ ଉପରେ ଶନିବାର କଲେଜ ସମ୍ମିଳନୀ କକ୍ଷରେ ଏକ ଦିବସୀୟ ସେମିନାର ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧକ୍ଷା ଲିପିକା ଜାନାଙ୍କ ପୌରାହିରେ ଅନୁଷ୍ଠିତ ଏହି ସେମିନାରରେ ବାଲେଶ୍ୱର ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ସି ଡି ସି ପ୍ରାଧାପକ ଡ଼ଃ ସନ୍ତୋଷ କୁମାର ଅଗ୍ରୱାଲ୍ଲା ମୁଖ୍ୟ ଅତିଥି, ଶିକ୍ଷା ବିଭାଗ ମୁଖ୍ୟ ପ୍ରାଧାପକ ଡ଼ଃ ଅମୂଲ୍ୟ କୁମାର ଆଚାର୍ଯ୍ୟ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ସୃଷ୍ଟିଧର ପାତ୍ର ପ୍ରମୁଖ ଯୋଗ ଦେଇ ନୂଆ ଶିକ୍ଷା ନୀତି -୨୦୨୦ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗୀୟ ଅଧାପିକା ମିତାରାଣୀ ଜେନା ମଞ୍ଚ ଆହ୍ୱାନ ଅତିଥି ପରିଚୟ, ବିଭାଗୀୟ ମୁଖ୍ୟ ଅଧାପକ ନଗେନ୍ଦ୍ର ନାଥ ପାତ୍ର ବିବରଣୀ ପାଠ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ଦିବ୍ୟନ୍ଦୁ ଗିରି, ବରିଷ୍ଠ ଅଧାପକ ଡ଼ଃ ସୁକାନ୍ତ କୁମାର ଗିରି, ପ୍ରଭାତ ରଞ୍ଜନ ଦାସ, ଅଜିତ କୁମାର ଭୂୟାଁ, ପରିଚାଳନା ସମିତି ସଭ୍ୟ ନାରାୟଣ ଜେନା, ଗୌରାଙ୍ଗ ବିଶ୍ୱାଳ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ଅଧାପକ ପରମାନନ୍ଦ ମହାନ୍ତି, ଡ଼ଃ ଶିବନାରାୟଣ ମହାପାତ୍ର, ତାପସ ତନୟ ନନ୍ଦୀ, ଆଶୁତୋଷ ଯତି, ବଂକିମ ମୈକାପ, ଅଲେଖ ସୁର, ପ୍ରକାଶ ବିଶ୍ୱାଳ, ସୁରେଶ ଚନ୍ଦ୍ର ନାୟକ,ଶ୍ରୀକାନ୍ତ ମହାପାତ୍ର, ଶଶିକାନ୍ତ ଜେନା, ଗଣେଶ ଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ଗିରି, ଅଧାପିକା ତନୁଶ୍ରୀ ନାୟକ, ସ୍ୱାଗତିକା ଜେନା, ସବନମ ଖାତୁନ, ଶିବ ପ୍ରସାଦ ଦାସ, ଦିଲ୍ଲୀପ କୁମାର ହାଜିରା ପ୍ରମୁଖ କାର୍ଯ୍ୟକ୍ରମ ପରି ଚଳନାରେ ସହଯୋଗ କରିଥିଲେ।

## ୨୫ କିଲୋ ସମ୍ବର ମାଂସ, ୨ଟି ଧନୁ,୪ଟି ତୀର, ୧ଟି ଦେଶୀ ବନ୍ଧୁକ ସହିତ ଜଣେ ଗିରଫ



କପ୍ତିପଦା, ୧୪/୯ (ନି.ପ୍ର): କପ୍ତିପଦା ବନାଞ୍ଚଳ ଅନ୍ତର୍ଗତ ନଟୋ ସେକସନ୍ ଏରିୟା କଟୁରିଆ ବିନ୍ଧାନୀ ସାହି ଜଣେ ଶିକାରୀକୁ ଗିରଫ କରାଯିବା ସହିତ ତା ନିକଟରୁ ୨୫କିଲୋ ସମ୍ବର ମାଂସ, ୨ଟି ଧନୁ, ୪ଟି ତୀର ସହିତ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାରିପଦା ବନଖଣ୍ଡ ଅଦ୍‌କାରୀ ଏମ୍. ଉମାମହେଶଙ୍କ ନିର୍ଦ୍ଦେଶକ୍ରମେ ଏଲ ୧୫ଜଣିଆ ଟିମ୍ ଗଠନ କରାଯାଇ ଶରତ ବିଟ୍ ନଟୋ ସେକସନ୍ ଏରିଆ କଟୁରିଆ ବିନ୍ଧାଣୀସାହିର ଶିକାରୀ ଚୈତନ୍ୟ ମୁର୍ମୁ(୩୬)ର ଘରୁ ୨୫କିଲୋ ସରେ ମାଂସ, ୨ଟି ଧନୁ,୪ଟି ତୀର ସହିତ ଏକ ଦେଶୀ ବନ୍ଧୁକ ଜବତ୍ କରିବା ସହିତ ଶିକାରୀ ଚୈତନ୍ୟକୁ ଗିରଫ କରିଛି ବନବିଭାଗ । ଏହି ଚଢାଉ ଭୋର ୫ଟା ୩୦ ମିନିଟ୍ ସମୟରେ କରାଯାଇଥିଲା । ଏଥିରେ ନିଜେ ମୟୂରଭଂଜ ବନଖଣ୍ଡ ଅଧିକାରୀ ଏମ. ଉମାମହେଶ, ଏସିଏଫ ଅରଣ କୁମାର ବିଶ୍ୱାଳ, କପ୍ତିପଦା ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ, ଶରତ, କଟୁରିଆ ଓ ପୋଡାଡିହା ବିଟର ବନରକ୍ଷୀ, ଟାଇଗର ଫୋର୍ସମାନେ ସାମିଲ ଥିଲେ । ଅଭିଯୁକ୍ତକୁ କପ୍ତିପଦା ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିଲା । ଓଆରକେ ୪୩/ ୨୪ରେ ଏକ ମକଦ୍ଦମା ରୁଜୁ କରାଯାଇ ଆସାମୀକୁ କୋର୍ଟଚାଲାଣ କରାଯାଇଛି ।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ଚମ୍ପୁଆ, ୧୪/୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ୫୨୦ନଂ ଜାତୀୟ ରାଜପଥ ତଡ଼ୁଆ ବାହାଳ ଓଭରବ୍ରିଜ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ମୟୁରଭଞ୍ଜ ଜିଲା ରରୁଆଁ ଥାନା ବାଲିପଶି, ଇନ୍ଦୁପୁରର ମଂଟୁସ କୁମାର ପାତ୍ର ବୋଲି ପରିଚୟ ମିଳିଛି । ସେ ଏକ ସିକ୍ୟୁରିଟି ଏଜେନ୍ସୀରେ କାର୍ଯ୍ୟ କରୁଥିବା ତାଙ୍କର ପରିଚୟ ପତ୍ରରୁ ଜଣା ପଡିଛି। ଆଜି ସନ୍ଧ୍ୟା ସମୟରେ ସେ ରିମୁଳି ପଟୁ ଯୋଡ଼ା ଅଭିମୁଖେ ଯାଉଥିବା ବେଳେ, ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ତେବେ ଦୁର୍ଘଟଣା ଘଟାଇଥିବା ଗାଡିର କୌଣସି ସନ୍ଧାନ ମିଳିପାରି ନଥିବା ଜଣାପଡିଛି।

## ଖୋଲିଲା କୋଲାବ ଡ୍ୟାମର ଗେଟ୍

ଜୟପୁର, ୧୪/୯ (ନି.ପ୍ର): ବଙ୍ଗୋପସାଗରରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲାର ନଦୀ ଅବବାହିକାରେ ଥିବା ଗ୍ରାମ ଗୁଡିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ବହୁ ଧନ ଜୀବନ ଓ ଚାଷ ଜମି ମଧ ନଷ୍ଟ ହୋଇଯାଇଛି। କୋରାପୁଟ ଜିଲ୍ଲାରେ ଲଗାଣ ବର୍ଷା ଲାଗିରହିଥିବା ହେତୁ କୋଲାବ ନଦୀର ଉପର ମୁଣ୍ଡରେ ଅତ୍ୟଧିକ ବର୍ଷା ହୋଇଥିବା ଯୋଗୁଁ ଅପର କୋଲାବ ଜଳ ଭଣ୍ଡାରରେ ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି ଯାହା ଫଳରେ ଜଳ ଭଣ୍ଡାର ପାଇଁ ବିପଦ ସଂକୁଳ ପରିସ୍ଥିତି ସୃଷ୍ଟି ହୋଇଛି। । ଏଣୁ ଅପର କୋଲାବ ଜଳ ସମ୍ପଦ ବିଭାଗ ପକ୍ଷରୁ ଆଜି ଜଳଭଣ୍ଡାରରୁ ଜଳ ନିଷ୍କାସନ ନିମନ୍ତେ ଗେଟ ଖୋଲାଯାଇଥିବା ବିଷୟ ଅପର କୋଲାବ ବନ୍ଧ ଅଧିକ୍ଷଣ ଯନ୍ତ୍ରୀ ନୀଳମଣି ଜ୍ଞାନଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ଆଜି ଜଳଭଣ୍ଡାରରୁ ଅପରହ୍ନ ୩ଟା ସମୟରେ ଜଳ ନିଷ୍କାସନ କରାଯାଇଛି । ତଳୁଆ ଅଂଚଳରେ ଥିବା କୋଟପାଡ, କୁନ୍ଦୁରା, ଜୟପୁର, ବୈପାରିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏନେଇ ସୂଚନା ଜାରି କରାଯାଇଛି ଏବଂ ତଳିଆ ଅଂଚଳରେ ବସତି ସ୍ଥାପନ କରିଥିବା ଜନସାଧରଣଙ୍କୁ ମଧ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଛି ।

## ବିଜେବି ନଗର କ୍ୟାରମ ଫିଲଡ଼ ଗଣେଶ ପୂଜା ମଣ୍ଡପରେ ବୁଲିଲା ଖଣ୍ଡା

ଭୁବନେଶ୍ୱର, ୧୪/୯ (ନି.ପ୍ର): ବିଜେବି ନଗର କ୍ୟାରମ ଫିଲଡ଼ ଗଣେଶ ପୂଜା ମଣ୍ଡପରେ ବୁଲିଲା ଖଣ୍ଡା । ଯାହାକୁ ପାରିଲା ତାକୁ ହାଣିଲା ଦୁର୍ଦ୍ଦାନ୍ତ ଅପରାଧୀ ଚିଂଟୁ । ଘଟଣା ଘଟିଛି ବିଜେବି ନଗର କ୍ୟାରମ ଫିଲଡ଼ ଗଣେଶ ପୂଜା ମଣ୍ଡପରେ । ଗତକାଲି ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା । ଯାହାକୁ କେନ୍ଦ୍ର କରି ଚିଂଟୁ ଏକ ଖଣ୍ଡାରେ ଅନ୍ୟ ଗୋଷ୍ଠୀର କିଛି ଯୁବକକୁ ଗୋଡେଇ ଗୋଡେଇ ଆକ୍ରମଣ କରୁଥିଲା । ଏନେଇ ଥାନାରେ ଅଭିଯୋଗ ପରେ ଚିଂଟୁକୁ ଗିର କରିଛି ବଡ଼ଗଡ଼ ଥାନା ପୋଲିସ । ତା ପାଖରୁ ପୋଲିସ ଏକ ଖଣ୍ଡା ଜବତ କରିଛି ।

## ଅବ୍ୟବସ୍ଥା ମଧ୍ୟରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ



ଖଇରା, ୧୪/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ହାଇସ୍କୁଲରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ୩ଦିନ ପୂର୍ବରୁ ଲଘଚାପ ଜନିତ ବର୍ଷା ସମ୍ପର୍କିତ ଘୋଷଣା କରାଯାଇଥିବା ବେଳେ ସଭାସ୍ଥଳରେ ପିଲାଙ୍କ ବସିବା ପାଇଁ ଟେଣ୍ଟର ବ୍ୟବସ୍ଥା କରାନଯିବା ବିଭାଗୀୟ ଅବହେଳାକୁ ପଦାରେ ପକାଇଛି । ପିଲାମାନେ ବର୍ଷାରେ ଭିଜି ଭିଜି ଛତା ମୁଣ୍ଡେଇ ନିଜେ ଚେୟାର ଆଣି ବସିବା ଏଭଳି କାର୍ଯ୍ୟକ୍ରମ ର ସଫଳତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ମଞ୍ଚରେ ବସିଥିବା ବିଧାୟକ ଓ ଅନ୍ୟ ଅତିଥି ମାନେ ନିଜ ଭାଷଣରେ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଏଭଳି ଅବ୍ୟବସ୍ଥାକୁ ନେଇ ଅଭିଭାବକ, ଛାତ୍ରୀଛାତ୍ର ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଅବ୍ୟବସ୍ଥା ସମ୍ପର୍କରେ ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ଯୋଗାଯୋଗ କରିଥିବାରେ କାର୍ଯ୍ୟକ୍ରମ ପାଇଁ ୮୮ହଜାର ଟଙ୍କା ଆସିଥିବା ବେଳେ ଯେଉଁମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେମାନେ ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିନଥିବାରୁ ଏଭଳି ପରିସ୍ଥିତି ଉପୁଜିଥିବା କହିଛନ୍ତି । ଆଗକୁ ଏହାର ଉପରେ ଯେଭଳି ପୁରାବୃତ୍ତି ନଘଟିବ ତାଉପରେ ଧ୍ୟାନ ଦିଆଯିବ ବୋଲି କହିଛନ୍ତି ଉକ୍ତ ଉଦଘାଟନୀ ସଭାରେ ବିଧାୟକ ମୁଖ୍ୟଅତିଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ବରେଣ୍ୟ ଅତିଥି,ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ସମିତିସଭ୍ୟ ଅକ୍ଷୟ କୁମାର ଜେନା,ସରପଞ୍ଚ ଜ୍ୟୋସ୍ନାରାଣୀ ଦାସ,ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା,ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରା ଓ କ୍ରୀଡା ସମ୍ପାଦକ ପ୍ରଦୀପ କୁମାର ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ସଭାପତିତ୍ୱ କରିଥିଲେ । ସମସ୍ତ କ୍ରୀଡା ଶିକ୍ଷକ,ସିଆରସିସି,ଗୋଷ୍ଠୀଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ମାଛ ଚାଷ ଦେବ ଭଲ ରୋଜଗାର

### ଲକ୍ଷପତି ବନିବାର ସ୍ୱପ୍ନ ନେବ ବାସ୍ତବ ରୂପ : ଶୋଭା



ଉଦଳା, ୧୪/୯ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ତରଫରୁ 'ରିଲାଏନ୍ସ ଫାଉଣ୍ଡେସନ' ସହଯୋଗରେ ମାଛଚାଷ ପାଇଁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିପାଇଁ ଉଦଳା ବ୍ଲକ ଅଂଚଳରୁ ୧୦ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବଛାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ମାଛଚାଷ କରି କିପରି ଲାଭବାନ ହୋଇ ପାରିବେ ଏଥିପାଇଁ ବୃନ୍ଦାଗଡ଼ିସ୍ଥିତ 'ଶୋଭା' କାର୍ଯ୍ୟାଳୟ ପରିସରରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ସ୍ୱେଚ୍ଛାସେବି ନରେଶ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମାଛ ଚାଷ କିପରି ଆମକୁ ଲକ୍ଷପତି ବନାଇଦେବ ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ମତ୍ସ୍ୟ ବିଭାଗର ଅଧିକାରୀ ସନ୍ଦିପ ଶୋଭନ ବେହେରା ମାଛ ଚାଷର ବିଭିନ୍ନ ବୈଜ୍ଞାନିକ କୌଶଳ ଓ ଏଥିରୁ ମିଳୁଥିବା ଲାଭ ବିଷୟରେ ବିସ୍ତୃତ ବର୍ଣ୍ଣନା କରିବା ସହ ଏ ସମ୍ପର୍କରେ ଅଧିକ କିଛି ଜାଣିବା ପାଇଁ ଚାହିଁଲେ ଉଦଳାସ୍ଥିତ ମତ୍ସ୍ୟ ବିଭାଗର କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସବିତା ସିଂ ଓ ସୁମନ୍ତ କୁମାର ଗିରି ତାଲିମ କାର୍ଯ୍ୟ ପରିଚାଳନାର ନେତୃତ୍ୱ ନେଇଥିଲେ । ଶେଷରେ ସୁକାନ୍ତ ବେହେରା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo